CMYK

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

• Vol.- 46, Issue No. 177
• Saturday, 26 September 2026
• ଶନିବାର, ୨୬ ସେପ୍ଟେମ୍ବର ୨୦୨୬
• Bhubaneswar
• Price: Rs. 3.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

## ପାରାଦୀପ 'ମେଗା ବନ୍ଦର'



ନୂଆଦିଲ୍ଲୀ, ୨୫।୯: ଭାରତ ସରକାର 'ଭାରତୀୟ ବନ୍ଦର ଆଇନ, ୨୦୨୫' ଅଧୀନରେ ପାରାଦୀପ ବନ୍ଦରକୁ ଏକ 'ମେଗା ବନ୍ଦର' ଭାବରେ ଘୋଷଣା କରିଛନ୍ତି। ଏହା ଦେଶର ପୂର୍ବ ଉପକୂଳରେ ଏହି ମାନ୍ୟତା ପାଇଥିବା ଏକମାତ୍ର ବନ୍ଦର । ଉକ୍ତ ଆଇନର ଧାରା ୭୩ରେ ବର୍ଣ୍ଣିତ ଗଠନମୂଳକ ଓ କାର୍ଯ୍ୟକ୍ଷମ ମାନଦଣ୍ଡ ପୂରଣ କରିବା ପରେ, ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ୨୫ ସେପ୍ଟେମ୍ବର ୨୦୨୬ରେ ଏ ସମ୍ବନ୍ଧୀୟ ବିଜ୍ଞପ୍ତି ଜାରି କରିଥିଲା ।ପାରାଦୀପ ବନ୍ଦର ବ୍ୟତୀତ, ଅନ୍ୟ ତିନୋଟି ବନ୍ଦରକୁ ମଧ୍ୟ 'ମେଗା ବନ୍ଦର' ଭାବରେ ଶ୍ରେଣୀଭୁକ୍ତ କରାଯାଇଛି। ସେଗୁଡ଼ିକ ହେଉଛି ଦୀନଦୟାଲ ବନ୍ଦର (କାଣ୍ଡଲା), ଜବାହରଲାଲ ନେହେରୁ ବନ୍ଦର (ନାଭା ସେଭା) ଏବଂ ମୁନ୍ଦ୍ରା ବନ୍ଦର।

## ୫ ଜିଲ୍ଲାରେ ସ୍କୁଲ ଛୁଟି

ଭୁବନେଶ୍ୱର/କଟକ, ୨୫।୯ : ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଶନିବାର କଟକ ଜିଲ୍ଲାର ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି। କଟକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିକ୍ଷା ଅଧିକାରୀ ଶୁକ୍ରବାର ଏନେଇ ସମସ୍ତ ବିଇଓ, ପ୍ରଧାନଶିକ୍ଷକ ଓ ଅଧକ୍ଷମାନଙ୍କୁ ଚିଠି ଲେଖି ଏହି ସୂଚନା ଦେଇଛନ୍ତି।କଟକ ସମେତ ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ ଭଦ୍ରକ ଜିଲ୍ଲାର ୩୯୯ ସ୍କୁଲ ଛୁଟି ଘୋଷଣା କରାଯାଇଛି।

## ମହାବଳ ବାଘକୁ ଉଦ୍ଧାର କଲା ବନବିଭାଗ



ବାରିପଦା, ୨୫।୯: ଦୀର୍ଘ ୭ଘଣ୍ଟା ଅପରେସନ ପରେ ଧରାପଡ଼ିଲା ଘରେ ପଶିଥିବା ମହାବଳ ବାଘ । ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ରେଞ୍ଜର ଖାପର ଖାଇ ଗାଁରୁ ଉଦ୍ଧାର ହୋଇଥିଲା। ମହାବଳ । ଗତକାଲି ରାତିରେ ଏହି ବାଘ ଛୁଆଟି ପ୍ରଥମେ ଗାଁର ଏକ ଗୁହାଳ ଘରେ ପ୍ରବେଶ କରିଥିଲା । ପରେ ଏକ ଅବ୍ୟବହୃତ ଘର ଭିତରେ ପଶିଥିଲା। ତେବେ ବାଘଟି ଘରେ ପଶିବା ମାତ୍ରେ ସ୍ଥାନୀୟ ଲୋକେ ସାହସର ସହ ତୁରନ୍ତ ବାହାରୁ କବାଟ ବନ୍ଦ କରି ତାଲା ପକାଇ ଦେଇଥିଲେ। ଖବର ପାଇ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ପହଞ୍ଚି ଘରକୁ ଚାରିପଟୁ ଘେରି ରଖିଥିଲେ । ଘର ଭିତରେ ବାଘ ଥିବା ଖବର ପ୍ରଚାର ହେବା ପରେ ସାରା ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଥିଲା । ବାଘକୁ ସୁରକ୍ଷିତ ଭାବେ କାବୁ କରିବା ପାଇଁ ଆରମ୍ଭ ହୋଇଥିଲା ଅପରେସନ । ଶେଷରେ ବନବିଭାଗର ଉଦ୍ୟମ ସଫଳ ହୋଇଛି। ଅସୁସ୍ଥ ଥିବା ଏହି ମହାବଳ ୭ରୁ ୮ ମାସର ହେବ ବୋଲି କୁହାଯାଇଛି।

# ଆଖୁ ଚାଷୀଙ୍କ ବଢ଼ିବ ଆୟ

ଭୁବନେଶ୍ୱର, ୨୫।୯(ନିପ୍ର): ସମବାୟ ସଂସ୍ଥା କୌଣସି ରାଜନୈତିକ ମଞ୍ଚ ନୁହେଁ, ଏହା ହେଉଛି ଆମର ଅନ୍ନଦାତା ଚାଷୀ ଭାଇଭଉଣୀଙ୍କ ଜୀବନରେଖା। ଶୁକ୍ରବାର ପ୍ୟାକ୍ସ ଓ ଲ୍ୟାମ୍ପସର ମେଗା ମେମ୍ବରସିପ୍ ଡ୍ରାଇଭ୍ 'ସମ୍ବନ୍ଧ'ର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏପରି କହିଛନ୍ତି ।ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, 'ସମ୍ବନ୍ଧ' କେବଳ ଗୋଟିଏ ଯୋଜନାର ଶୁଭାରମ୍ଭ ନୁହେଁ, ବରଂ ଏହା ସରକାର ଏବଂ ରାଜ୍ୟର ପ୍ରତ୍ୟେକ ଚାଷୀ ପରିବାର ମଧ୍ୟରେ ନିବିଡ଼ ସମ୍ପର୍କ ଓ ବିଶ୍ୱାସର ବନ୍ଧନକୁ ସୁଦୃଢ଼ କରିବାର ଏକ ଅଭିନବ ପ୍ରୟାସ । ରାଜ୍ୟର କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଉପରେ ନିର୍ଭରଶୀଳ ଚାଷୀଙ୍କ ଜୀବନରେ ଏହା ଏକ ନୂତନ ଫର୍ଦ୍ଦ ଯୋଡ଼ିବ ବୋଲି ସେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କୃଷକମାନଙ୍କୁ ବିପୁଳ ସଂଖ୍ୟାରେ ପ୍ୟାକ୍ସ ଓ ଲ୍ୟାମ୍ପସ୍‌ରେ ଯୋଡ଼ି ହେବାକୁ ଆହ୍ୱାନ ଦେଇଥିଲେ । ସେ ପୁଣି କହିଥିଲେ, ପ୍ୟାକ୍ସ ଓ ଲ୍ୟାମ୍ପସ୍‌କୁ କେବଳ ଋଣ ପ୍ରଦାନ ମଧ୍ୟରେ ସୀମିତ ନ ରଖି ଗ୍ରାମାଞ୍ଚଳର 'ମଲ୍ଟି-ସର୍ଭିସ୍ ୱାନ୍-ଷ୍ଟପ୍ ସଲ୍ୟୁସନ୍' ସେଣ୍ଟରରେ ପରିଣତ କରାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୮୫ଟି ରୂପାନ୍ତରିତ ମଣ୍ଡି, ୫୦ଟି କଷ୍ଟମ୍ ହାୟାରିଂ ସେଣ୍ଟର, ୨୫୦ଟି ଜନସେବା କେନ୍ଦ୍ର, ୬୦ଟି ନୂତନ କଂଜ୍ୟୁମର ଷ୍ଟୋର, ୭୦ଟି ପ୍ୟାକ୍ସର ନୂତନ କାର୍ଯ୍ୟାଳୟ ଓ ଗୋଦାମ ଘର, ୨୧ଟି ପ୍ୟାକ୍ସରେ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟନ କରିବା ସହିତ ୪ଟି ଆଦର୍ଶ ମଣ୍ଡି ଏବଂ ବିଶ୍ୱର ସର୍ବବୃହତ୍ ଶସ୍ୟ ସଂରକ୍ଷଣ ଯୋଜନାରେ ୩ଟି ଶସ୍ୟ ଗୋଦାମଘରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସମବାୟ ସମିତିଗୁଡ଼ିକର କାର୍ଯ୍ୟଶୈଳୀକୁ ଅଧିକ ସ୍ୱଚ୍ଛ ଓ ଦକ୍ଷ କରିବା ପାଇଁ ନ୍ୟାସନାଲ ପ୍ୟାକ୍ସ ସଫଟୱେୟାର ମାଧ୍ୟମରେ କୋର୍ ବ୍ୟାଙ୍କିଙ୍ଗ୍ ଓ ରିଅଲ-ଟାଇମ ସେଟେଲମେଣ୍ଟ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହିକ୍ରମରେ ୩୦୦ଟି ପ୍ୟାକ୍ସରେ ଏନଏଲପିଏସ ମାଧ୍ୟମରେ ଅନ୍‌ଲାଇନ୍ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ପ୍ରଥମ ଥର ପାଇଁ ପ୍ୟାକ୍ସ ଓ ଲ୍ୟାମ୍ପସର ଚାଷୀ-ସଦସ୍ୟମାନଙ୍କୁ ଲାଭାଂଶ ବଣ୍ଟନ ପ୍ରକ୍ରିୟା ଆରମ୍ଭ କରାଯାଇଛି । ରାଜ୍ୟର ଆଖୁ ଚାଷୀଙ୍କ ଆୟ ବୃଦ୍ଧି ଓ ସମବାୟ ଚିନି ଶିଳ୍ପର ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀ "ସମବାୟ ଚିନି ଶିଳ୍ପ ଅଞ୍ଚଳରେ ଆଖୁ ଉତ୍ପାଦନ ପ୍ରୋତ୍ସାହନ" ଯୋଜନାର ଶୁଭାରମ୍ଭ କରିଛନ୍ତି।ଏହି ଯୋଜନା ଅଧୀନରେ ପ୍ରାରମ୍ଭିକ ପର୍ଯ୍ୟାୟରେ ବଡ଼ମ୍ବା ଓ ଆସିକା ସମବାୟ ଚିନି କଳ ଅଞ୍ଚଳର ଚାଷୀମାନଙ୍କୁ ଏକର ପ୍ରତି ୧୫,୦୦୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଆଖୁ ଚାଷୀମାନଙ୍କୁ ଉଚ୍ଚ ସୁଗାର କଣ୍ଟେଣ୍ଟ ଥିବା ଉନ୍ନତମାନର ଆଖୁ ବିହନ ଯୋଗାଇବାକୁ କୃଷି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମର ୧୧ ଜଣ ସହକାରୀ ଅଧୀକ୍ଷକ, ୧୯ ଜଣ ପଣ୍ୟାଗାର ସହାୟକ ଏବଂ ୩୬ ଜଣ ସମବାୟ ନିରୀକ୍ଷକଙ୍କୁ ଆନୁଷ୍ଠାନିକ ଭାବେ ନିଯୁକ୍ତି ପତ୍ର ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମରେ ଆୟୋଜିତ ଏକ ପ୍ରଦର୍ଶନୀ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ । ସମାରୋହରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ସମବାୟ ମାଧ୍ୟମରେ ହିଁ ଗ୍ରାମୀଣ ଅର୍ଥନୀତିର ଦ୍ରୁତ ବିକାଶ ସମ୍ଭବ ବୋଲି ପ୍ରକାଶ କରିଥିବା ବେଳେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ୨୦୩୬ ଓ ୨୦୪୭ ଲକ୍ଷ୍ୟ ପୂରଣ ଦିଗରେ ସମବାୟର ମହତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଉଲ୍ଲେଖ କରିଥିଲେ।

- ଏକର ପ୍ରତି ମିଳିବ ୧୫ ହଜାର ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି
- ଅନ୍ନଦାତାଙ୍କ ପାଇଁ ଜୀବନରେଖା ସମବାୟ ସଂସ୍ଥା
- 'ସମ୍ବନ୍ଧ'ବିଶ୍ୱାସର ବନ୍ଧନକୁ ସୁଦୃଢ଼ କରିବାର ଅଭିନବ ପ୍ରୟାସ: ମୁଖ୍ୟମନ୍ତ୍ରୀ
- ୧୮୫ ରୂପାନ୍ତରିତ ମଣ୍ଡି, ୫୦ କଷ୍ଟମ୍ ହାୟାରିଂ ସେଣ୍ଟର ଉଦ୍‌ଘାଟିତ
- ପ୍ୟାକ୍ସ ଓ ଲ୍ୟାମ୍ପସ୍ 'ମଲ୍ଟି-ସର୍ଭିସ୍ ୱାନ୍-ଷ୍ଟପ୍ ସଲ୍ୟୁସନ୍' ସେଣ୍ଟର



## ଏସୀୟ କ୍ରୀଡ଼ା : ଭାରତକୁ ଏୟାର ପିସ୍ତଲରେ ମିଳିଲା ସ୍ୱର୍ଣ୍ଣ ପଦକ




ଭୁବନେଶ୍ୱର, ୨୫।୯: ଏସିଆନ ଗେମ୍ସ ୨୦୨୬ରେ ଭାରତକୁ ଶୁଟିଂରୁ ଆଉ ଏକ ବଡ଼ ସଫଳତା ମିଳିଛି। କମଲଜିତ୍ ଏବଂ ସୁରୁଚିଙ୍କ ଯୋଡ଼ି ମିକ୍ସଡ୍ ଟିମ୍ ୧୦ ମିଟର ଏୟାର ପିସ୍ତଲ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ବିଜୟ ସହ ଭାରତ ଖାତାକୁ ଏସିଆନ ଗେମ୍ସର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଆସିଛି। ଏହାପୂର୍ବରୁ ମହିଳା କ୍ରିକେଟ୍ ଦଳ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିଲା ।ପୁରୁଷ ୫୦ ମିଟର ରାଇଫଲ୍ ୩ ପୋଜିସନ୍ସ ପ୍ରତିଯୋଗିତାରେ ଐଶ୍ୱର୍ଯ୍ୟ ପ୍ରତାପ ସିଂହ ତୋମାର, ରୁଦ୍ରାଙ୍କ୍ଷ ପାଟିଲ୍ ଓ ନୀରଜ କୁମାରଙ୍କ ଦଳ ରୌପ୍ୟ ପଦକ ଜିତିଛନ୍ତି। ଭାରତୀୟ ମହିଳା କବାଡି ଦଳ ସେମିଫାଇନାଲ ମ୍ୟାଚରେ ନେପାଳ ବିପକ୍ଷରେ ଚମତ୍କାର ପ୍ରଦର୍ଶନ କରିଛି । ଏହି ମ୍ୟାଚରେ ଭାରତୀୟ ମହିଳା କବାଡି ଦଳ ନେପାଳକୁ ୪୮-୨୪ ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଭାରତର ୧୮ ବର୍ଷୀୟା ଅନାହତ ସିଂହ ମହିଳା ସିଙ୍ଗଲ୍ସ ସ୍କ୍ୱାଶ୍ ପ୍ରତିଯୋଗିତାର ସେମିଫାଇନାଲରେ ନିଜର ସ୍ଥାନ ପକ୍କା କରିନେଇଛନ୍ତି । ସେ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ନିଜ ଦେଶର ତନଭୀ ଖାନ୍ନାଙ୍କୁ ମାତ୍ର ୧୫ ମିନିଟ୍‌ରେ ୩-୦ ରେ ପରାସ୍ତ କରିଛନ୍ତି । ଅନାହତ ଆରମ୍ଭରୁ ହିଁ ନିଜର ଦବଦବା ବଜାୟ ରଖି ୧୧-୨, ୧୧-୫, ୧୧-୩ ରେ ଏହି ମୁକାବିଲାକୁ ନିଜ ନାମରେ କରିଥିଲେ । ବ୍ୟାଡମିଣ୍ଟନରେ ଭାରତର ସାତ୍ୱିକ-ଚିରାଗ ଯୋଡ଼ି ଏକ ବଡ଼ ବିପର୍ଯ୍ୟୟର ଶିକାର ହୋଇଛନ୍ତି ।

## ଏମ୍‌ଏମ୍‌ଡିଆର ପ୍ରସଙ୍ଗ: ଗୃହ ଅଚଳ କଲେ ବିରୋଧୀ



ଭୁବନେଶ୍ୱର, ୨୫।୯: ଚାରି ଦିନ ହୋଇଗଲା ବିଧାନସଭାର ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରୁନାହିଁ । ଏମଏମଡିଆର ପ୍ରସଙ୍ଗରେ ଶୁକ୍ରବାର ଗୃହ ଭିତରେ ଓ ବାହାରେ ହରତାଳ କରିଥିଲେ ବିଜେଡି, କଂଗ୍ରେସ । ୯ଟି କାର୍ଯ୍ୟ ଦିବସରୁ ୪ ଦିନ ପଳେଇ ଗଲାଣି । ଏମଏମଡିଆର ପ୍ରସଙ୍ଗରେ ବିଜେଡି ଓ କଂଗ୍ରେସ ସଦସ୍ୟଙ୍କ ହରତାଳରେ କମ୍ପୁଛି ଗୃହ । ବିଧାନସଭା ବାହାରକୁ ଯାଇ ରାସ୍ତାରେ ଲୋକଙ୍କୁ ଲିଫଲେଟ ବଣ୍ଟନ କରିଛି ବିଜେଡି, ଏମଏମଡିଆର ଆଇନ ଦ୍ୱାରା ଓଡ଼ିଶା କେତେ କ୍ଷତି ସହିବ । ପରେ ପରେ ବିଧାନସଭା କରିଡରରେ ଥିବା ମନ୍ତ୍ରୀଙ୍କ ଚ୍ୟାମ୍ବରରେ ଲିଫଲେଟ ପକାଇଛନ୍ତି । କଂଗ୍ରେସ ମଧ୍ୟ ବିଧାନସଭା ବାହାରେ ପ୍ରତିବାଦ କରିଛି । ଗତ ୪ ଦିନରେ ଗୃହ ମାତ୍ର ୭୮ ମିନିଟ ଚାଲିଛି।

## ସିଜେପିକୁ ଝଟକା: ହାଇକୋର୍ଟଙ୍କ ନୋଟିସ



ନୂଆଦିଲ୍ଲୀ, ୨୫।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫଟୋ ସହ ଅନ୍ୟ ଜଣେ ମହିଳାଙ୍କ ଫଟୋକୁ ବିକୃତ କରି ଯୋଡି ତାକୁ ପ୍ରଦର୍ଶନ କରିବା ଅଭିଯୋଗରେ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର କକ୍ରୋଚ ଜନତା ପାର୍ଟିର ଆବାହକ ଅଭିଜିତ ଦୀପ୍‌କେ ଏବଂ ମୁଖପାତ୍ର ସୌରଭ ଦାସ ଓ ଅଶୁତୋଷ ରାଙ୍କାଙ୍କୁ ନୋଟିସ ଜାରି କରିଛନ୍ତି । ନିଜ ରାୟରେ ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ ଗିରିଶ କାଠପାଲିଆ ଦର୍ଶାଇଛନ୍ତି ଯେ, ଏହା କେବଳ ଜଣେ ମହିଳାଙ୍କ ଆତ୍ମସମ୍ମାନର କଥା ନୁହେଁ, ଏହା ଦେଶର ପ୍ରଧାନମନ୍ତ୍ରୀଙ୍କ ପଦ ମର୍ଯ୍ୟାଦାର କଥା । ଆସନ୍ତା ଅକଟୋବର ୧୪ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି । ମହିଳା ଜଣକ ନିଜ ଅଭିଯୋଗରେ ଦର୍ଶାଇଥିଲେ ଯେ, ସିଜେପିର ନେତାମାନେ ତାଙ୍କ ଫଟୋକୁ ବିକୃତ କରି ସୋସିଆଲ ମିଡିଆରେ ବ୍ୟବହାର କରିଛନ୍ତି ।

## ଲାଞ୍ଚ ନେଉଥିଲେ ଜେଆର୍‌ଏ, ବାନ୍ଧିଲା ଭିଜିଲାନ୍‌ସ



କଟକ, ୨୫।୯(ନିପ୍ର) : ଯାଜପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜୁନିଅର ରେଭିନ୍ୟୁ ଆସିଷ୍ଟାଣ୍ଟ(ଜେଆର୍‌ଏ) ପ୍ରସନ୍ନ କୁମାର ସାହାଣୀଙ୍କୁ ୪୦ ହଜାର ଟଙ୍କା ଲାଞ୍ଚ ଦାବି କରିବା ଏବଂ ଗ୍ରହଣ କରିବା ଅଭିଯୋଗରେ ଭିଜିଲାନ୍ସ ଧରିଛି। ଜଣେ ଆବେଦନକାରୀଙ୍କ ମା'ଙ୍କ ନାମରେ ଏକ ଜମି କିଣିବା ପାଇଁ ଅନୁମତି ପ୍ରଦାନ ନିମନ୍ତେ ଫାଇଲ୍ ପ୍ରକ୍ରିୟାକରଣ କରିବାକୁ ସେ ଏହି ଲାଞ୍ଚ ଦାବି କରିଥିଲେ। ଉକ୍ତ ଜମିର ପରିମାଣ ୧୬ ଡେସିମିଲ୍ ଏବଂ ଜମି ମାଲିକ ଅନୁସୂଚିତ ଜାତି ବର୍ଗର ଅଟନ୍ତି। ସରକାରୀ ନିୟମ ଅନୁଯାୟୀ, ଅନୁସୂଚିତ ଜାତି/ଜନଜାତି ବର୍ଗର ବ୍ୟକ୍ତିଙ୍କଠାରୁ ଜମି କିଣିବା ପାଇଁ ସକ୍ଷମ କର୍ତ୍ତୃପକ୍ଷଙ୍କ ଅନୁମତି ଆବଶ୍ୟକ। ଏଥିପାଇଁ ଆବେଦନକାରୀ ଗତ ୨୦୨୫ ନଭେମ୍ବର ୨୯ ୨୯ରେ ନିଜ ମା'ଙ୍କ ନାମରେ ଜମି କିଣିବାକୁ ଅନୁମତି ନିମନ୍ତେ ଯାଜପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ତେବେ ଅଭିଯୁକ୍ତ ଶ୍ରୀ ସାହାଣୀ କୌଣସି କାରଣ ନ ଦର୍ଶାଇ ଫାଇଲ୍ ପ୍ରକ୍ରିୟାକରଣରେ ବିଳମ୍ବ କରୁଥିଲେ। ଆବେଦନକାରୀ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ସେ ଡେସିମିଲ୍ ପିଛା ୩ ହଜାର ଟଙ୍କା ହିସାବରେ ମୋଟ ୪୮ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଆବେଦନକାରୀ ଏତେ ଟଙ୍କା ଦେବାକୁ ଅସମର୍ଥ ବୋଲି ଜଣାଇବା ପରେ ଅଭିଯୁକ୍ତ ଲାଞ୍ଚ ପରିମାଣକୁ ୪୦ ହଜାର ଟଙ୍କାକୁ ହ୍ରାସ କରିଥିଲେ। ଲାଞ୍ଚ ଦାବି ଏବଂ ହଇରାଣ ହରକତରେ ଅତିଷ୍ଠ ହୋଇ ଆବେଦନକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ।

# ଛତିଶଗଡ଼ମୁହାଁ ଗଭୀର ଅବପାତ



- ଦକ୍ଷିଣ ଓଡ଼ିଶା ବେହାଲ, ଉତ୍ତରରେ ବନ୍ୟା ସ୍ଥିତି
- ବନ୍ୟା ଆଶଙ୍କା ନାହିଁ: ସର୍ବୋଚ୍ଚ ଯନ୍ତ୍ରୀ
- ବାଲିଡ଼ିହା ପୋଲ ଉପରେ ୩ ଫୁଟ୍ ଉଚ୍ଚର ବନ୍ୟାଜଳ

ଭୁବନେଶ୍ୱର, ୨୫।୯: ବାତ୍ୟା ଭୟ ଯିବା ପରେ ଲଗାଣ ବର୍ଷା ପରେ ଅଧାରୁ ଅଧିକ ଓଡ଼ିଶାରେ ବନ୍ୟା ଭୟ ଉପୁଜିଛି। ଦକ୍ଷିଣ ଓଡ଼ିଶା ବେହାଲ ହୋଇଥିବା ବେଳେ ଉତ୍ତର, ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶା ଲୋକଙ୍କୁ ପୁଣି ଘାରିଛି ନଇ ବଢ଼ି ଚିନ୍ତା। ଉତ୍ତର ଓଡ଼ିଶା ଓ ଝାଡଖଣ୍ଡରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ଫୁଲି ଉଠିଛି ନଦୀର ଜଳସ୍ତର। ବୁଢ଼ାବଳଙ୍ଗ, ବୈତରଣୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ଜଳକା ନଦୀର ଜଳସ୍ତର ବଢୁଥିବାରୁ ସୃଷ୍ଟି ହୋଇଛି ବନ୍ୟା ପରିସ୍ଥିତି। ଶିମିଳିପାଳ ପାହାଡ଼ ଆଡୁ ପ୍ରଖର ସ୍ରୋତରେ ମାଡି ଆସିଛି ବର୍ଷା ପାଣି। ଫଳରେ ବୁଢ଼ାବଳଙ୍ଗ ସୁବର୍ଣ୍ଣରେଖା ଓ ଜଳକା ନଦୀ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ମୟୂରଭଞ୍ଜ ସମେତ ବାଲେଶ୍ୱର ବସ୍ତା, ବାଲିଆପାଳ, ଜଳେଶ୍ୱର, ଭୋଗରାଇରେ ନଦୀର ଜଳ ବନ୍ଧ ଡେଇଁ ଗାଁରେ ପଶିଛି। କେତେକ ସ୍ଥାନରେ ପୋଲ ଉପରେ ଚାଲିଛି ବଢ଼ି ପାଣି। ପ୍ରଭାବିତ ହୋଇଛି ଜୀବନ ଜୀବିକା। ଗଭୀର ଅବପାତ ଦୁର୍ବଳ ହୋଇ, ଏହା ଛତିଶଗଡ଼ ମୁହାଁ ହୋଇଛି। ଏହାର ପ୍ରଭାବରେ ମହାନଦୀର ଉପରମୁଣ୍ଡ ଛତିଶଗଡ଼ରେ ପ୍ରବଳ ବର୍ଷା ଲାଗି ରହିଛି। ଏଥିସହ ମହାନଦୀର ଉପନଦୀ ତେଲ ଓ ହାତୀ ନଦୀର ଜଳସ୍ତର ବି ବଢୁଛି। ତେବେ ମହାନଦୀର ଜଳ ପ୍ରବାହ କମ୍ ଥିବାରୁ ବନ୍ୟା ଆଶଙ୍କା ନାହିଁ ବୋଲି କହିଛନ୍ତି ଜଳସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ। ପାଟଣା ବ୍ଲକ ମୁଖ୍ୟାଳୟ ବଡ ପାଟଣା ପଞ୍ଚାୟତ ସ୍ୱାମ ମୁଣ୍ଡା ସାହିରେ ଶୁକ୍ରବାର ଅପରାହ୍ନ ୨ ଟା ବେଳେ ଗୋଟିଏ ନିର୍ମାଣାଧୀନ ପରିତ୍ୟକ୍ତ ପୁରୁଣା ଘରର କାନ୍ଥଟି ହଠାତ ଭୁଶୁଡି ପଡିବାରୁ ଜଣେ ଶିଶୁ କନ୍ୟାର ମୃତ୍ୟୁ ଘଟିଛି। ମୃତ ଶିଶୁ କନ୍ୟା ଜଣକ ମୁଣ୍ଡା ସାହିର ବଣ୍ଟି ମୁଣ୍ଡାଙ୍କ ଝିଅ ପ୍ରମିଳା ମୁଣ୍ଡା(୩) ବୋଲି ଜଣାପଡିଛି। ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଜିଲ୍ଲାର କେତେକ ସ୍ଥାନରେ ପୋଲ ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଛି। ବୁଢ଼ାବଳଙ୍ଗ, ବୈତରଣୀ, ଖଡଖାଇ, ପଳପଳା ଆଦି ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଶାମାଖୁଣ୍ଟା ବ୍ଲକରେ ପଳପଳା ନଦୀର ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ଆଜି ବାଲିଡ଼ିହା ପୋଲ ଉପରେ ପ୍ରାୟ ୩ ଫୁଟ୍ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେବାରୁ ଯାତାୟତ ବାଧାପ୍ରାପ୍ତ ହୋଇଛି।

### ଅବପାତ ପ୍ରଭାବ, ୨ ଦିନ ପ୍ରବଳ ବର୍ଷିବ
### ୨୭ରୁ ବଦଳିପାରେ ପାଗ

ଭୁବନେଶ୍ୱର, ୨୫।୯: ଅବପାତ ପ୍ରଭାବରେ ଓଡ଼ିଶାରେ ବର୍ଷା ଜାରି ରହିଛି । ବର୍ତ୍ତମାନ ଅବପାତଟି ଦକ୍ଷିଣ ଓଡିଶା ଓ ପାର୍ଶ୍ୱବର୍ତ୍ତୀ ସଂଲଗ୍ନ ଦକ୍ଷିଣ ଛତିଶଗଡ଼ ଉପରେ ସକ୍ରିୟ ରହିଛି । ଆଗାମୀ ୧୨ ଘଣ୍ଟା ମଧ୍ୟରେ ଏହାର ସ୍ଥିତି ଅବପାତ ଭାବେ ସକ୍ରିୟ ହୋଇ ରହିବା ସହ ୧୨ ଘଣ୍ଟା ପରେ କ୍ରମଶଃ ଦୁର୍ବଳ ହୋଇ ସମାନ ଅଞ୍ଚଳରେ ଏକା ସ୍ପଷ୍ଟ ଚିହ୍ନିତ ବା ସଦୃଶ ଲଘୁଚାପରେ ପରିଣତ ହେବ । ଏହାର ପ୍ରଭାବରେ ଆହୁରି ୨ ଦିନ ପ୍ରବଳ ବର୍ଷା ସହ ପବନର ସମ୍ଭାବନା ଥିବା ବେଳେ ପରେ ବର୍ଷା କମିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି ।ଆସନ୍ତା ୨୪ ଘଣ୍ଟାରେ ଅନେକ ସ୍ଥାନରେ ବର୍ଷା ଜାରି ରହିବ । ୮ ଜିଲ୍ଲା ଯଥା- କେନ୍ଦୁଝର, ସୁନ୍ଦରଗଡ, ମୟୂରଭଞ୍ଜ, ଝାରସୁଗୁଡା, ସମ୍ବଲପୁର, ବରଗଡ଼, ନୂଆପଡା ଓ ନବରଙ୍ଗପୁରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ୫୦ ରୁ ୬୦ କିମି ବେଗରେ ପବନ ବହିବାର ସମ୍ଭାବନା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ବିଭାଗ ।ସେହିପରି ଶନିବାର ସୁନ୍ଦରଗଡ, ଝାରସୁଗୁଡା ଓ ବରଗଡରେ ପ୍ରବଳ ବର୍ଷା ସହ ୪୦ ରୁ ୬୦ କିମି ବେଗରେ ପବନ ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର। ଆସନ୍ତା ୨୭ରୁ ପାଗ ବଦଳିବା ସହ ବର୍ଷା କମିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ।

## ବୈତରଣୀରେ ନବମ ବନ୍ୟା
### ଘାଇ ପୁଣି ଭୁଶୁଡ଼ିଲା, ଜଳମଗ୍ନ ଦଶରଥପୁର



ଯାଜପୁର, ୨୫।୯: ବୈତରଣୀ ନଦୀରେ ଚଳିତ ବର୍ଷର ନବମ ବନ୍ୟା ପୁଣି ଦଶରଥପୁରବାସୀଙ୍କ ଚିନ୍ତା ବଢ଼ାଇଛି। ଶାଖା ନଦୀ କାଣୀରେ ଗତ ଜୁଲାଇ ରେ ସୃଷ୍ଟି ହୋଇଥିବା ଘାଇ ପୁଣି ଭାଙ୍ଗିଯିବାରୁ ବନ୍ୟାଜଳ ଗାଁ ଭିତରକୁ ମାଡ଼ି ଆସିଛି। ଫଳରେ ଦଶରଥପୁର ବ୍ଲକର ତରପଦା ଓ କସପା ପଞ୍ଚାୟତ ସମ୍ପୂର୍ଣ୍ଣ ଜଳାର୍ଣ୍ଣବ ହୋଇପଡ଼ିଛି। ଅହିୟାସ ବଜାରରେ ମଧ୍ୟ ପୁଣି ପଶିଛି ବନ୍ୟା ପାଣି ।ଗତ ୪ ଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ଜାରି ରହିଥିବାରୁ ବୈତରଣୀରେ ଜଳସ୍ତର ଦ୍ରୁତ ବଢ଼ିଛି। ଏହାର ପ୍ରଭାବରେ କାଣୀ ନଦୀର ସୁରକ୍ଷା ବନ୍ଧ ପୁଣି ଭାଙ୍ଗିଯାଇଛି। ସୂଚନା ଅନୁସାରେ, ବର୍ତ୍ତମାନ ଘାଇଟି ୧୦୦ ଫୁଟରୁ ଅଧିକ ଲମ୍ବରେ ପ୍ରସାରିତ ହୋଇଛି ।ସବୁଠୁ ବଡ଼ କଥା ହେଉଛି, ଏହି ସମାନ ସ୍ଥାନରେ ଗତ ଜୁଲାଇ ୨୮ ତାରିଖରେ ଦ୍ୱିତୀୟ ବନ୍ୟା ସମୟରେ ଘାଇ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକେ ନିମ୍ନମାନର କାମ ଯୋଗୁଁ ବନ୍ଧ ପୁଣି ଭାଙ୍ଗିଥିବା ଅଭିଯୋଗ କରିଛନ୍ତି। ଘାଇ ହେବା ପରେ ତଳିଆ ଅଞ୍ଚଳରେ ବନ୍ୟାଜଳ ଦ୍ରୁତ ବେଗରେ ପ୍ରବେଶ କରୁଛି। ପରିସ୍ଥିତି ଗୁରୁତର ହେବାରୁ ଅନେକ ପରିବାର ଘର ଛାଡ଼ି ନଦୀବନ୍ଧ ଉପରେ ପାଲ ବାନ୍ଧି ଆଶ୍ରୟ ନେବା ଆରମ୍ଭ କରିଛନ୍ତି। ଲଗାଣ ବର୍ଷା ସହ ପବନ ଲାଗି ରହିଥିବାରୁ ବନ୍ୟା ପୀଡ଼ିତଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିଛି। ଅପରପକ୍ଷେ ବୈତରଣୀ ନଦୀ ଆଖୁଆପଦାରେ ୧୮.୩୩ ମିଟର ଏବଂ ଦଶରଥପୁରରେ ୯.୫୨ ମିଟର ଜଳସ୍ତର ସହ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି।

# ମୁକ୍ତିର ପାଥେୟ ଭାଗବତ



**ଉତ୍କଳୀୟ ପ୍ରାଣର ଆରାଧ୍ୟ ଦେବତା ଓ ଆମ ଆଧ୍ୟାତ୍ମିକ ଜୀବନ, ସମାଜ, ସଂସ୍କୃତି ସବୁକିଛିର ସେ ହେଉଛନ୍ତି ପ୍ରାଣବିନ୍ଦୁ। ସେ ହିଁ ପୂର୍ଣ୍ଣବ୍ରହ୍ମ, ପରମବ୍ରହ୍ମ ଶ୍ରୀଜଗନ୍ନାଥ। ସେ ସବୁବେଳେ ଭକ୍ତମାନଙ୍କର ନିଜର ହୋଇଥାନ୍ତି। ଭକ୍ତ ଦାସିଆ ବାଉରୀ ହାତରୁ ନଡ଼ିଆ ଗ୍ରହଣ କରନ୍ତି ଆଉ ବୁଭୁକ୍ଷୁ ଭକ୍ତ ବନ୍ଧୁ ମହାନ୍ତିଙ୍କୁ ରତ୍ନଥାଳିରେ ପ୍ରସାଦ ଦିଅନ୍ତି। ଏପରିକି ତାଙ୍କ ପ୍ରଥମ ଓ ମୁଖ୍ୟ ସେବକ ଠାକୁର ରାଜା ପୁରୁଷୋତ୍ତମ ଦେବଙ୍କୁ କାଞ୍ଚି ବିଜୟ ସମୟରେ ଘୋଡ଼ା ଚଢ଼ି ଯୁଦ୍ଧରେ କେବଳ ଅଂଶ ଗ୍ରହଣ କରିନଥିଲେ ବିଜୟର ବୈଜୟନ୍ତୀ ଉଡାଇଥିଲେ। ଅଷ୍ଟାଦଶ ପୁରାଣ ରଚନା ପରେ ବ୍ୟାସଦେବ 'ସଂସ୍କୃତ ଭାଗବତ' ଲେଖନୀ କରିଥିଲେ।**

ଉତ୍କଳୀୟ ପ୍ରାଣର ଆରାଧ୍ୟ ଦେବତା ଓ ଆମ ଆଧ୍ୟାତ୍ମିକ ଜୀବନ, ସମାଜ, ସଂସ୍କୃତି ସବୁକିଛିର ସେ ହେଉଛନ୍ତି ପ୍ରାଣବିନ୍ଦୁ। ସେ ହିଁ ପୂର୍ଣ୍ଣବ୍ରହ୍ମ, ପରମବ୍ରହ୍ମ ଶ୍ରୀଜଗନ୍ନାଥ। ସେ ସବୁବେଳେ ଭକ୍ତମାନଙ୍କର ନିଜର ହୋଇଥାନ୍ତି। ଭକ୍ତ ଦାସିଆ ବାଉରୀ ହାତରୁ ନଡ଼ିଆ ଗ୍ରହଣ କରନ୍ତି ଆଉ ବୁଭୁକ୍ଷୁ ଭକ୍ତ ବନ୍ଧୁ ମହାନ୍ତିଙ୍କୁ ରତ୍ନଥାଳିରେ ପ୍ରସାଦ ଦିଅନ୍ତି। ଏପରିକି ତାଙ୍କ ପ୍ରଥମ ଓ ମୁଖ୍ୟ ସେବକ ଠାକୁର ରାଜା ପୁରୁଷୋତ୍ତମ ଦେବଙ୍କୁ କାଞ୍ଚି ବିଜୟ ସମୟରେ ଘୋଡ଼ା ଚଢ଼ି ଯୁଦ୍ଧରେ କେବଳ ଅଂଶ ଗ୍ରହଣ କରିନଥିଲେ ବିଜୟର ବୈଜୟନ୍ତୀ ଉଡାଇଥିଲେ। ଅଷ୍ଟାଦଶ ପୁରାଣ ରଚନା ପରେ ବ୍ୟାସଦେବ 'ସଂସ୍କୃତ ଭାଗବତ' ଲେଖନୀ କରିଥିଲେ। ଲୋକକଥା ରହିଛି ଯେ, ପଣ୍ଡିତ ଜଗନ୍ନାଥ ଦାସଙ୍କ ମାତା ସଂସ୍କୃତରେ ଭାଗବତ ବୁଝି ପାରୁନଥିବାରୁ ଓଡ଼ିଆରେ ଜଗନ୍ନାଥ ଦାସ ଅତି ସରଳ, ମଧୁର ଓ ଭାବପୂର୍ଣ୍ଣ ଶବ୍ଦକୁ ଗୁନ୍ଥି ନବାକ୍ଷରୀ ବୃତ୍ତରେ ଭାଗବତ ରଚିତ କଲେ। ଏହି ଭାଗବତ କାଳ କାଳ ପାଇଁ ଓଡ଼ିଆ ମାନଙ୍କ ପାଇଁ ମୁକ୍ତିର ପାଥେୟ ହୋଇପାରିଛି। ବିଶ୍ୱାସ ରହିଛି ମୃତ୍ୟୁକାଳରେ ଭାଗବତ କାନରେ ପଡ଼ିଲେ ଆତ୍ମା ମୁକ୍ତିଲାଭ କରି ବୈକୁଣ୍ଠ ପ୍ରାପ୍ତି ହୋଇଥାଏ। ଯେଉଁଘରେ ନିତିଦିନ ଭାଗବତ ପାଠ ହୁଏ ସେ ଗୃହରେ ଅକାଳ ମୃତ୍ୟୁ, ଦୁଃଖ, କଷ୍ଟ, ଗ୍ରହ ଦୋଷ, ବାସ୍ତୁ ଦୋଷ ଘଟେ ନାହିଁ ବୋଲି ବିଶ୍ୱାସ ରହିଛି।



ଅତିବଡ଼ୀ ଜଗନ୍ନାଥ ଦାସଙ୍କ କାଳଜୟୀ ରଚନା ନବାକ୍ଷରୀ ଭାଗବତ। ଭକ୍ତ ଜଗନ୍ନାଥ ଦାସଙ୍କ ଏହି ନବାକ୍ଷରୀ ଭାଗବତ ଓଡ଼ିଆ ଜାତି, ଭାଷା ଓ ସଂସ୍କୃତିର ସ୍ୱତନ୍ତ୍ର ପରିଚୟ। ଭାଗବତ ଟୁଙ୍ଗି ଓଡ଼ିଆ ଜାତିର ଭକ୍ତିଭାବର ପ୍ରତୀକ। ଓଡ଼ିଆ ଭାଷାର ଦୁର୍ଲ୍ଲଭ ଉପଦେଶ ଭଣ୍ଡାର ଭାଗବତ ଗ୍ରନ୍ଥରେ ଭରି ରହିଛି। ଓଡ଼ିଆ ଜାତିର ଆଧ୍ୟାତ୍ମିକ ଉତ୍‌ଥାନର ଏକମାତ୍ର ସମ୍ପତ୍ତି ହେଉଛି ପରମ ଶାସ୍ତ୍ର ଭାଗବତ। ସ୍ୱୟଂ ଭଗବାନ ଏହି ଦ୍ୱାଦଶ ସ୍କନ୍ଦ ବିଶିଷ୍ଟ ଭାଗବତରେ ରହିଛନ୍ତି। ସମ୍ପୂର୍ଣ୍ଣ ଭାଗବତ ପଢ଼ିଲେ ଆମେ ଭଗବାନଙ୍କ ଲୀଳା ଅନୁଭବ କରିପାରିବା।

**ହୃଦୟପୂର୍ଣ୍ଣ ଚେତନାଦାୟୀ ବାଣୀ**

ଓଡ଼ିଆ ଭାଗବତରେ ସମୁଦାୟ ବାରଟି ସ୍କନ୍ଦ ରହିଛି। ଏହାର ପ୍ରଥମ ଓ ଦ୍ୱିତୀୟ ସ୍କନ୍ଦରେ 'ଆଗମ ବାଣୀ', ତୃତୀୟ ସ୍କନ୍ଦରେ 'ବ୍ରହ୍ମାଣ୍ଡ ସର୍ଜନା', ଚତୁର୍ଥ ସ୍କନ୍ଦରେ 'ଧ୍ରୁବ ଚରିତ', ପଞ୍ଚମ ସ୍କନ୍ଦରେ 'ଭରତ ପୁତ୍ର ମାନଙ୍କୁ ସାତ ଭାଗ କରି ପୃଥ୍ୱୀ ବଣ୍ଟନ', ଷଷ୍ଠ ସ୍କନ୍ଦରେ 'ଅଜାମିଳ ଚରିତ', ସପ୍ତମ ସ୍କନ୍ଦରେ 'ପ୍ରହ୍ଲାଦ ଚରିତ', ଅଷ୍ଟମ ସ୍କନ୍ଦରେ 'ସମୁଦ୍ର ମନ୍ଥନ ଓ ଗଜୋଦ୍ଧାର', ନବମ ସ୍କନ୍ଦରେ 'ବଂଶାନୁଚରିତ', ଦଶମ ସ୍କନ୍ଦରେ 'ଶ୍ରୀକୃଷ୍ଣଙ୍କ ଗୋପ, ବୃନ୍ଦାବନ, ମଥୁରା ଓ ଦ୍ୱାରିକାର ମାଧୁର୍ଯ୍ୟ ଲୀଳା', ଏକାଦଶ ସ୍କନ୍ଦରେ 'ଏକାକ୍ଷର ବ୍ରହ୍ମତତ୍ତ୍ୱ' ଓ ଶେଷ ଅର୍ଥାତ୍ ଦ୍ୱାଦଶ ସ୍କନ୍ଦରେ 'ଆଗତ ଭବିଷ୍ୟ' ଇତ୍ୟାଦି ସମ୍ପର୍କରେ ହୃଦୟପୂର୍ଣ୍ଣ ଚେତନାଦାୟୀ ବାଣୀଗୁଡ଼ିକ ରହିଛି। ଶୁକମୁନି ମାତ୍ର ସାତ ଦିନ ଭିତରେ ଅଭିଶାପ ପାଇଥିବା ରାଜା ପରୀକ୍ଷିତଙ୍କୁ ଭକ୍ତିମାର୍ଗର ଏହି ମହାନ ତତ୍ତ୍ୱକୁ ବୁଝାଇବାରେ ସମର୍ଥ ହୋଇଥିଲେ । ଫଳରେ ରାଜା ପରୀକ୍ଷିତଙ୍କର ସ୍ୱର୍ଗପ୍ରାପ୍ତି ହୋଇଥିଲା।

ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ଲେଖନୀ ଆରମ୍ଭ କରିବାବେଳେ ପ୍ରଭୁ ନୃସିଂହଙ୍କୁ ପ୍ରାର୍ଥନା ପୂର୍ବକ ଆଶୀର୍ବାଦ ଭିକ୍ଷା କରି ଉଲ୍ଲେଖ କରିଛନ୍ତି - 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ'। ପୂର୍ଣ୍ଣବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ସାକ୍ଷାତ ବିଷ୍ଣୁ ରୂପରେ ଗୋଲକ ବିହାରୀ ଭାବେ ବର୍ଣ୍ଣନା କରି ଉଲ୍ଲେଖ କରିଛନ୍ତି - 'ସେହୁ ଗୋଲକ ନିତ୍ୟ ସ୍ଥଳ, ସେହିଟି ଗିରି ନୀଳାଚଳ। କୋଟିଏ ଯୁଗ ଯେବେ ଯାଇ, ଏଥିରେ ଲୀଳା ନ ସରଇ'। ବ୍ରହ୍ମରୂପୀ ଜଗନ୍ନାଥ ହେଉଛନ୍ତି ସର୍ବଧର୍ମ ସମନ୍ୱୟର ଦେବତା। ଜଗନ୍ନାଥ ଶବ୍ଦର ଅର୍ଥ ଜଗତ୍ ରୂପ ନାଥ ବା ପୁରୁଷ। ସେ ପୁରୁଷୋତ୍ତମ, ସେ ସର୍ବଜ୍ଞାତା ଅବତାରୀ ପୁରୁଷ। ପରମପ୍ରେମମୟ ଶ୍ରୀକୃଷ୍ଣଙ୍କ ଜନ୍ମର ଅଲୌକିକ ଘଟଣାବଳୀକୁ ଜଗନ୍ନାଥ ଦାସ ଉଲ୍ଲେଖ କରିଛନ୍ତି - 'ଛିଣ୍ଡିଲା ପାଦର ଶିକୁଳି, ବାଟ କଢ଼ାଇଲା ବିଜୁଳି। ତିନ୍ତିବା ଦେଖି ଜଗନ୍ନାଥ, ଫଣାରେ ଢ଼ାଙ୍କିଲା ଅନନ୍ତ।' କର୍ମ ଅନୁଯାୟୀ ମଣିଷକୁ ଫଳପ୍ରାପ୍ତି ହୋଇଥାଏ। ଜଣଙ୍କର ଜୀବନର ଭଲମନ୍ଦ ଦିଗ ମରଣ ସମୟରେ ଜଣା ପଡ଼େ ବୋଲି ଭାଗବତରେ ଯାହା ଉଲ୍ଲେଖ ରହିଛି - 'କର୍ମ ଅନୁସାରେ ଫଳ ପାଇ, ପ୍ରାଣୀତା ଅବଶ୍ୟ ଭୁଞ୍ଜଇ। ପ୍ରାଣୀର ଭଲମନ୍ଦ ବାଣୀ, ମରଣ କାଳେ ତାହା ଜାଣି।'

ଜୀବନରେ ନିତିଦିନିଆ ସମୟ ଭିତରେ ଅନ୍ୟ ପାଇଁ ଉପକାର କରୁଥିବା ବ୍ୟକ୍ତିଚେତନା ପାଇଁ ତାଙ୍କ ଆବେଗପୂର୍ଣ୍ଣ ଲେଖନୀ ଭାଗବତରେ ରହିଛି - 'ଧନ୍ୟ ଏ ଜୀବନ ଜଗତେ, ଯେ ପ୍ରାଣୀ ଧରେ ପରହିତେ। ସର୍ବେ ଚଳିବେ କାଳବଳେ, ଯଶ ରହିବ ମହୀତଳେ।' ଅନେକ ସମୟରେ ଅନେକଙ୍କ ଭିତରେ ନିଜ ଲୋକଟି ହେଉ ବା ଅପର ଲୋକଟି ସେମାନଙ୍କର କ୍ଷତି କରିବା ସର୍ବୋପରି ଅନ୍ୟକୁ କଷ୍ଟ, ଦୁଃଖ ଓ ଯନ୍ତ୍ରଣା ଦେଇ ଧନ ଉପାର୍ଜନ କରିବା ଆଦୌ ସୁଖଦାୟକ ନୁହଁ। ଏ ସମ୍ପର୍କରେ ଭାଗବତରେ ଉଲ୍ଲେଖ ରହିଛି - 'କଷ୍ଟେ ଅର୍ଜିତ ଯେତେ ଧନ, ସେ ନୁହେଁ ସୁଖେ ପ୍ରୟୋଜନ।'

**ଇଷ୍ଟଙ୍କ ପାଖରେ ସମର୍ପଣ**

ଜୀବନ ଚକ୍ରରେ ମୋହ, ମାୟା, ବସ୍ତୁବାଦୀ, ସଂସାରରେ ମାନବୀୟ ମୂଲ୍ୟବୋଧ ପ୍ରତିଷ୍ଠା କରିବା ସହ କାମ, କ୍ରୋଧ, ମୋହ, ଲୋଭ ଓ ଅହଂକାର ଏ ସବୁଠୁ ଦୂରେଇ ଜୀବନକୁ ଆଧ୍ୟାତ୍ମିକମୟ କରିବା ପାଇଁ ଅତି ଶିକ୍ଷଣୀୟ ପଂକ୍ତି ଭାଗବତରେ ଉଲ୍ଲେଖ ରହିଛି - 'ବୃକ୍ଷର ତଳେ ଯେହ୍ନେ ଆସି, ପଥିକ ବିଶ୍ରାମନ୍ତି ବସି। ତେମନ୍ତ ମାୟା ଏ ସଂସାର, କେ ପିତା କେ କାହା କୁମର। ନୁହଁନ୍ତି ମାୟାରେ ମୋହିତ, ସେ ପ୍ରାଣୀ ମହା ଭାଗ୍ୟବନ୍ତ।' ଭାଗବତ କର୍ମମୟ ଜୀବନ ଭିତରେ ଇଷ୍ଟଙ୍କ ପାଖରେ ସମର୍ପଣ କରି ଜୀବନ ନିର୍ବାହ ଯେ ଆନନ୍ଦପୂର୍ଣ୍ଣ ଏହା ହିଁ ଅନନ୍ତ କାଳ ପାଇଁ ଶିକ୍ଷା ଦେଇ ଆସିଛି।

**-ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
କଟକ, ଦୂରଭାଷ : ୯୪୩୭୦୫୧୯୫୭

---

# ସତ୍ୟ ହିଁ ପରମ ଚୈତନ୍ୟ

ଯାହା ଆମ ମାନଙ୍କର ଦରକାର ଏବଂ ଯାହା ଆମେ ପାଇବାକୁ ଯୋଗ୍ୟ, ବିଶ୍ୱନିୟନ୍ତା, ଭଗବାନ ତାହା ଆମକୁ ଦେଇଥାନ୍ତି। ଏଥିପାଇଁ ତାଙ୍କୁ ମାଗିବାର ଆବଶ୍ୟକତା ନାହିଁ ବା ଯାହା ମିଳୁଛି ସେଥିରେ ଅସନ୍ତୋଷ ପ୍ରକାଶ କରିବାର କିଛି ନାହିଁ। ସର୍ବଦା ସନ୍ତୁଷ୍ଟ ରୁହ। ଭଗବାନଙ୍କ ବିନା ଇଛାରେ



କିଛି ଘଟେ ନାହିଁ। ଯେତେ ଉଚ୍ଚକୁ ଚଢ଼େଇଟିଏ ଉଠିଲେ ମଧ୍ୟ ସମୟ ଆସିବ ଯେତେବେଳେ ବିଶ୍ରାମ ନିମନ୍ତେ ସେ ତଳକୁ ଓହ୍ଲାଇବ। ଠିକ୍ ସେହିପରି ନାସ୍ତିକ ବ୍ୟକ୍ତିମାନେ ଯେଉଁମାନେ ଭଗବାନଙ୍କ ନିନ୍ଦା କରିବାକୁ ସର୍ବଦା ଲାଗିପଡ଼ିଥାନ୍ତି ଏବଂ ଭଗବାନଙ୍କ ଅସ୍ତିତ୍ୱରେ ଆଦୌ ବିଶ୍ୱାସ କରନ୍ତି ନାହିଁ, ଘଟଣା ଚକ୍ରରେ ହସ୍ତ ଯୋଡ଼ି ଏବଂ ନତଜାନୁ ହୋଇ ପ୍ରାର୍ଥନା କରିବେ, ହେ ଭଗବାନ! ମୋତେ ଶକ୍ତି, ଆନନ୍ଦ ଏବଂ ଶାନ୍ତି ଦିଅ।

ଯେଉଁଠି ଭଗବାନଙ୍କ ମହିମା ଗାନ କରାଯାଏ, ସେଠାରେ ଭଗବାନ ଆବିର୍ଭୂତ ହୁଅନ୍ତି। ଏହା ହିଁ 'ମଦ ଭକ୍ତାଃ ଯତ୍ର ଗାୟନ୍ତି, ତତ୍ର ତିଷ୍ଠାମି, ନାରଦ' ଏହି ଶ୍ଳୋକର ଅର୍ଥ। ଏଥିରୁ କେହି ଅର୍ଥ କରିବେ ନାହିଁ ଯେ ଭଗବାନଙ୍କ ମହିମାଗାନ, କୀର୍ତ୍ତନ ଯେଉଁଠି ନ ହେଉଛି ସେଠାରେ ଭଗବାନ ନାହାନ୍ତି। ସେ ସବୁ ଯାଗାରେ ସବୁବେଳେ ଅଛନ୍ତି; ମାତ୍ର ଭଗବାନଙ୍କ ନାମକୀର୍ତ୍ତନ ହେଉଥିବା ସ୍ଥାନରେ ତାଙ୍କ ଉପସ୍ଥିତି ଅନୁଭବ କରିବା ସହଜ ହୁଏ। ଉଦାହରଣ ସ୍ୱରୂପ ବାୟୁମଣ୍ଡଳରେ ସଙ୍ଗୀତର ମୂର୍ଚ୍ଛନା ସର୍ବଦା ପ୍ରବାହିତ ହେଉଛି। ମାତ୍ର ଏହା ଅନୁଭବ କରିହେବ ରେଡ଼ିଓର ସ୍ୱିଚ୍ ଲଗାଇଲେ ଏବଂ ସେହିପରି ଇଲେକଟ୍ରିକ ଲାଇନରେ ବିଜୁଳି ସ୍ରୋତ ପ୍ରବାହିତ ହେଉଥିଲେ ମଧ୍ୟ ବଲ୍‌ଟିଏ ଲଗାଇଲା ମାତ୍ରେ ଏହା ଆଲୋକ ବିଛାଡ଼ି ଦିଏ। ଆମ ମାନଙ୍କର ଜୀବନ ବାସ୍ତବରେ ଆନନ୍ଦମୟ ଓ ପ୍ରଶାନ୍ତିଚେତନା ଯୁକ୍ତ। ଶ୍ରୀସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି - 'ଆନନ୍ଦ, ଏବଂ ଆତ୍ମା ମଧ୍ୟରେ କୌଣସି ପ୍ରଭେଦ ନାହିଁ। ଆତ୍ମା ହିଁ ଆନନ୍ଦ। ଈଶ୍ୱର, ପୂର୍ଣ୍ଣତା, ଅମରତ୍ୱ ଓ ଆନନ୍ଦ ଏ ସବୁ ଏକ ଓ ଅଭିନ୍ନ। ଜୀବନର ଅନ୍ତିମ ଲକ୍ଷ୍ୟ ହେଉଛି ପୂର୍ଣ୍ଣତା ପ୍ରାପ୍ତି ବା ଭଗବତ ପ୍ରାପ୍ତି। ଆମେମାନେ ସତ୍ୟର ଯେତେ ନିକଟତର ହେଉଥିବା ସେତେ ଅଧିକ ସୁଖୀ ହେଉଥିବା, କାରଣ ସତ୍ୟର ବାସ୍ତବ ପ୍ରକୃତି ହେଉଛି ପରମାନନ୍ଦଙ୍କ ସହ ମିଳନ। ଆତ୍ମା ହେଉଛି ଅନେକ ମଧ୍ୟରେ ଏକ, ଅନିତ୍ୟ ମଧ୍ୟରେ ନିତ୍ୟ, ଆତ୍ମା ହିଁ ସମସ୍ତ ଚେତନ ଜୀବଙ୍କ ମଧ୍ୟରେ ରହିଥିବା ସତ୍ୟ ଶୁଦ୍ଧ ପରମ ଚୈତନ୍ୟ।

**- ଦୁଷ୍ମନ୍ତ କୁମାର ସାହୁ**
ପୁରୀ, ଦୂରଭାଷ : ୯୪୩୭୬୭୨୮୩୪

---

# ସମତ୍ୱ ହେଉଛି ଈଶ୍ୱର ପ୍ରାପ୍ତିର ମାର୍ଗ



## ଗୀତା ବାଣୀ

ସୁଖ-ଦୁଃଖ, ଲାଭ-କ୍ଷତି, ଜୟ-ପରାଜୟକୁ ସମାନ ଭାବେ ଗ୍ରହଣ କରିବା ସହ ସକାମ କର୍ମ (ଯେଉଁ କାମ ବିଶେଷ ଫଳ ପାଇବା ଉଦ୍ଦେଶ୍ୟରେ କରାଯାଇଥାଏ) ନକରିବାକୁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କୁରୁକ୍ଷେତ୍ର ଯୁଦ୍ଧଭୂମିରେ ପରାମର୍ଶ ଦେଇ ଯୁଦ୍ଧ ପାଇଁ ପ୍ରବର୍ତ୍ତାଇଛନ୍ତି । କିନ୍ତୁ ଏହି ପ୍ରବର୍ତ୍ତାଇବା ସଫଳ ନ ହେବାରୁ ପୁନର୍ବାର ପରାମର୍ଶ ଦେବାକୁ ଆରମ୍ଭ କରିଥିଲେ ଓ କହିଥିଲେ, ''ସମତ୍ୱ' ରୂପକ ବୁଦ୍ଧିଯୋଗ ଅପେକ୍ଷା ସକାମ କର୍ମ ଅତ୍ୟନ୍ତ ନିମ୍ନମାନର'' । ତେଣୁ ହେ, ଧନଞ୍ଜୟ, ନିଜର ସମତ୍ୱ (କର୍ମଫଳ ଉପରେ ସମଭାବ) ରକ୍ଷାକରି କର୍ମ କରିବାର ନିଷ୍ପତ୍ତି ନିଅ । ଯେଉଁମାନେ କର୍ମ ଫଳ ଉପରେ ଆଶା ରଖନ୍ତି ସେହି ଲୋକମାନେ ଅତ୍ୟନ୍ତ ଦୀନ । ସମବୁଦ୍ଧିଯୁକ୍ତ ପୁରୁଷ ପୁଣ୍ୟ ଓ ପାପକୁ ଇହଲୋକରେ ତ୍ୟାଗ କରିଦିଅନ୍ତି । ଅର୍ଥାତ ସମବୁଦ୍ଧିଯୁକ୍ତ ମନୁଷ୍ୟ କର୍ମବନ୍ଧନରୁ ମୁକ୍ତି ପାଇ ପାରିବେ । ସମବୁଦ୍ଧିଯୁକ୍ତ ଶ୍ରେଣୀର ବ୍ୟକ୍ତିମାନେ କର୍ମ ଦ୍ୱାରା ଉତ୍ପନ୍ନ ହେଉଥିବା ଫଳକୁ ତ୍ୟାଗ କରି ଜନ୍ମ ବନ୍ଧନରୁ ମୁକ୍ତ ହୋଇ ପରମପାଦ ପ୍ରାପ୍ତ ହୁଅନ୍ତି ।



ହେ ପାର୍ଥ, ତୁମେ ମୋହ ତ୍ୟାଗ କରିପାରିଲେ ଇହଲୋକ ଓ ପରଲୋକରେ ପ୍ରାପ୍ତ ହେଉଥିବା ସମସ୍ତ ପ୍ରକାର ଭୋଗ ପ୍ରତି ବୈରାଗ୍ୟ ଆସିଥାଏ । ବିଭିନ୍ନ ପ୍ରକାର କଥା ଶୁଣି ବିଚଳିତ ହେଉଥିବା ମନୁଷ୍ୟର ବୁଦ୍ଧି ଯେତେବେଳେ ପରମାତ୍ମାଙ୍କ ଠାରେ ଅଚଳ ଓ ସ୍ଥିର ହୋଇଯିବ ସେତେବେଳେ ପରମାତ୍ମାଙ୍କ ଠାରେ ମନୁଷ୍ୟର ନିତ୍ୟ ସଂଯୋଗ ହୋଇଯାଏ । ଅର୍ଥାତ କର୍ମଫଳକୁ ଆଶା ନରଖି ନିଷ୍କାମ କର୍ମ କରିଚାଲିଲେ ଈଶ୍ୱର ପ୍ରାପ୍ତି ହୋଇଥାଏ । ଭଗବାନଙ୍କର ଏହି ଉପଦେଶ ଶୁଣିବା ପରେ ଅର୍ଜୁନ ଅଧିକ ଜିଜ୍ଞାସୁ ହୋଇ ପରମାତ୍ମାପ୍ରାପ୍ତ ହୋଇଥିବା ସ୍ଥିର ବୁଦ୍ଧିଯୁକ୍ତ ପୁରୁଷଙ୍କ ଲକ୍ଷଣ କ'ଣ ବୋଲି ଅର୍ଜୁନ ଭଗବାନଙ୍କୁ ପଚାରିଥିଲେ । ଅର୍ଜୁନଙ୍କ ପ୍ରଶ୍ନର ଉତ୍ତର ଦେଇ ଭଗବାନ କହିଲେ ଯେତେବେଳେ କୌଣସି ବ୍ୟକ୍ତିର ମନରେ ଥିବା ସମସ୍ତ କାମନା ସମ୍ପୂର୍ଣ୍ଣ ଭାବେ ଦୂର ହୋଇଯାଏ ଓ ଆତ୍ମ ସନ୍ତୁଷ୍ଟି ହୋଇଯାଏ ସେତେବେଳେ ସେ ସ୍ଥିତପ୍ରଜ୍ଞ ହୋଇଯାଏ । ଅର୍ଥାତ କାମନାର ବିନାଶରେ ହିଁ ଦୁଃଖର ବିନାଶ ହୋଇଥାଏ ବୋଲି ଭଗବାନ ଅର୍ଜୁନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ।

**ଯୋଗସ୍ଥ କୁରୁ କର୍ମାଣୀ ସଙ୍ଗମ୍ ତ୍ୟୋତ୍ୱା ଧନଞ୍ଜୟ**
**ସିଦ୍ଧ୍ୟସଦ୍ଧ୍ୱୋ ସମୋଭୂତ୍ୱା ସମତ୍ୱଂ ଯୋଗ ଉଚ୍ୟତେ ।।**

ସେହିପରି ଯାହାଙ୍କ ମନରେ ଉଦ୍‌ବେଗ ଜାତ ହୁଏନାହିଁ, ସୁଖ ସମୟରେ ନିଃସ୍ପୃହ ରୁହନ୍ତି, କ୍ରୋଧ, ଭୟ ଠାରୁ ଯେ ଦୂରରେ ରହିପାରନ୍ତି, ସେମାନଙ୍କ ବୁଦ୍ଧି ସ୍ଥିର ହୋଇଯାଏ । ଅନ୍ୟ ଅର୍ଥରେ କହିଲେ ଯେଉଁ ବ୍ୟକ୍ତି ଶୁଭ ବସ୍ତୁ ପାଇଲେ ପ୍ରସନ୍ନ ହୁଅନ୍ତି ନାହିଁ କି ଅଶୁଭ ବସ୍ତୁରେ ଦ୍ୱେଷ କରନ୍ତି ନାହିଁ ତାଙ୍କ ବୁଦ୍ଧି ସ୍ଥିର ଥାଏ ବୋଲି ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇଥିଲେ ।

---

# ୮ରୁ ୧୦ ଗ୍ଲାସ୍ ପାଣି ପିଇବା ଆବଶ୍ୟକ



କୁହାଯାଏ- ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଳେ ସୃଷ୍ଟି ନାଶ। ଏହା ଅକ୍ଷରେ ଅକ୍ଷରେ ସତ୍ୟ। ଏହାକୁ ଆମ ଶରୀର କ୍ଷେତ୍ରରେ ମଧ୍ୟ ଉପଯୋଗ କରାଯାଇପାରିବ। ଆମେ ଜାଣନ୍ତି, କମ୍ ପାଣି ପିଇଲେ ବା ଶରୀରରୁ ଜଳୀୟ ଅଂଶ ହ୍ରାସ ପାଇଲେ, ତାହା ଜୀବନପ୍ରତି ଘାତକ ସାଜିଥାଏ। ତେବେ ଆପଣ ଜାଣନ୍ତି କି, ଅଧିକ ପାଣି ପିଇବା ମଧ୍ୟ ଶରୀର ପ୍ରତି ହାନିକାରକ। ଏହା ଜୀବନ ମଧ୍ୟ ନେଇପାରେ। କାନାଡ଼ାର ମ୍ୟାକ୍‌ଗିଲ ୟୁନିଭର୍ସିଟି ହେଲ୍‌ଥ ସେଣ୍ଟରର ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ଏକ ଟିମ୍ ପକ୍ଷରୁ କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି ଯେ ଆବଶ୍ୟକତାଠାରୁ ଅଧିକ ପାଣି ପିଇଲେ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ସ୍ୱାସ୍ଥ୍ୟ ସମସ୍ୟା ହାଇପୋନେଟ୍ରୀମିଆର ଆଶଙ୍କା ବହୁମାତ୍ରାରେ ବଢ଼ିଯାଏ। ଗବେଷକମାନେ କହିଛନ୍ତି, ଅଧିକ ପାଣି ପିଇଲେ ରକ୍ତରୁ ସୋଡିୟମର ପରିମାଣ ହ୍ରାସ ପାଏ। ଏହା ଦ୍ୱାରା ମସ୍ତିଷ୍କ ଫୁଲିଯାଏ ଓ ଏହାକୁ ହାଇପୋନେଟ୍ରୀମିଆ କୁହାଯାଏ। ବିଶ୍ୱ ପ୍ରସିଦ୍ଧ ମାର୍ଶଲ ଆର୍ଟିଷ୍ଟ ଓ ଅଭିନେତା ବ୍ରୁସ୍ ଲୀ'ଙ୍କର ଏହି ହାଇପୋନ୍ଟ୍ରୀମିଆ ଯୋଗୁ ହିଁ ମୃତ୍ୟୁ ହୋଇଥିଲା। ମାତ୍ର ୩୨ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା। ସେତେବେଳେ ତାଙ୍କୁ ଦେଖିଥିବା ଡାକ୍ତରମାନେ ପେନ୍ କିଲର ସେବନ ଯୋଗୁ ତାଙ୍କ ମସ୍ତିଷ୍କ ଫୁଲି ଯାଇଥିଲା ବୋଲି କହିଥିଲେ। କିନ୍ତୁ ମୃତ୍ୟୁର ପ୍ରାୟ ୫୦ ବର୍ଷ ପରେ ଜଣାପଡ଼ିଲା ଯେ ଅଧିକ ପାଣି ପିଇବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଗବେଷଣାର ରିପୋର୍ଟରେ ଆହୁରି କୁହାଯାଇଛି, ଆମ ଜୀବନ ପାଇଁ ଜଳ ବହୁତ ଜରୁରୀ। ଏହା ଶରୀରକୁ ହାଇଡ୍ରେଟ୍ ରଖେ। ଶରୀରରେ ପାଣି କମ୍ ହୋଇଗଲେ ଉପୁଜୁଥିବା ସ୍ଥିତିକୁ ଡିହାଇଡ୍ରେସନ କୁହାଯାଏ। ସେହିପରି ଶରୀରରେ ଅଧିକ ଜଳ ହୋଇଗଲେ, ତାକୁ ଓଭରହାଇଡ୍ରେସନ କୁହାଯାଏ। ଯେତେବେଳେ ଆମ ଶରୀରକୁ ଆବଶ୍ୟକତାଠାରୁ ଅଧିକ ଜଳ ପ୍ରବେଶ କରେ, କିଡ୍‌ନୀ ଅତିରିକ୍ତ ତରଳ ପଦାର୍ଥକୁ ନିଷ୍କାସନ କରିପାରେ ନାହିଁ। ସେହିଭଳି ଅଧିକ ପାଣି ପିଇଲେ ସୋଡିୟମର ମାତ୍ରା ହ୍ରାସ ପାଏ। ଶରୀରରୁ ସୋଡ଼ିୟମର ପରିମାଣ କମିଗଲେ ମୁଣ୍ଡ ବ୍ୟଥା ଓ ବାନ୍ତି ହୋଇଥାଏ। ହାଲିଆ ଲାଗେ। ଏହା ସହିତ ମସ୍ତିଷ୍କ ଫୁଲି ଯାଏ। ଏମିତି ସ୍ଥିତିରେ ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ ଯେ, ଆମେ ଗୋଟିଏ ଦିନରେ କେତେ ପାଣି ପିଇବା ଉଚିତ। ସାଧାରଣତଃ ଶାରୀରିକ ସ୍ଥିତି, ଯେମିତିକି- ଉଚ୍ଚତା, ଓଜନ ଅନୁସାରେ ପାଣିର ମାତ୍ରା ବଢ଼ିପାରେ ବା କମିପାରେ। ସେହିପରି ଜଣେ ପ୍ରତିଦିନ କେତେ ସମୟ ବ୍ୟାୟାମ କରୁଛି, ସେହି ଅନୁସାରେ ମଧ୍ୟ ପାଣିର ପରିମାଣ ବଢ଼ିପାରେ ବା କମିପାରେ। କିନ୍ତୁ ମୋଟାମୋଟି ଭାବେ କହିବାକୁ ଗଲେ ଜଣେ ବ୍ୟକ୍ତି ଦିନକୁ ୮ରୁ ୧୦ ଗ୍ଲାସ ପାଣି ପିଇବା ଆବଶ୍ୟକ।

## ‘ନିଃସ୍ୱାର୍ଥ ସେବା ମନୋଭାବ ନେଇ ସମାଜ ପାଇଁ କାର୍ଯ୍ୟ କରନ୍ତୁ’

କୁଚିଣ୍ଡା,(ନିପ୍ର): କୁଚିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ ଏନ୍‌ଏସ୍‌ଏସ୍ ୟୁନିଟ୍ ଓ କୁଚିଣ୍ଡା କଲେଜର +୩ ଏନ୍‌ଏସ୍‌ଏସ୍ ୟୁନିଟ୍‌ର ମିଳିତ ଅନୁକୂଳ୍ୟରେ ଏନ୍‌ଏସ୍‌ଏସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କୁଚିଣ୍ଡା ତହସିଲଦାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ଓ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କୁ ନିଃସ୍ୱାର୍ଥ ସେବା ମନୋଭାବ ନେଇ ସମାଜ ପାଇଁ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଥିଲେ। କୁଚିଣ୍ଡା କଲେଜର ଅଧ୍ୟକ୍ଷ ପ୍ରମୋଦ କୁମାର ସ୍ୱାଇଁ ଏନ୍‌ଏସ୍‌ଏସ୍ ଟିମ୍‌ର ବିଭିନ୍ନ ସଫଳତାକୁ ପ୍ରଶଂସା କରିବା ସହ ସମାଜସେବା ଓ ଜନକଲ୍ୟାଣମୂଳକ କାର୍ଯ୍ୟରେ ସ୍ୱେଚ୍ଛାସେବୀମାନଙ୍କ ସକ୍ରିୟ ଭୂମିକାକୁ ଉତ୍ସାହିତ କରିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଖୁର୍ସିଦ୍ ଆରା ବେଗମ୍ ଓ କାହ୍ନୁ ଚରଣ ମୁନ୍ନାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଏସଆଇଙ୍କ କାର୍ଯ୍ୟକଳାପକୁ ନେଇ ଲିଖିତ ଅଭିଯୋଗ କଲେ ଆଇନଜୀବୀ

କଣ୍ଟିଲୋ,(ନି.ପ୍ର) ଖଣ୍ଡପଡ଼ା ଥାନାରେ ଦୀର୍ଘ ଦିନ ଧରି କାର୍ଯ୍ୟରତ ଜନୈକା ଏସଆଇଙ୍କ ଆଚରଣ ଓ ଉଚ୍ଚାରଣକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ ତାଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଛନ୍ତି ଉଚ୍ଚତମ ନ୍ୟାୟାଳୟର ଯୁବ ଆଇନଜୀବୀ ତଥା ଖଣ୍ଡପଡ଼ା ସହରର ସମାଜସେବୀ। ବିଭିନ୍ନ ସମସ୍ୟା କିମ୍ବା କୌଣସି ଘଟଣା ବାବଦରେ ଥାନାର ଦ୍ୱାରସ୍ଥ ହେଉଥିବା ସାଧାରଣ ଲୋକଙ୍କୁ ସଂପୃକ୍ତ ଏସଆଇ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ମାନସିକସ୍ତରକୁ ଆଘାତ ଦେବା ପରି କଟୁ କଥା କହୁଛନ୍ତି। ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବସ୍ଥିତ ଖଣି,ଖାଦାନ ଓ ବାଲି ଗାଡ଼ିରୁ ସଂପୃକ୍ତ ଏସଆଇ ବେଆଇନ ଭାବେ ବିଭିନ୍ନ ସମୟରେ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବା ଅଭିଯୋଗ ହେଉଛି। ଖଣ୍ଡପଡ଼ା ସହର ଠାରୁ ଆରମ୍ଭ କରି ବିଭିନ୍ନ ପଞ୍ଚାୟତର ଜନସାଧାରଣ ଏ ନେଇ ବାରମ୍ବାର ଅସନ୍ତୋଷ ଜାହିର କରୁଥିବା ନେଇ ଅଭିଯୋଗପତ୍ରରେ ଦର୍ଶାଇଥିବା ଜଣାଯାଇଛି। ଅଭିଯୋଗର ନିରପେକ୍ଷ ତଦନ୍ତ ସହ ଏସଆଇଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିବା ଜଣାଯାଇଛି।

## ଅର୍ଣ୍ଣବ ତାଣ୍ଡବ : ଜଣେ ମୃତ

କୃଷ୍ଣପ୍ରସାଦ,(ନିପ୍ର): ପୁରୀଜିଲ୍ଲା କୃଷ୍ଣପ୍ରସାଦରେ ଗଭୀର ଅବପାତ ପ୍ରଭାବରେ ପ୍ରବଳ ବର୍ଷା ହୋଇଛି। ମାଛ ଧରିବାକୁ ଯାଇଥିବା ଅଁଳାକୁଦା ଗ୍ରାମର ମୂଳିରାମ ପରିଡା ଚିଲିକା ପାଣିରେ ବୁଡି ମୃତ୍ୟୁ ହୋଇଥିବା ଜଣାପଡିଛି। ସେହିଭଳି ମାଲୁଦ ଚିଲିକା ନୂଆସାହିରେ ଏକ ବିରାଟ ଗଛ ଘର ଉପରେ ପଡି ବିଜୟ କୁମାର ସେଠୀ ଏବଂ ପଞ୍ଚାନନ ସେଠୀଙ୍କ ଘର ଉପରେ ପଡି ଘର ଭାଙ୍ଗିଥିବା ଜଣାପଡ଼ିଛି। ବିଜୟକୁମାର ସେଠୀଙ୍କ ଘରେ ଗୋଟିଏ ବରଗଛ ଏବଂ ନଡ଼ିଆ ଗଛ ପଡି ଆଜବେଷ୍ଟସ ଭାଙ୍ଗି ଘରେ ନଡ଼ିଆ ପଡିଛି। ଅଳ୍ପକେ ଖଟରେ ଶୋଇଥିବା ସ୍ୱାମୀ ସ୍ତ୍ରୀ ବଞ୍ଚିଯାଇଛନ୍ତି। ବର୍ଷା ପାଣିରେ କୃଷ୍ଣପ୍ରସାଦ ବ୍ଲକ ଗିଳିନାସି ଗାଁ ଦାଣ୍ଡରେ ପାଣି ଭର୍ତ୍ତି ହୋଇ ଘରେ ପାଣି ପଶି ଯାଇଛି। ଖବର ପାଇ ମାଲୁଦ ଦମକଳ ବାହିନୀ ପହଞ୍ଚି ମଟର ଦ୍ୱାରା ପାଣି ନିଷ୍କାସନ କରୁଛନ୍ତି। ସେହିଭଳି ଶ୍ରୀରାମ ପୁର ଚିଲିକାରେ ପାଣି ବୃଦ୍ଧି ହୋଇ ବିଦ୍ୟାଳୟ ଗୃହରେ ପାଣି ଲହଡ଼ି ମାରୁଥିବା ଜଣାଯାଇଛି। ଜଳ ନିଷ୍କାସନର ବ୍ୟବସ୍ଥା ନଥିବା ଯୋଗୁଁ ମାଲୁଦ କରଣ ସାହି ଯିବା ରାସ୍ତା ଏବଂ ମାଲୁଦ ପ୍ରାଥମିକ ବିଦ୍ୟାଳୟ ରାସ୍ତାରେ ପାଣି ଲହଡି ମାରୁଛି।

## ୪୮୪ ୟୁନିଟ ରକ୍ତ ସଂଗୃହୀତ

ଗୁଣପୁର,(ନିପ୍ର): ଜାତୀୟ ସେବା ଯୋଜନା ଦିବସ ଅବସରରେ ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ଏକ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୪୮୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି।

## ସୁଦର୍ଶନ ଦାରୁ ପୀଠରେ ଚାରାରୋପଣ

ବାଲିଅନ୍ତା,(ନିପ୍ର): ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବ୍ଲକ ଅଧୀନସ୍ଥ ସୁଦର୍ଶନ ଦାରୁ ପୀଠରେ ପ୍ରଧାନମନ୍ତ୍ରୀ ମୋଦୀଜି ‘ମା ପାଇଁ ଗଛଟିଏ’ ଅଭିଯାନ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇ ବ୍ରହ୍ମପୁର ଗ୍ରାମ ପଞ୍ଚାୟତର ସୁଦର୍ଶନ ଦାରୁ ପୀଠ ଠାରେ ‘ଏକ୍ ପେଡ୍ ମା କେ ନାମ୍’ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲିଅନ୍ତା ବ୍ଲକ ବିଡ଼ିଓ ରଶ୍ମିତା ନାଥ, ସରପଞ୍ଚ ରମଳତା ନାୟକ, ୱାର୍ଡ ସଭ୍ୟ ଅଭିମନ୍ୟୁ ଭୋଇ, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ପଞ୍ଚାୟତ ଆକାଉଣ୍ଟାଣ୍ଟ ନିରଞ୍ଜନ ଦଳେଇ, ମାର୍ଶାଲ ଆର୍ଟ ପ୍ରଶିକ୍ଷକ ଉମାକାନ୍ତ ବେହେରା ଓ ସୁରେସ କୁମାର ବେହେରାଙ୍କ ସହିତ ଅଞ୍ଚଳବାସୀ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ।

## ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପାଳନ ପ୍ରସ୍ତୁତି

ପୁରୀ,(ନିପ୍ର): ପୁରୀ ଜିଲ୍ଲା ସ୍ତରୀୟ ଗାନ୍ଧିଜୀଙ୍କ ୧୫୭ ତମ ଓ ଶାସ୍ତ୍ରୀଜୀଙ୍କ ୧୨୨ ତମ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିବା ସହ ଦୁଇ ମହାପୁରୁଷଙ୍କ ଜୟନ୍ତୀକୁ ସୁଚାରୁରୂପେ ଓ ଶୃଙ୍ଖଳିତ ଭାବେ ପାଳନ କରିବାକୁ ଯେଉଁ ବିଭାଗ କୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ନିଷ୍ଠାର ସହ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ। ବିସ୍ତୃତ ଆଲୋଚନା ପରେ ନିଷ୍ପତ୍ତି ନିଆଯାଇଛି ଯେ ଗାନ୍ଧୀ ଜୟନ୍ତୀ ଦିନ ଅର୍ଥାତ ଅକ୍ଟୋବର ୨ ତାରିଖ ଦିନ ପ୍ରତ୍ୟୁଷ ୪.୩୦ ରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସହର ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପରିବେଷଣ କରାଯିବ।

# ବିଦ୍ୟୁତ୍ ସେବା ନେଇ ତେଜୁଛି ଅସନ୍ତୋଷ

## ପ୍ରତିବାଦ ପାଇଁ ଏକଜୁଟ ହେବେ କାକଟପୁରର ଉପଭୋକ୍ତା

କାକଟପୁର,(ନିପ୍ର): କାକଟପୁର ଅଞ୍ଚଳରେ ବିଦ୍ୟୁତ୍ ସେବାକୁ ନେଇ ଉପଭୋକ୍ତାଙ୍କ ଅସନ୍ତୋଷ କ୍ରମେ ତୀବ୍ର ହେବାରେ ଲାଗିଛି। ବାରମ୍ବାର ବିଦ୍ୟୁତ ବିଭ୍ରାଟ, ଅନିୟମିତ ବିଦ୍ୟୁତ ଯୋଗାଣ, ବିଦ୍ୟୁତ ସମ୍ପର୍କିତ ତ୍ରୁଟି ଦୂରୀକରଣରେ ବିଳମ୍ବ ଏବଂ ଅଭିଯୋଗର ସମାଧାନରେ ଆବଶ୍ୟକ ତତ୍ପରତା ଦେଖାଯାଉନଥିବା ନେଇ ଉପଭୋକ୍ତାଙ୍କ ପକ୍ଷରୁ ଅଭିଯୋଗ ହେଉଛି।

ବିଶେଷକରି ନବନିଯୁକ୍ତ ଯନ୍ତ୍ରୀ ଓ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟପ୍ରଣାଳୀକୁ ନେଇ ମଧ୍ୟ କେତେକ ଉପଭୋକ୍ତା ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ଏହି ଅଭିଯୋଗଗୁଡ଼ିକର ତଥ୍ୟାଧାରିତ ସମାଧାନ ଏବଂ ବିଦ୍ୟୁତ ବିଭାଗ ପକ୍ଷରୁ ଆବଶ୍ୟକ ସ୍ପଷ୍ଟୀକରଣ ଦେବାର ଆବଶ୍ୟକତା ରହିଛି। ବିଦ୍ୟୁତ ଭଳି ଅତ୍ୟାବଶ୍ୟକ ସେବାରେ ବାରମ୍ବାର ବାଧା ସୃଷ୍ଟି ହେଲେ ଏହାର ପ୍ରଭାବ



ସାଧାରଣ ଜୀବନଯାପନ, ବ୍ୟବସାୟ, ଶିକ୍ଷା ଓ କୃଷିକାର୍ଯ୍ୟ ଉପରେ ପଡୁଥିବାରୁ ଉପଭୋକ୍ତାମାନେ ସ୍ଥାୟୀ ସମାଧାନ ଦାବି କରୁଛନ୍ତି। ଏହି ପରିପ୍ରେକ୍ଷୀରେ କାକଟପୁର ମା’ ମଙ୍ଗଳା ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ସମସ୍ୟାଗୁଡ଼ିକୁ ନେଇ ପ୍ରତିବାଦ କରିବା ସହ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଆସନ୍ତା ସ୍ଥାନୀୟ ଖୁଣ୍ଟିଆ କନଭେନ୍‌ସନଠାରେ ଏକ ପୂର୍ଣ୍ଣାଙ୍ଗ ବୈଠକ ଡକାଯାଇଛି। ବୈଠକରେ କାକଟପୁରର ବିଦ୍ୟୁତ ସେବାର ବର୍ତ୍ତମାନ ସ୍ଥିତି, ଉପଭୋକ୍ତାଙ୍କ ସମସ୍ୟା, ଅଭିଯୋଗର ସମାଧାନ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଏବଂ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି ଉପସ୍ଥାପନ ସମ୍ପର୍କରେ ବିସ୍ତୃତ ଆଲୋଚନା ହେବ। ଏଥିସହ ଆଗାମୀ ପ୍ରତିବାଦର ରୂପରେଖା ମଧ୍ୟ ସ୍ଥିର କରାଯିବ। ତେଣୁ ସମସ୍ତ ବିଦ୍ୟୁତ ଉପଭୋକ୍ତାଙ୍କୁ ପୂର୍ଣ୍ଣାଙ୍ଗ ବୈଠକରେ ଯୋଗଦେଇ ନିଜ ନିଜ ଅଭିଯୋଗ, ମତାମତ ଓ ପ୍ରସ୍ତାବ ରଖିବା ସହିତ ଆଗାମୀ ରଣନୀତି ପ୍ରସ୍ତୁତିରେ ସହଭାଗୀ ହେବାକୁ ମହାସଂଘ ପକ୍ଷରୁ ଆହ୍ୱାନ କରାଯାଇଛି।

## ଗୁଡ଼ାରି-ଭୁବନେଶ୍ୱର ବସ୍ ସେବା ନେଇ ବିଧାନସଭାରେ ଗୁଣପୁର ବିଧାୟକଙ୍କ ପ୍ରଶ୍ନ, ପରିବହନ ମନ୍ତ୍ରୀ ରଖିଲେ ଉତ୍ତର

ରାୟଗଡା,(ନି:ପ୍ର): ଗୁଡାରିରୁ ରାଜଧାନୀ ଭୁବନେଶ୍ୱରକୁ ସରକାରୀ ବସ ସେବା ପ୍ରଦାନ ନେଇ ବିଧାନସଭାରେ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ ପ୍ରସଙ୍ଗ ଉଠାଇଛନ୍ତି। ଗୁଡାରି ଏନଏସି ମାନ୍ୟତା ପାଇବାର ୫୦ ବର୍ଷ ହୋଇଗଲେ ମଧ୍ୟ ଗୁଡାରିରୁ ରାଜଧାନୀ ଭୁବନେଶ୍ୱର ଏବଂ ସ୍ୱାସ୍ଥ୍ୟ ସେବା ନିମନ୍ତେ ବିଶାଖାପାଟଣା ପାଇଁ ସିଧାସଳଖ ଓ ଓଏସଆରଟିସି ବସ୍ ସୁବିଧା ସରକାର କେବେ ଯୋଗାଇଦେବେ ବୋଲି ପ୍ରଶ୍ନ କରିଥିଲେ ବିଧାୟକ ଶ୍ରୀ ଗମାଙ୍ଗ। ରାଜ୍ୟବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ ଓଡିଶା ରାଜ୍ୟ ସଡ଼କ ପରିବହନ ନିଗମ ତରଫରୁ ଭୁବନେଶ୍ୱର ଠାରୁ ଗୁଡାରି ପର୍ଯ୍ୟନ୍ତ ସିଧାସଳଖ ଏକ ବସ ସେବା ଏକ ମାସ ପର୍ଯ୍ୟନ୍ତ ଯୋଗାଇ ଦିଆଯାଇଥିଲା। କିନ୍ତୁ ଉକ୍ତ ମାର୍ଗରେ ବିଭିନ୍ନ ଅସୁବିଧା ହେତୁ ଏହି ସେବାକୁ ବର୍ତ୍ତମାନ ସ୍ଥଗିତ ରଖାଯାଇଛି। ଉକ୍ତ ବସର ପୁନଃ ଚଳାଚଳ ନିମନ୍ତେ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆଗାମୀ ଦିନରେ ଯାତ୍ରୀଙ୍କ ଯାତାୟତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମାର୍ଗ ସର୍ବେକ୍ଷଣ କରିବା ପରେ ଗୁଣୁପୁର ନିର୍ବାଚନ ମଣ୍ଡଳୀର ଗୁଡାରି ଠାରୁ ଭୁବନେଶ୍ୱର ଏବଂ ବିଶାଖାପାଟଣାକୁ ସିଧାସଳଖ ବସ ସେବା ଯୋଗାଇଦେବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏହି ସେବା ପ୍ରଦାନ ନିମନ୍ତେ ବିଧାୟକ ସତ୍ୟଜିତ ଗମାଙ୍ଗ ପୂର୍ବରୁ ମଧ୍ୟ ବିଧାନସଭାରେ ପ୍ରଶ୍ନ କରିଥିଲେ। ଗୁଡାରିରୁ ରାଜଧାନୀ ଭୁବନେଶ୍ୱର ଓ ବିଶାଖାପାଟଣାକୁ ସିଧାସଳଖ ସରକାରୀ ବସ ସେବା ପ୍ରଦାନ ନିମନ୍ତେ ଗୁଡାରି ଅଞ୍ଚଳବାସୀ ପୂର୍ବରୁ ୨ ଥର ପରିବହନ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାଛଡା ୨ ଥର ଗୁଡାରି ବନ୍ଦ ଡାକରା ଦିଆଯାଇଥିଲା। ଗତ ୨୨ ତାରିଖରେ ମଧ୍ୟ ଏହି ଦାବି ନେଇ ଗୁଡାରିରେ ବନ୍ଦ ପାଳନ ହୋଇଥିଲା। ଖୁବ ଶୀଘ୍ର ଏହି ସେବା ପ୍ରଦାନ ନିମନ୍ତେ ଅଞ୍ଚଳବାସୀ ପରିବହନ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ଅଂସେଇକଳା ଓ କଣ୍ଡରା ପଞ୍ଚାୟତରେ ସେବା ସଂକଳ୍ପ ସେତୁ କାର୍ଯ୍ୟକ୍ରମ

ଯୋଡା,(ନିପ୍ର): କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଅନ୍ତର୍ଗତ ଅଂସେଇକଳା ଓ କଣ୍ଡରା ଗ୍ରାମ ପଞ୍ଚାୟତକୁ ନେଇ ବ୍ଲକସ୍ତରୀୟ ସେବା ସଂକଳ୍ପ ଅଭିଯାନ ଅଭିଯୋଗ ଶୁଣାଣି ଶିବିର ଅଂସେଇକଳା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ‘ଏକ ପେଡ ମା କେ ନାମ’ କାର୍ଯ୍ୟକ୍ରମ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା। ଏହି ଅବସରରେ




ଯୋଡା ବ୍ଲକ ଅଧ୍ୟକ୍ଷ କବୀନ୍ଦ୍ର ନାଏକ ଯୋଗ ଦେଇଥିବା ବେଳେ ଯୋଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡେନିସ ବେହେରା,ଯୋଡା ବ୍ଲକ ସାଂସଦ ପ୍ରତିନିଧି ଅଗନୁ ଚରଣ ମହାନ୍ତ,ବିଧାୟକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ନାଏକ,ସହକାରୀ ନିର୍ବାହୀ ଯନ୍ତ୍ରୀ ଅଜୟ କୁମାର ସାହୁ,ଜିଲ୍ଲାପରିଷଦ ଡମ୍ବରୁଧର କୁଦାଦାଃ,ସରପଞ୍ଚ ଭାରତୀ ମୁଣ୍ଡା,ସମିତି ସମଭ୍ୟ ପିନାକ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ୨୦୨୬ ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନରେ ରାସନ କାର୍ଡ, ଆବାସ ଯୋଜନା, ରାସ୍ତା, ପୋଖରୀ, ସଫେଇ ସହ ଅନ୍ୟ ପ୍ରସଙ୍ଗ ସଂପର୍କରେ ଜନସାଧାରଣ ଅଭିଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବ୍ଲକସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ୬୫ ଗୋଟି ଅଭିଯୋଗର ଆଶୁ ସମାଧାନ ନିମନ୍ତେ ପଦକ୍ଷେପ ନେଇଥିଲେ। ଏଥିସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଜନ କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ସ୍ଥାନୀୟ ଗ୍ରାମବାସୀମାନଙ୍କୁ ଅବଗତ କରାଇଥିଲେ।

ଏହି କାର୍ଯ୍ୟକ୍ରମରେ ଜିପିଡିଓ ଭବାନୀ ଶଙ୍କର ନନ୍ଦ, କନିଷ୍ଠ ଯନ୍ତ୍ରୀ କାର୍ତ୍ତିକେଶ୍ୱର ନାଏକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସ୍ୱରୂପରାଜ ବିଶୋଇ, ପିଇଓ ସୁବାସ ନାଏକ ଓ କୃଷ୍ଣାସିସ ଆଚାର୍ଯ୍ୟ ସହ ଅନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଏହି ଦୁଇ ଗ୍ରାମ ପଞ୍ଚାୟତରୁ ଆସିଥିବା ଆବେଦନ ତଥା ଅଭିଯୋଗକୁ ସମାଧାନ ଉପରେ ଗୁରୁତ୍ୱ ଦେଇଛନ୍ତି।

## ବର୍ଷା ଯୋଗୁଁ ସଲପ ଗଛ ଘର ଉପରେ ପଡିଲା, ଅଳ୍ପକେ ବର୍ତ୍ତିଲେ ୨ ଭାଇଭଉଣୀ



ଡାବୁଗାଁ,(ନିପ୍ର): ଡାବୁଗାଁ ବ୍ଲକ ସାନ କୋଇଲାରୀ ଗ୍ରାମରେ ଲଗାଣ ବର୍ଷା ଯୋଗୁଁ ଡାବୁଗାଁ ବ୍ଲକ ସାନ କୋଇଲାରୀ ଗ୍ରାମରେ ଏକ ବଡ ଅଘଟଣ ଘଟିଛି। ସୋମନାଥ ଗୌଡ଼ଙ୍କ ଘର ଉପରେ ଏକ ବିରାଟ ସଲଫ ଗଛ ଭାଙ୍ଗି ପଡିଯାଇଛି। ଘଟଣା ବେଳେ ଘର ଭିତରେ ଦୁଇ ଭାଇ ଭଉଣୀ ଥିଲେ। ସୌଭାଗ୍ୟବଶତଃ ସେମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘରର ଛାତ ଓ କାନ୍ଥ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଲଗାତାର ବର୍ଷା ଯୋଗୁଁ ମାଟି ନରମ ହୋଇ ଗଛ ଉପୁଡି ପଡିଥିବା ସ୍ଥାନୀୟ ଲୋକେ କହିଛନ୍ତି। ପରିବାର ଏବେ ବେଘର ହୋଇଯାଇଛି ଓ ସରକାରୀ ସହାୟତା ଏକ ମାତ୍ର ସାହା ଭରସା।

## ଲଗାଣ ବର୍ଷାରେ ଭାଙ୍ଗିଲା ପ୍ରଭୁ ଶ୍ରୀନୀଳମାଧବଙ୍କ ମନ୍ଦିର ପାଚେରି



କଣ୍ଟିଲୋ,(ନି.ପ୍ର): ଲଗାଣ ବର୍ଷାର ପ୍ରଭାବରେ ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋସ୍ଥିତ ପ୍ରଭୁ ଶ୍ରୀନୀଳମାଧବଙ୍କ ମନ୍ଦିରର ପୂର୍ବ ଓ ଉତ୍ତର କୋଣ ସ୍ନାନ ମଣ୍ଡପକୁ ଲାଗି ରହିଥିବା ପୁରାତନ ପାଚେରିଟି ଭୁଶୁଡ଼ି ପଡ଼ିଥିବା ଜଣାପଡିଛି। ପାଚେରିଟି ଭୁଶୁଡି ପଡିଥିବାରୁ ଏହା ମେଘନାଦ ପ୍ରାଚୀର ପ୍ରତି ବିପଦ ସୃଷ୍ଟି କରିଛି। ସଫେଇ କର୍ମଚାରୀମାନେ ସେଠାରେ ସଫେଇ କାର୍ଯ୍ୟ କରୁଥିବା ବେଳେ ଏଭଳି ଅଘଟଣ ଘଟିଥିବା ମନ୍ଦିର କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାପଡିଛି। ଶ୍ରୀନୀଳମାଧବଙ୍କ ମନ୍ଦିର ପୂଜକ ସମାଜର ବରିଷ୍ଠ ସଦସ୍ୟମାନଙ୍କ ଠାରୁ ଖବରପାଇ ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ବିଶ୍ୱବିଶୃତ ତ୍ରିପାଠୀ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡିଛି। ଶ୍ରୀନୀଳମାଧବଙ୍କ ମନ୍ଦିରର ସୁରକ୍ଷା ଓ ସାମଗ୍ରିକ ବିକାଶ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ କଣ୍ଟିଲୋ ପଞ୍ଚାୟତବାସୀ ଦାବି କରିଛନ୍ତି।

## ଲଗାଣ ବର୍ଷାରେ ଭୁଶୁଡ଼ି ପଡ଼ିଲା ଘର ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ

ଗୋଲାମୁଣ୍ଡା,(ନିପ୍ର): ଝଡ଼ତୋଫାନ ସାଙ୍ଗକୁ ଲଗାଣ ବର୍ଷା ଯୋଗୁଁ ସାରା ଓଡ଼ିଶାରେ ଜନଜୀବନ ପ୍ରଭାବିତ ହୋଇଛି। ଅର୍ଣ୍ଣବର ପ୍ରଭାବରେ କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରେ ମଧ୍ୟ ଲଗାଣ ବର୍ଷା ସହ ପବନର ପ୍ରଭାବ ଦେଖିବାକୁ ମିଳିଛି। ଏହାର ପ୍ରଭାବରେ ଖଲିଆପାଲି ଗ୍ରାମରେ ଜଣେ ପରିବାରର ଘର ଭୁଶୁଡ଼ି ପଡ଼ିଥିବା ଜଣାପଡ଼ିଛି। ଖଲିଆପାଲି ଗ୍ରାମର ତୁଳମଣି ଚାଲାନଙ୍କ ପରିବାର ଘରେ ଶୋଇଥିବା ସମୟରେ ହଠାତ୍ ଘରର ଏକ ଅଂଶ ଭୁଶୁଡ଼ି ପଡ଼ିଥିଲା। ରାତି ସମୟରେ ଘର ଭୁଶୁଡ଼ି ପଡ଼ିବା ଘଟଣାକୁ ନେଇ ପରିବାର ମଧ୍ୟରେ ଭୟ ଓ ଆତଙ୍କ ସୃଷ୍ଟି ହୋଇଥିଲା। ତେବେ ସୌଭାଗ୍ୟବଶତଃ ଘରେ ଥିବା ପରିବାର ସଦସ୍ୟମାନେ



ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ଘଟଣା ପରେ କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ରହିବା ପାଇଁ ସୁରକ୍ଷିତ ବ୍ୟବସ୍ଥା କରିବା ସହ ଘର ଭାଙ୍ଗିବା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ଆକଳନ କରିବାକୁ ଦାବି ହୋଇଛି। ପ୍ରଶାସନ ପକ୍ଷରୁ ଘଟଣାସ୍ଥଳରେ ତଦନ୍ତ କରାଯାଇ କ୍ଷତିଗ୍ରସ୍ତ ପରିବାରକୁ ନିୟମାନୁସାରେ ଆବଶ୍ୟକ ସହାୟତା ଯୋଗାଇଦେବା ସହ ଅସ୍ଥାୟୀ ଭାବେ ରହିବାର ବ୍ୟବସ୍ଥା କରାଯାଉ ବୋଲି ସାଧାରଣରେ ଦାବି ହେଉଛି।

## ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ସାକ୍ଷାତ ଆଠଗଡ ଉପଖଣ୍ଡର ବିଭିନ୍ନ ସମସ୍ୟା ସାମଧାନ ପାଇଁ ଆଲୋଚନା

ଆଠଗଡ,(ନିପ୍ର): ଆଠଗଡ ସାମ୍ବାଦିକ ସଂଘ ପକ୍ଷରୁ ଆଠଗଡ ଉପଖଣ୍ଡର ପ୍ରଶାସନିକ ଅଧିକାରୀ ନୂତନ ଉପ ଜିଲ୍ଲାପାଳ ଅନିମେଶ ପ୍ରଧାନଙ୍କୁ ତାଙ୍କ କାର୍ଯ୍ୟାଳୟରେ ସୌଜନ୍ୟମୂଳକ ସାକ୍ଷତ କରିବା ସହ ଉତ୍ତରୀୟ, ଅମ୍ଳାନ ବୃକ୍ଷ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଆଠଗଡ ଉପଖଣ୍ଡର ବିଭିନ୍ନ ସମସ୍ୟା ବିଷୟରେ ଜଣାଇବା ସହିତ ମୁଖ୍ୟ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଆଠଗଡ ସାମ୍ବାଦିକ ସଂଘର ସଭାପତି ଅର୍ଦ୍ଧେନ୍ଦୁ ମହାନ୍ତି, ସମ୍ପାଦକ ବିଭୁତି ଭୂଷଣ ଖଟୁଆ,ବରିଷ୍ଠ ସାମ୍ବାଦିକ ରାଜକିଶୋର ବେହେରା ପ୍ରମୁଖ, ଆଠଗଡ ସାମ୍ବାଦିକ ସଂଘ ପକ୍ଷରୁ ଆଠଗଡ ଏନଏସିର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ସହିତ ବିଭିନ୍ନ ଅନିୟମିତତା ବିଷୟରେ ଆଲୋକପାତ କରିଥିଲେ। ଆଠଗଡର ବିଭିନ୍ନ କାର୍ଯ୍ୟାଳୟକୁ ଅଧିକାରୀମାନେ ଠିକ୍ ସମୟରେ ନ ଆସିବା ତଥା କିଛି ଅଧିକାରୀ ଆଦୌ ଆସୁନଥିବା, ସାମ୍ବାଦିକଙ୍କ ବୈଠକ ଓ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ସ୍ଥାୟୀ ଗୃହ ନଥିବା,ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିରରେ ପରିଚାଳନା କମିଟି ନ ଥିବାରୁ ମନ୍ଦିର ପରିଚାଳନାରେ ବିଭିନ୍ନ ସମସ୍ୟା, ଟିଗିରିଆ ବ୍ଲକରେ ବେଆଇନ ଖଣି, କ୍ରସର,ବାଣ ଓ ବେଆଇନ ନକଲି ମଦ କାରବାର ଏବଂ ସହରର ମୁଖ୍ୟ ଜନଗହଳିପୂର୍ଣ୍ଣ ରାସ୍ତାକଡରେ ଗଢି ଉଠିଥିବା ଦେଶୀ ବିଦେଶୀ ମଦ ଦୋକାନ ସମ୍ପର୍କରେ



ଅବଗତ କରାଇଥିଲେ। ଏଥିସହିତ ବେଆଇନ କାରବାର ପାଇଁ ସ୍ଥାନୀୟ ଜନସାଧାରଣ ଯେଉଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହା ମଧ୍ୟ ଉପ ଜିଲ୍ଲାପାଳ ଶ୍ରୀ ପ୍ରଧାନଙ୍କୁ ଅବଗତ କରାଇଥିଲେ। ସମସ୍ତ ବିଷୟକୁ ଶୁଣି ଆଗାମୀ ଦିନରେ ସମସ୍ତ ସମସ୍ୟା ସମାଧାନ ଉପରେ ପଦକ୍ଷେପ ଗ୍ରହଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ମହାପାତ୍ର, ଅଶୋକ କୁମାର ପ୍ରଧାନ,ପନିଆ ଖାଁ, ସଞ୍ଜୟ କୁମାର ମହାନ୍ତି, ଚନ୍ଦ୍ର ଶେଖର ମିଶ୍ର ଶ୍ରୀଧର ସେଠୀ, ପ୍ରମୁଖ ଉପସ୍ଥିତ ରହି ଉପଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ।

## ଭଦ୍ରକରେ ସମବାୟ ସଦସ୍ୟତା ଅଭିଯାନ ‘ସମ୍ବନ୍ଧ’

ଭଦ୍ରକ,(ନିପ୍ର): ଓଡ଼ିଶା ସମବାୟ ନୀତି–୨୦୨୬ ଅଧୀନରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ‘ସମ୍ବନ୍ଧ’ ସମବାୟ ସଦସ୍ୟତା ମହାଅଭିଯାନର ଭଦ୍ରକ ଜିଲ୍ଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ସହୀଦ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହାର ରାଜ୍ୟସ୍ତରୀୟ ଶୁଭାରମ୍ଭ ଭୁବନେଶ୍ୱରସ୍ଥିତ କୃଷି ଶିକ୍ଷା ସଦନ, ଓୟୁଏଟି ଠାରେ ମୁଖ୍ୟମନ୍ତ୍ରୀଙ୍କ ହୋଇଯାଇଛି। ଗ୍ରାମୀଣ ଅଞ୍ଚଳର ପ୍ରତ୍ୟେକ ପରିବାରରୁ ଅନ୍ୟୂନ ଜଣେ ସଦସ୍ୟଙ୍କୁ ପ୍ରାଥମିକ କୃଷି ସମବାୟ ସମିତି ଓ ବୃହତ୍ ଆକାରର ଆଦିବାସୀ ବହୁମୁଖୀ ସମବାୟ ସମିତି ସହ ସଂଯୋଜିତ କରିବା ଏହି ଅଭିଯାନର ପ୍ରମୁଖ ଲକ୍ଷ୍ୟ। ଏଥିସହ ମହିଳା ଓ ଯୁବବର୍ଗଙ୍କ ସମବାୟ ବ୍ୟବସ୍ଥାରେ ଅଧିକ ଅଂଶଗ୍ରହଣ, ନୂତନ ସମବାୟ ସମିତିଗୁଡ଼ିକୁ ସୁଦୃଢ଼ କରିବା ଏବଂ ସ୍ୱଚ୍ଛ ଓ ପ୍ରଯୁକ୍ତିଭିତ୍ତିକ ସଦସ୍ୟତା ବ୍ୟବସ୍ଥା ଗଠନ ଉପରେ ଅଭିଯାନରେ ଗୁରୁତ୍ୱ ଦିଆଯାଇଛି।

## ଡଙ୍ଗରୀଗୁଡାରେ ଦିନରେ ବୁଲୁଛି ଭାଲୁ, ଲୋକେ ଭୟଭୀତ

ଡାବୁଗାଁ,(ନିପ୍ର): ଡାବୁଗାଁ ବ୍ଲକ ଡଙ୍ଗରୀଗୁଡା ଗ୍ରାମରେ ଏକ ବଡ ଭାଲୁ ଗାଁ ଭିତରକୁ ପଶି ଆସିଥିବା ଦେଖିବାକୁ ମିଳିଛି। ଜଙ୍ଗଲ ନିକଟରୁ ଖାଦ୍ୟ ଅନ୍ୱେଷଣରେ ଆସି ଭାଲୁଟି ଦିନ ଦ୍ୱିପ୍ରହରରେ ଗାଁ ଦାଣ୍ଡରେ ବୁଲୁଥିବା ଗ୍ରାମବାସୀ ଦେଖିଛନ୍ତି। ହଠାତ୍ ଭାଲୁ ଦେଖି ଗ୍ରାମରେ ଆତଙ୍କ ଖେଳିଯାଇଛି। ଲୋକେ ଘର ଭିତରେ ରହି ବାହାରକୁ ବାହାରିବାକୁ ଡରୁଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଡାବୁଗାଁ ବନ ବିଭାଗକୁ ଖବର ଦିଆଯାଇଛି। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଭାଲୁକୁ ଜଙ୍ଗଲକୁ ଘଉଡାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି।



# ଲଗାଣ ବର୍ଷାରେ ହେକ୍ଟର ହେକ୍ଟର ଚାଷ ଜମି ଜଳମଗ୍ନ

## ||||||||||||||||||||||||| ଚାଷୀଙ୍କୁ ସହାୟତା ଦାବି |||||||||||||||||||||||||

କଣ୍ଟିଲୋ,(ନିପ୍ର): ଗତ ୩ ଦିନ ଧରି ଲଗାଣ ବର୍ଷା ପ୍ରଭାବରେ ଖଣ୍ଡପଡ଼ା ଅଞ୍ଚଳ ଦେଇ ପ୍ରବାହିତ କୁସୁମୀ,କୁଆଁରିଆ,ଆମ୍ବନାଳ ସମେତ ଶାଖା ନଦୀ ଗୁଡିକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। କୁସୁମୀ ଓ କୁଆଁରିଆ ନଦୀର ବନ୍ୟାଜଳ କୂଳ ଲଂଘି ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ମାଡି ଯିବା ଫଳରେ ହେକ୍ଟର ହେକ୍ଟର ଚାଷ ଜମି ଜଳମଗ୍ନ ହେବା ସହ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଯାଇଛି।

ଖଣ୍ଡପଡ଼ା ସହରର ଜେଲଖାନା ଛକ ଠାରୁ କୁସୁମୀ ସେତୁ ଦେଇ ବନମାଳିପୁରକୁ ସଂଯୋଗ କରୁଥିବା ଗ୍ରାମ୍ୟ ରାସ୍ତାରେ ୩ ଫୁଟ ଉଚ୍ଚରେ କୁସୁମୀ ନଦୀର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଉକ୍ତ ରାସ୍ତା ଦେଇ ଯାତାୟାତ ବନ୍ଦ ହୋଇଯାଇଛି। ସେହିପରି ଖଣ୍ଡପଡ଼ାରୁ କୁଞ୍ଜବିହାରୀପୁର,ସାହାସପୁର, ଶାଳଝରିଆ ଗ୍ରାମ ଦେଇ ନିକଟସ୍ଥ ଗୁଣ୍ଡୁଣି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଆନିକଟ ନିକଟରେ ବନ୍ୟାଜଳ ରାସ୍ତା ଉପରେ ପ୍ରବାହିତ ହେଉଥିବା ଜଣାପଡିଛି। କୁସୁମୀ ନଦୀର ବନ୍ୟାଜଳ ବିପଦ ସଙ୍କେତ ନିକଟତର ହୋଇଥିବାରୁ ନଦୀ ତଟବର୍ତ୍ତୀ ଅଞ୍ଚଳର ବାସିନ୍ଦାଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଲଗାଣ ବର୍ଷା ଯୋଗୁଁ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ହଜାର ହଜାର ଚାଷୀ ପରିବାର କ୍ଷତିଗ୍ରସ୍ତ ହୋଇଥିବା ବେଳେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଚିହ୍ନଟ କରି ଆନୁଷଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ଖଣ୍ଡପଡା ତହସିଲ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



## ମିଳୁନି ଭତ୍ତା, ଔଷଧ ପାଇଁ ନାହିଁ ଟଙ୍କା

ରାୟଗଡ଼ା, (ନିପ୍ର): ୬ ମାସ ଧରି ଭତ୍ତା ଟଙ୍କା ନମିଳିବାରୁ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି କାଶୀପୁର ବ୍ଲକ ଦୁଡୁକାବାହାଲ ପଞ୍ଚାୟତ ଅନ୍ତର୍ଗତ କାଳିଆପଡ଼ା ଗ୍ରାମର ବୃଦ୍ଧା ପଦ୍ମାବତୀ ନାୟକ। ଅସୁସ୍ଥତା ଯୋଗୁଁ ସେ ବର୍ତ୍ତମାନ ଶଯ୍ୟାଶାୟୀ ଥିବା ବେଳେ ଔଷଧ କିଣିବା ପାଇଁ ମଧ୍ୟ ତାଙ୍କ ନିକଟରେ ଅର୍ଥ ନାହିଁ। ପଦ୍ମାବତୀଙ୍କ କହିବା ଅନୁଯାୟୀ, ଭତ୍ତା ଟଙ୍କା ପାଇଁ ସେ ଅନେକଥର ବ୍ୟାଙ୍କ ଓ ଜନସେବା କେନ୍ଦ୍ରକୁ ଯାଇଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ପାଇନାହାନ୍ତି। ଦୀର୍ଘ ୬ ମାସ ଧରି ଭତ୍ତା ନମିଳିବା ସହ ରାସନ ଚାଉଳ ମଧ୍ୟ ନପାଇବାରୁ ପରିବାର ଆର୍ଥିକ ସଙ୍କଟରେ ପଡ଼ିଛି। ବର୍ତ୍ତମାନ ଅସୁସ୍ଥ ହୋଇ ଶଯ୍ୟାଶାୟୀ ଥିବା ପଦ୍ମାବତୀଙ୍କ ପାଖରେ ଚିକିତ୍ସା ଓ ଔଷଧ ପାଇଁ ଅର୍ଥ ନଥିବାରୁ ସମସ୍ୟା ଅଧିକ ଗୁରୁତର ହୋଇଛି। ଏନେଇ ପ୍ରଶାସନ ତୁରନ୍ତ ତଦନ୍ତ କରି ବକେୟା ଭତ୍ତା ଓ ରାସନ ଯୋଗାଣ ସହ ଆବଶ୍ୟକ ଚିକିତ୍ସା ସହାୟତା ଯୋଗାଇଦେବାକୁ ସାଧରଣରେ ଦାବି ହୋଇଛି।

CMYK



ତିଥି :(ପୂର୍ଣ୍ଣିମା): (ପୂର୍ବଭାଦ୍ର କୁମ୍ଭ)
ଅମୃତ ବେଳା: ଦିବା ଘ ୬।୨୮ ମଧ୍ୟେ ଘ୭।୧୬ ଗତେ

## ଆଜିର ଅନୁଚିନ୍ତନ

ଯେଉଁ ମନୁଷ୍ୟମାନେ ଦୋଷଦୃଷ୍ଟିରହିତ ହୋଇ ଶ୍ରଦ୍ଧାପୂର୍ବକ ସର୍ବଦା ମୋର ଏହି ମତ ଅନୁସରଣ କରନ୍ତି, ସେମାନେ ମଧ୍ୟ ସମସ୍ତ କର୍ମବନ୍ଧନରୁ ମୁକ୍ତ ହୋଇଯାଆନ୍ତି।।- ଶ୍ରୀମଦ୍ ଭଗବଦ୍ ଗୀତା

## ସ୍ୱଚ୍ଛତା ରକ୍ଷା ନେଇ ପ୍ରଶ୍ନ

ଯେତେବେଳେ କୌଣସି ଗୁରୁତ୍ୱପୂର୍ଣ୍ଣ ବିବୃତି ନେଇ ଘୋଷଣା ହୁଏ ନିର୍ବାଚନ କମିଶନଙ୍କ ମୁଖ୍ୟ ନିର୍ବାଚନ କମିଶନର ତାଙ୍କ ଦୁଇ ପାର୍ଶ୍ୱରେ ଦୁଇ ନିର୍ବାଚନ କମିଶନର ଡ. ଯୋଶୀ ଓ ଡ. ସାନ୍ଧୁଙ୍କୁ ଉପସ୍ଥିତ କରାଇଥାଆନ୍ତି। ଏହି କମିଶନ ୩ ସଦସ୍ୟ ବିଶିଷ୍ଟ । ନିଷ୍ପତ୍ତି ୩ ଜଣଙ୍କ ଆଧାରିତ ହେବା ଅତୀବ ଗୁରୁତ୍ୱପୂର୍ଣ୍ଣ। ମାତ୍ର ମନେହୁଏ କୌଣସି ନା କୌଣସି ସ୍ତରରେ ମତଭେଦ କାରଣରୁ ଦୁଇ ନିର୍ବାଚନ କମିଶନର ମୁଖ୍ୟ ନିର୍ବାଚନ କମିଶନରଙ୍କ ବିରୋଧରେ ଆପତ୍ତି ଉଠାଇଥିବାର ଖବର ଗଣମାଧ୍ୟମକୁ ଆସିଛି। ଥରେ କି ଦୁଇ ଥର ନୁହେଁ, ୨୦୨୫ ଅକ୍ଟୋବର ୨୮ରେ ୨୦୨୬ ଅଗଷ୍ଟ ୧୪ ମଧ୍ୟରେ ୧୪ ଥର ଆପତ୍ତି ଦର୍ଶାଇଛନ୍ତି ଦୁଇ ନିର୍ବାଚନ କମିଶନର। ତେଣୁ ଏହାକୁ ସାଧାରଣ ଘଟଣା ବୋଲି କେବେ ଉପେକ୍ଷା କରିହେବନାହିଁ।

ଯେଉଁ ଆପତ୍ତିଗୁଡ଼ିକ ଥିଲା ତାହା ମଧ୍ୟରେ ଅଧିକ ଗୁରୁତ୍ୱପୂର୍ଣ୍ଣ ଭୋଟରଙ୍କ ତଥ୍ୟ ନେଇ ଅଧିକ କେନ୍ଦ୍ରୀକରଣ। ଅବଶ୍ୟ ଗତ ମେ'ରେ ସୁପ୍ରିମକୋର୍ଟ ଧାରା ୩୨୪ ମୁତାବକ କମିଶନରଙ୍କ କ୍ଷମତାକୁ ବଜାୟ ରଖିଥିଲେ। ଏହା ସତ୍ତ୍ୱେ ପଦ୍ଧତିଗତ ସୁରକ୍ଷା ସଂକ୍ରାନ୍ତ ଦିଗ ନାନା ପ୍ରଶ୍ନର କୁହେଳିକାରେ । ତେବେ ଗଣମାଧ୍ୟମରେ ଯାହା ଖବର ତାହା ହେଉଛି ନୂତନ ଭୋଟର ପଂଜୀକରଣ ପାଇଁ ଉଦ୍ଦିଷ୍ଟ ଆଇନଗତ ଫର୍ମ-୬ ମୁଖ୍ୟ ନିର୍ବାଚନ କମିଶନର ବା ସିଇସିଙ୍କ ଦ୍ୱାରା ପରିବର୍ତ୍ତନ କରାଯାଇଥିଲା। ଦୁଇ ନିର୍ବାଚନ କମିଶନର ଯୁକ୍ତି ରଖିଥିଲେ ଯେ ଫର୍ମ-୬ ସଂସଦୀୟ ନିୟମ ଅଧୀନରେ ସୁରକ୍ଷିତ। କେନ୍ଦ୍ର ସରକାରଙ୍କ ବିନା ସଂଶୋଧନରେ ତାହା ବଦଳାଯାଇପାରିବ ନାହିଁ। ମାତ୍ର ଏହି ଆପତ୍ତିକୁ ମୁଖ୍ୟ ନିର୍ବାଚନ କମିଶନର ଅଣଦେଖା କରିଥିଲେ ବୋଲି ଅଭିଯୋଗ ହୋଇଛି। ନିର୍ବାଚନ କମିଶନ କାର୍ଯ୍ୟକାରୀ କରିଥିଲେ ଏସ୍‌ଆଇଆର୍ ବା ସ୍ୱତନ୍ତ୍ର ସଂଘନ ସଂଶୋଧନ। ଦେଶବ୍ୟାପୀ ଏହା କାର୍ଯ୍ୟକାରୀ କରାଯିବାବେଳେ ସଂଶୋଧନ କାଳରେ ବହୁ ଭୋଟରଙ୍କ ନାମ ବାଦ୍ ପଡ଼ିବା, ବିଶେଷକରି କୋଲକତାରେ ପ୍ରାୟ ୭ ଲକ୍ଷଙ୍କ ନାମ ବାଦ୍ ପଡ଼ିବା ପ୍ରଭୃତି ନେଇ ଜନଅସନ୍ତୋଷ ସୃଷ୍ଟି ହୋଇଛି। ମୋଟ ଉପରେ ଏସ୍‌ଆଇଆର୍ ଯୋଗୁଁ ଦେଶରେ ବାଦ୍ ପଡ଼ିଥିବା ଭୋଟରଙ୍କ ସଂଖ୍ୟା ପ୍ରାୟ ୭.୮ କୋଟି। ନିର୍ବାଚନ କମିଶନର ଆନୁଷ୍ଠାନିକ ବିବୃତିରେ ମତ ରଖିଛନ୍ତି ୧୩କୋଟି ନକଲି ଓ ଅଣନାଗରିକଙ୍କ ନାମ ନେଇ ଡାଟାବେସ୍ ସୁଧାରିବା ନିଶ୍ଚୟ ଏକ ପ୍ରମୁଖ ବୈଷୟିକ ଆବଶ୍ୟକତା।

ପ୍ରକ୍ରିୟା ଦ୍ୱାରା ଅଧିକ ପ୍ରଭାବିତ ହୋଇଛନ୍ତି ପ୍ରବାସୀ ଶ୍ରମିକ, ଦିନ ମଜୁରିଆ, ଯେଉଁମାନେ କି ପେଟପାଟଣା ପାଇଁ ଅନ୍ୟ ରାଜ୍ୟକୁ ଯାଉଛନ୍ତି ଅଥବା ରାଜ୍ୟରୁ ରାଜ୍ୟ ବୁଲୁଛନ୍ତି, ଚିଠା ଭୋଟର ରଖାଯିବାବେଳେ ଲକ୍ଷ ଲକ୍ଷ ଏପରି ବର୍ଗର ଭୋଟର ବାଦ୍ ପଡ଼ିବା, ଶ୍ରମିକଙ୍କ ନାଗରିକ ଅଧିକାର ରକ୍ଷା ପ୍ରତି ବିପଦ ହିଁ ସୃଷ୍ଟି କରେ ବୋଲି ଚର୍ଚ୍ଚା ହେଉଛି। ନିର୍ବାଚନ କମିଶନର ଆଇଟି ବିଭାଗ ଫର୍ମ-୬ରେ ଦାବି କରିଥିଲା, ୨୦୦୨ ମସିହା ଠାରୁ ବଂଶାନୁକ୍ରମିକ ପ୍ରମାଣ ବାଧ୍ୟତାମୂଳକ। ତେବେ ଏପରି ପୁରୁଣା ଦଲିଲ ଦାଖଲ କରିବା ଅବହେଳିତ ପ୍ରବାସୀ ଶ୍ରମିକଙ୍କ ପକ୍ଷେ କେତେ ଦୂର ସମ୍ଭବ ତାହା ଚିନ୍ତା କରାଯାଇପାରେ। ପଦ୍ଧତିଗତ ସୁରକ୍ଷା ପାଇଁ ଡାଟା ତ୍ରୁଟି ସୁଧାରିବା ଆବଶ୍ୟକ, ଏକଥା ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ମାତ୍ର କାର୍ଯ୍ୟକାରିତା ପଦ୍ଧତିରେ ସୁରକ୍ଷା ପାଇଁ ନିର୍ବାଚନ କମିଶନରଙ୍କ ପକ୍ଷରୁ ପଦକ୍ଷେପ କିପରି ନିଆଗଲା ନାହିଁ ବୋଲି ପ୍ରଶ୍ନ ଉଠୁଛି। ଆଲୋଚ୍ୟ ଦୁଇ ନିର୍ବାଚନ କମିଶନରଙ୍କ ଅଭିଯୋଗ ଆଧାରରେ ଖବର ଗଣମାଧ୍ୟମରେ ଚର୍ଚ୍ଚିତ ହେବା ପରେ ରାଜନୈତିକ ଉଷ୍ମତା ଲକ୍ଷ୍ୟ କରାଯାଉଛି। ଯେଉଁଠି ସ୍ଥିରତା ଆସ୍ଥା ଓ ବିଶ୍ୱାସ ସ୍ଥାପିତ ହୋଇଥାଏ, ସେପରି ସ୍ଥାନରେ ଅସ୍ଥିରତା କେତେ ମାତ୍ରାରେ ଓ ତାହାର ଉତ୍ସ କ'ଣ ପୁଙ୍ଖାନୁପୁଙ୍ଖ ତଦନ୍ତ ଆବଶ୍ୟକତା ରଖେ। ଏବେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶଙ୍କ ଇସ୍ତଫା ଦାବି ହେଉ କି ମହାଭିଯୋଗ ପ୍ରସ୍ତାବ ପ୍ରସ୍ତୁତି ହେଉ, ଆଲୋଚ୍ୟ ବ୍ୟବସ୍ଥାରେ ସ୍ୱଚ୍ଛତା ରକ୍ଷା ନେଇ ନାନା ପ୍ରଶ୍ନ ସୃଷ୍ଟି କରେ।

## ଉତ୍ସବକୁ ସଂକଳ୍ପରେ ପରିଣତ କରିବାର ପ୍ରଶ୍ନ

### ସୌଭାଗ୍ୟ ରଞ୍ଜନ ମହାନ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନକୁ କେନ୍ଦ୍ର କରି ୨୦୨୬ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଚାଲୁଥିବା ଏକମାସିଆ ସେବା ଓ ସଂକଳ୍ପ ଅଭିଯାନକୁ କେବଳ ଜନ୍ମଦିନର ଉତ୍ସବ ଭାବେ ଦେଖିଲେ ଏହାର ସମ୍ପୂର୍ଣ୍ଣ ଚିତ୍ର ଆମ ସାମ୍ନାକୁ ଆସିବ ନାହିଁ; କାରଣ ଏହି ଅବସରରେ ଘୋଷିତ କାର୍ଯ୍ୟକ୍ରମରେ ଖଦି, ଗ୍ରାମୋଦ୍ୟୋଗ, ସ୍ୱଦେଶୀ, ନିଯୁକ୍ତି, ସ୍ୱଚ୍ଛତା, ବୃକ୍ଷରୋପଣ, ଜନସହଭାଗିତା ଓ ସାମାଜିକ ସେବାକୁ ସାମିଲ କରାଯାଇଛି। ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗର ସରକାରୀ ସୂଚନା ଅନୁସାରେ 'ସେବା ସଂକଳ୍ପ, ଖଦି ମହୋତ୍ସବ' ଅକ୍ଟୋବର ୧୭ ପର୍ଯ୍ୟନ୍ତ ଦେଶବ୍ୟାପୀ ଭାବେ ଜନସହଭାଗିତାରେ ଚାଲିବ ଏବଂ ଏହା ସହ ଖଦି, ସ୍ୱଦେଶୀ, ଗ୍ରାମୀଣ ଜୀବିକା ଓ ଆତ୍ମନିର୍ଭରତାକୁ ଯୋଡ଼ାଯାଇଛି। ସେହି କାର୍ଯ୍ୟକ୍ରମରେ ପ୍ରାୟ ୨୮୯ କୋଟି ଟଙ୍କାର ମାର୍ଜିନ ଅର୍ଥ ସାହାଯ୍ୟ ୩୩୬୬ଟି ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମର ହିତାଧିକାରୀଙ୍କୁ ବଣ୍ଟନ ଏବଂ ପ୍ରାୟ ୩୭୦୨୬ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିର କଥା ସରକାରୀ ଭାବେ ଉଲ୍ଲେଖ କରାଯାଇଛି। ଜନ୍ମଦିନ ଯଦି ଜଣେ ବ୍ୟକ୍ତିର ଜୀବନର ଏକ ଦିନ, ତେବେ ତାହାକୁ ଯଦି ସେବାର ଅବସରରେ ପରିଣତ କରାଯାଏ, ସେଠାରେ ଆଲୋଚନାର କେନ୍ଦ୍ରବିନ୍ଦୁ ବ୍ୟକ୍ତି ନୁହେଁ, ସମାଜ ହେବା ଉଚିତ। ଏହାର ଅର୍ଥ ଏନୁହେଁ ଯେ ଏହି ଆୟୋଜନକୁ ନେଇ ପ୍ରଶ୍ନ କରିବାର ଅଧିକାର କାହାର ନାହିଁ। ଗଣତନ୍ତ୍ରରେ ପ୍ରଶ୍ନ ରହିବ, ସମାଲୋଚନା ରହିବ, ବିରୋଧୀ ମତ ରହିବ। କିନ୍ତୁ ସମାଲୋଚନାର ମଧ୍ୟ ଏକ ମାପକାଠି ଅଛି। ଯଦି କୌଣସି କାର୍ଯ୍ୟକ୍ରମରେ ରକ୍ତଦାନ ହୁଏ, ଯଦି ଗଛ ଲଗାଯାଏ, ଯଦି ଗ୍ରାମୀଣ କାରିଗରଙ୍କୁ ବଜାର ମିଳେ, ଯଦି ଯୁବକଙ୍କୁ ଉଦ୍ୟମ ଆରମ୍ଭ ପାଇଁ ସହାୟତା ମିଳେ, ଯଦି ସ୍ୱଚ୍ଛତା ଅଭିଯାନରେ ଲୋକ ଯୋଗଦେଇଥାନ୍ତି, ତେବେ ସେହି କାର୍ଯ୍ୟର ପରିଣାମକୁ ମଧ୍ୟ ଆଲୋଚନାରେ ସାମିଲ କରିବା ଆବଶ୍ୟକ। ଏକମାସିଆ ଅଭିଯାନକୁ ନେଇ ସର୍ବପ୍ରଥମେ ବୁଝିବା ଦରକାର ଯେ ଏହା ଗୋଟିଏ ଦିନର ଜନ୍ମଦିନ ଉତ୍ସବକୁ ଦୀର୍ଘ ସାମାଜିକ କାର୍ଯ୍ୟକ୍ରମରେ ବିସ୍ତାର କରିବାର ଚେଷ୍ଟା। ୨୦୨୬ର ଏହି ଆୟୋଜନ ପ୍ରଧାନମନ୍ତ୍ରୀଙ୍କ ସାର୍ବଜନୀନ ଜୀବନର ପଚିଶ ବର୍ଷ ପୂରଣ ସହ ମଧ୍ୟ ଯୋଡ଼ାଯାଇଛି। ସରକାରୀ ଓ ଦଳୀୟ କାର୍ଯ୍ୟକ୍ରମରେ ଏହି ଅବଧିକୁ ସେବା, ସୁଶାସନ ଓ ଜନଭାଗିଦାରୀର ପ୍ରସଙ୍ଗରେ ପ୍ରସ୍ତୁତ କରାଯାଉଛି। ଏଠାରେ ମଧ୍ୟ ଏକ ସ୍ପଷ୍ଟ ଭେଦ ରଖିବା ଦରକାର-କୌଣସି ସରକାର କିମ୍ବା ଦଳ ନିଜ କାର୍ଯ୍ୟକୁ ନିଜ ଦୃଷ୍ଟିକୋଣରୁ ପ୍ରଚାର କରିପାରେ, କିନ୍ତୁ ତାହାର ପ୍ରକୃତ ସଫଳତା ନିର୍ଣ୍ଣୟ କରିବାର ଅଧିକାର ଶେଷରେ ଜନତାଙ୍କର।

ଏଠାରେ ଖଦିର ପ୍ରସଙ୍ଗ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଖଦିକୁ କେବଳ ବସ୍ତ୍ର ଭାବେ ଦେଖିଲେ ଏହାର ଗ୍ରାମୀଣ ଅର୍ଥନୀତି ସହ ସମ୍ପର୍କଟି ଅଦୃଶ୍ୟ ହୋଇଯାଏ। ସରକାରୀ ତଥ୍ୟ ଅନୁସାରେ ୨୦୨୫-୨୬ ଆର୍ଥିକ ବର୍ଷରେ ଖଦି ଓ ଗ୍ରାମୋଦ୍ୟୋଗ କ୍ଷେତ୍ରର ମୋଟ କାରବାର ୧.୮୭ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଥିବା ଏବଂ ଏହି କ୍ଷେତ୍ରରେ ୨ କୋଟିରୁ ଅଧିକ ଲୋକ ନିଯୁକ୍ତ ଥିବା ଦାବି କରାଯାଇଛି। ଏହି ସଂଖ୍ୟାକୁ ସରକାରୀ ଦାବି ଭାବେ ବୁଝିବା ଦରକାର, କିନ୍ତୁ ଏହା ଦର୍ଶାଏ ଯେ ଖଦି ଓ ଗ୍ରାମୀଣ ଶିଳ୍ପ ଆଜି କେବଳ ପ୍ରତୀକର ବିଷୟ ନୁହେଁ; ଏହା ଜୀବିକା ଓ ବଜାର ସହ ମଧ୍ୟ ଜଡ଼ିତ। ଏହି ପରିପ୍ରେକ୍ଷିତରେ ଜନ୍ମଦିନକୁ ଖଦି ଓ ସ୍ୱଦେଶୀ ସହ ଯୋଡ଼ିବାର ଯୁକ୍ତି ବୁଝିବା ସହଜ ହୁଏ। ଅନ୍ୟପଟେ, ସମାଲୋଚକମାନେ ଯଦି କହନ୍ତି ଯେ ଏପରି ଆୟୋଜନ ରାଜନୈତିକ ପ୍ରଚାରର ମାଧ୍ୟମ ହୋଇପାରେ, ତାହା ଏକ ରାଜନୈତିକ ବ୍ୟାଖ୍ୟା; ତାହାକୁ ପରୀକ୍ଷା କରିବାର ଉପାୟ ହେଉଛି ଆୟୋଜନର ଖର୍ଚ୍ଚ, ପ୍ରକୃତ ଲାଭ, ଲାଭାର୍ଥୀଙ୍କ ସଂଖ୍ୟା ଓ ପ୍ରାପ୍ତ ପରିଣାମକୁ ଯାଞ୍ଚ କରିବା। ଏହି ପଦ୍ଧତି ହିଁ ଗଣତାନ୍ତ୍ରିକ ଚର୍ଚ୍ଚାକୁ ଅଧିକ ସୁସ୍ଥ କରେ। କାହାକୁ ପ୍ରଶଂସା କରିବା ହେଉ କିମ୍ବା କାହାକୁ ସମାଲୋଚନା କରିବା, ତଥ୍ୟର ମୂଲ୍ୟ ଉଭୟ କ୍ଷେତ୍ରରେ ସମାନ।

ଏକମାସିଆ ଅଭିଯାନର ସମର୍ଥନ କିମ୍ବା ବିରୋଧ ଠାରୁ ଅଧିକ ଆବଶ୍ୟକ ହେଉଛି ଏହାର ପ୍ରକୃତ ଫଳାଫଳ ଉପରେ ଆଲୋଚନା। ଯଦି ଏହା ଜନସେବାକୁ ବଢ଼ାଏ, ଗ୍ରାମୀଣ ଅର୍ଥନୀତିକୁ ଶକ୍ତ କରେ, ଯୁବ ଉଦ୍ୟମୀଙ୍କୁ ସୁଯୋଗ ଦିଏ, କାରିଗରଙ୍କ ଆୟ ବଢ଼ାଏ, ସ୍ୱଚ୍ଛତା ଓ ପରିବେଶ ସଚେତନତାକୁ ଜନଆନ୍ଦୋଳନରେ ପରିଣତ କରେ, ତେବେ ତାହାର ସାମାଜିକ ମୂଲ୍ୟକୁ ଅସ୍ୱୀକାର କରିବା ସହଜ ହେବ ନାହିଁ। ନେତାଙ୍କ ଜନ୍ମଦିନକୁ ନେଇ ମତଭେଦ ଥାଇପାରେ, କିନ୍ତୁ ଜନସେବା, ସ୍ୱଚ୍ଛତା, ରକ୍ତଦାନ, ପରିବେଶ ସୁରକ୍ଷା, ଗ୍ରାମୀଣ ଉଦ୍ୟମ, ଖଦି ଓ ସ୍ୱଦେଶୀ ଅର୍ଥନୀତି ପାଇଁ ଯଦି ଲକ୍ଷଲକ୍ଷ ଲୋକ ସ୍ୱେଚ୍ଛାରେ ଯୋଗଦିଅନ୍ତି, ତେବେ ସେହି ଜନସହଭାଗିତାକୁ ନେଇ ଗମ୍ଭୀର ଚର୍ଚ୍ଚା ହେବା ଦରକାର।

ମୋ: ୯୪୩୭୯୯୪୩୭୯

## 'ଭୋଟ ହମାରା, ରାଜ ତୁମ୍ହାରା'

**ବ୍ୟବସ୍ଥାରେ ଏକ ସୂକ୍ଷ୍ମ ସନ୍ତୁଳନ ରହିବା ଅପରିହାର୍ଯ୍ୟ। ସୀମା ଆଇନକୁ ଏତେ କଠୋର କରାଯିବା ଉଚିତ ନୁହେଁ ଯେ ପ୍ରକୃତ ପୀଡ଼ିତ ଜଣେ କେବଳ ଗୋଟିଏ କାଗଜପତ୍ରର ଭୁଲ୍ କିମ୍ବା କିଛି ଦିନର ବିଳମ୍ବ ପାଇଁ ଚିରଦିନ ପାଇଁ ନ୍ୟାୟରୁ ବଞ୍ଚିତ ହୋଇଯିବେ। ଅପରପକ୍ଷରେ, ଏହାକୁ ଏତେ କୋହଳ ମଧ୍ୟ କରାଯିବା ଉଚିତ ନୁହେଁ ଯେ ସମୟସୀମାର ଅସ୍ତିତ୍ୱ ହିଁ ନଷ୍ଟ ହୋଇଯିବ। ଏହି କ୍ଷେତ୍ରରେ ବିଚାରପତିମାନଙ୍କର ବିବେକ ଓ ନ୍ୟାୟିକ ଦୃଷ୍ଟିକୋଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।**

### ଅଧ୍ୟାପକ ଗୋପବନ୍ଧୁ

'ଭୋଟ ଆମର ଶାସନ ତୁମର, ଚଳିବ ନାହିଁ ! ଚଳିବ ନାହିଁ !' ଏହା ଭାରତୀୟ ରାଜନୀତିରେ କ୍ରମେ ଅଧିକରୁ ଅଧିକ ବ୍ୟବହୃତ ହେଉଥିବା ସ୍ଲୋଗାନ। ଏହି ସ୍ଲୋଗାନର ଜନକ ପ୍ରବୀଣ ରାଜନୈତିକ ଦିଗଦର୍ଶକ କାଂଶୀରାମ। ଏହି ସ୍ଲୋଗାନ ମାଧ୍ୟମରେ ସେ ଉତ୍ତରଭାରତରେ ନିଜ ରାଜନୀତିର ସଫଳ ପ୍ରୟୋଗ କରିଥିଲେ ଓ ଉତ୍ତରପ୍ରଦେଶରେ କ୍ଷମତାକୁ ଆସିବାକୁ ସକ୍ଷମ ହୋଇଥିଲେ। ତେବେ ଏହି ସ୍ଲୋଗାନକୁ ନେଇ ଉଭୟ ସପକ୍ଷ ଓ ବିପକ୍ଷ ପ୍ରତିକ୍ରିୟା ରହିଛି। ବିପକ୍ଷବାଦୀଙ୍କ ମତରେ ଏହା ଏକ ଜାତିବାଦୀ ସ୍ଲୋଗାନ। ଜାତିକୁ ନେଇ ରାଜନୀତି କରିବାର ଏହା ଏକ ପ୍ରୟାସ। ବିଶେଷକରି ଅନୁସୂଚିତ ଜାତିମାନେ ଏହାରି ମାଧ୍ୟମରେ ସଂଗଠିତ ହୋଇ ଉତ୍ତରପ୍ରଦେଶରେ କ୍ଷମତାକୁ ଆସିଥିଲେ। ଅନ୍ୟାନ୍ୟ ପଛୁଆବର୍ଗ ବା ଓବିସିମାନେ ଦେଖିଲେ ଏହା ଏକ ଉପାଦେୟ ସ୍ଲୋଗାନ। ତେଣୁ ଏମାନେ ମଧ୍ୟ ଏ ସ୍ଲୋଗାନ ଦେଲେ ଏବଂ ଉତ୍ତରପ୍ରଦେଶ ଓ ବିହାର ପରି ରାଜ୍ୟରେ କ୍ଷମତାକୁ ଆସିଲେ। ଝାଡ଼ଖଣ୍ଡରେ ଆଦିବାସୀମାନେ ସମାନ ଢଙ୍ଗରେ କ୍ଷମତାକୁ ଆସିଛନ୍ତି। ଏବେ ପ୍ରାୟ ସମସ୍ତ ରାଜ୍ୟରେ ଏ ସ୍ଲୋଗାନ ଶୁଣିବାକୁ ମିଳୁଛି। ଏହା ଜାତି ଅସ୍ଥିରତା ସୃଷ୍ଟିପାଇଁ ଉଦ୍ଦିଷ୍ଟ ବୋଲି ବିପକ୍ଷବାଦୀଙ୍କ ମତ।

ଅନ୍ୟ ପକ୍ଷରେ ଏହି ସ୍ଲୋଗାନର ସପକ୍ଷବାଦୀ କହନ୍ତି ଏହା ଏକ ପ୍ରଗତିଶୀଳ ସ୍ଲୋଗାନ, ଗଣତନ୍ତ୍ରକୁ ସୁଦୃଢ଼ କରିବାର ସ୍ଲୋଗାନ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସାମାଜିକ ସନ୍ତୁଳନ ଅପରିହାର୍ଯ୍ୟ। ଭାରତବର୍ଷ ପରି ବହୁଧର୍ମ, ବହୁଜାତି ଓ ବହୁ ସମ୍ପ୍ରଦାୟ ସମ୍ବଳିତ ଦେଶରେ ଏହାର ଆବଶ୍ୟକତା ଆହୁରି ବେଶି। ଯେଉଁ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସଂଖ୍ୟାଧିକ ଲୋକ କ୍ଷମତା ବଳୟର ବାହାରେ ରହନ୍ତି, ତାହା ଠିକ୍ ଗଣତାନ୍ତ୍ରିକ ବ୍ୟବସ୍ଥା ନୁହେଁ। ସମସ୍ତେ ସମାନ ଭାବେ ଶାସନ ବ୍ୟବସ୍ଥାର ଭାଗୀଦାରୀ ହେବା ହିଁ ଗଣତନ୍ତ୍ର। ଅଳ୍ପ ସଂଖ୍ୟକ ଲୋକ ଜାତି ନାମରେ, ଧର୍ମ ନାମରେ, ସମ୍ପ୍ରଦାୟ ନାମରେ ଅଥବା ଅଞ୍ଚଳ ନାମରେ ସଂଖ୍ୟାଧିକଙ୍କ ଉପରେ ଆଧିପତ୍ୟ ବିସ୍ତାର କରିବା ଗଣତନ୍ତ୍ର ନୁହେଁ। ସମାନ ଭାଗିଦାରିତା ହିଁ ପ୍ରକୃତ ଗଣତନ୍ତ୍ର। ଯେତେବେଳେ ଗୋଟିଏ ଦୁଇଟି ଜାତି କଳେବଳେ କୌଶଳେ ସଂଖ୍ୟାଧିକ ସୁବିଧା ସୁଯୋଗ ମାରିନିଅନ୍ତି, ଶାସନ ଓ ପ୍ରଶାସନିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିନିଅନ୍ତୁ, ସେତେବେଳେ ଏହି ସ୍ଲୋଗାନ ଅମୋଘ ଅସ୍ତ୍ରର କାମ ଦିଏ। ଏହା ନିଜ ଅଧିକାର ସମ୍ବନ୍ଧରେ ସଚେତନ କରାଏ।

ଭାରତବର୍ଷରେ କେବଳ ଜାତିବ୍ୟବସ୍ଥା ରହିଛି ତାହା ନୁହେଁ, ଏହାକୁ ନେଇ କ୍ଷମତାର ଅସନ୍ତୁଳନ ମଧ୍ୟ ରହିଛି। ସମଗ୍ର ଦେଶରେ ଦିନେ ତଥାକଥିତ ଉଚ୍ଚଜାତିମାନେ ବା ଅଗ୍ରସରବର୍ଗ ତାଙ୍କର ଆଧିପତ୍ୟ ଜାହିର କରି ଆସିଥିଲେ। ରାଜନୈତିକ କ୍ଷମତା, ପ୍ରାଶାସନିକ କ୍ଷମତା ଓ ନ୍ୟାୟିକ କ୍ଷମତା ପୂର୍ଣ୍ଣମାତ୍ରାରେ ଏମାନଙ୍କ ହାତରେ କେନ୍ଦ୍ରୀଭୂତ ହୋଇ ରହିଥିଲା ଏବଂ ଏବେ ମଧ୍ୟ ଅନେକ ମାତ୍ରାରେ ରହିଛି। ଦେଶରେ ଅନଗ୍ରସର ଜାତି ସମୂହ ଏହି କ୍ଷମତା ବଳୟ ବାହାରେ ଥିଲା ଏବଂ ଏବେ ମଧ୍ୟ ରହିଛି। ଦେଶରେ କ୍ଷମତାର ସୁସମ ବଣ୍ଟନ ହୋଇନାହିଁ। ଆମ ସମ୍ବିଧାନ ସମସ୍ତ ବର୍ଗର ଲୋକଙ୍କ ପାଇଁ ଆନୁପାତିକ ପ୍ରତିନିଧିତ୍ୱ କଥା କହେ। ଏଇଥିପାଇଁ ତ ଅନୁସୂଚିତ ବର୍ଗଙ୍କ ପାଇଁ ସମସ୍ତ କ୍ଷେତ୍ରରେ ସମାନୁପାତିକ ପ୍ରତିନିଧିତ୍ୱ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଛି। ଏବେ ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ଜରିଆରେ ଓବିସି ମାନେ ସମାନୁପାତିକ ନ ହେଲେ ବି କେତେକ କ୍ଷେତ୍ରରେ ସଂରକ୍ଷଣ ସୁବିଧା ପାଇବା ଆରମ୍ଭ କରିଛନ୍ତି। ସୁସ୍ଥ ଗଣତନ୍ତ୍ରରେ ସାମାଜିକ ସନ୍ତୁଳନ ଅତ୍ୟନ୍ତ ଜରୁରୀ।

ଯେଉଁ ସମୟରେ ଏ ସ୍ଲୋଗାନ ରାଜନୀତିରେ ଦାନା ବାନ୍ଧିଥିଲା ବିଶେଷକରି ଉତ୍ତରପ୍ରଦେଶରେ ସେ ସମୟରେ ରାଜନୈତିକ କ୍ଷମତା ଗୋଟିଏ ଦୁଇଟି ଜାତି ହାତରେ ସୀମିତ ଥିଲା। ପ୍ରକୃତ ପକ୍ଷେ ଏମାନେ ଥିଲେ ଶାସକ ଯଦିଓ ଏମାନଙ୍କ ସଂଖ୍ୟା ଅତ୍ୟନ୍ତ ନ୍ୟୂନ। ଅନ୍ୟପକ୍ଷରେ ପାଖାପାଖି ଶତକଡା ୯୦ ଭାଗ ଲୋକ ଶାସନ କ୍ଷମତାରୁ ବହୁଦୂରରେ ଥିଲେ। ତାଙ୍କ ଗଣତାନ୍ତ୍ରିକ ଅଧିକାର କେବଳ ଭୋଟ ଦେବାରେ ସୀମିତ ଥିଲା। ଯେଉଁମାନେ ସଂରକ୍ଷିତ ବର୍ଗରୁ ସଂରକ୍ଷିତ ଆସନରୁ ପ୍ରତିନିଧିତ୍ୱ କରୁଥିଲେ ସେମାନଙ୍କ କ୍ଷମତା କେବଳ ହାତ ଟେକିବାରେ ସୀମିତ ଥିଲା। ଏମାନେ ସେହି ଗୋଟିଏ ଦୁଇଟି ଜାତିରୁ ଆସୁଥିବା ନେତାଙ୍କ ସ୍ତାବକ ଥିଲେ। ଏବେ ମଧ୍ୟ ତାହାହିଁ ଚାଲିଛି। ଗଣତନ୍ତ୍ରର ନିୟମ ଅନୁସାରେ ସଂଖ୍ୟାଧିକ ସମର୍ଥନ ବା ଭୋଟ ଯାହା ସପକ୍ଷରେ ପଡେ ସେ ଶାସକ ହୁଏ। ଅର୍ଥାତ୍ ଯେଉଁମାନଙ୍କ ନିକଟରେ ଭୋଟ ଅଧିକ ଅଛି ସେମାନେ ଶାସକ ହେବା କଥା। କିନ୍ତୁ ଆମ ଦେଶରେ ଓଲଟା ହେଉଥିଲା ଓ ହେଉଛି ମଧ୍ୟ। ଯେଉଁମାନଙ୍କ ନିକଟରେ ଭୋଟ ବେଶି ଅଛି ସେମାନେ ଶାସକ ନୁହନ୍ତି। ଯେଉଁମାନଙ୍କ ଭୋଟ କମ୍ ଅଛି ସେମାନେ ଶାସକ। ଅବଶ୍ୟ ଏମାନେ ସଂଖ୍ୟାଧିକ ଭୋଟ ପାଇ ଜିତି ଥାଆନ୍ତି। ଅନେକ ସମୟରେ ଏ ଭୋଟ ସଚେତନ ଭୋଟ ନଥାଏ। ବିଭିନ୍ନ ପ୍ରକାର ପ୍ରଲୋଭନ, ଧାର୍ମିକ ଉନ୍ମାଦନା ଓ ସାମାଜିକ ଭାବେ ନିଜକୁ ନିମ୍ନ ଭାବିବା ଯୋଗୁଁ ଭୋଟ ଦେଇ ତାଙ୍କୁ ଜିତାଇଥାନ୍ତି। ଏହା ପଛରେ ଥାଏ ଦୀର୍ଘ ସାମାଜିକ ତାଡନାର ମାନସିକ ପ୍ରଭାବ ଓ ଆତ୍ମ ବିଶ୍ୱାସର ଅଭାବ।

ଶିକ୍ଷାର ବିକାଶ ସହିତ ଗଣତାନ୍ତ୍ରିକ ଅଧିକାର ସମ୍ପର୍କରେ ସଚେତନତା ବୃଦ୍ଧିପାଏ। ତାହାହିଁ ଏବେ ହେଉଛି। ତେଣୁ ଅଧିକ ମାତ୍ରାରେ ଏହି ସ୍ଲୋଗାନ୍ ଶୁଣିବାକୁ ମିଳୁଛି।

ଜଣେ ନାଗରିକ ଯେତେ ପର୍ଯ୍ୟନ୍ତ ନିଜ ଅଧିକାର ଓ ରାଷ୍ଟ୍ରୀୟ ଭାଗୀଦାରୀ ସମ୍ବନ୍ଧରେ ସଚେତନ ନ ହୋଇଛି, ସେତେଯାଏଁ ତାଙ୍କୁ ଜଣେ ଉତ୍ତମ ନାଗରିକ ଭାବେ ବିବେଚନା କରାଯାଇ ପାରିବ ନାହିଁ। କେବଳ ଭୋଟଦେବା ପରିସରରେ ଉତ୍ତମ ନାଗରିକତ୍ୱ ସୀମିତ ନୁହେଁ। ରାଷ୍ଟ୍ରର ଶାସନ ବ୍ୟବସ୍ଥା ଉତ୍ତମ ବିଚାରଧାରା ଉପରେ ପ୍ରତିଷ୍ଠିତ ହେବା ଆବଶ୍ୟକ। ତେବେ କେବଳ ଗୋଟିଏ/ଦୁଇଟି ଜାତି ଉତ୍ତମ ବିଚାରଧାରାର ଅଧିକାରୀ ଅଟନ୍ତି ଏବଂ ଅନ୍ୟମାନେ ଅଯୋଗ୍ୟ ଓ ନିମ୍ନ ବିଚାରଧାରାର ବୋଲି ଭାବିବା ସମ୍ପୂର୍ଣ୍ଣରୂପେ ଅଗଣତାନ୍ତ୍ରିକ। ଏପରି ଭାବନା ହିଁ ପ୍ରକୃତରେ ଜାତିବାଦୀ ଭାବନା ଅଟେ।



ଯେଉଁଦିନ ଏହି ସ୍ଲୋଗାନ ସଫଳଭାବେ କାର୍ଯ୍ୟକାରୀ ହେବ ସେହିଦିନ ଦେଶରେ କ୍ରାନ୍ତି ଆସିବ। ଦେଶ ସାମାଜିକ ସମାନତା ଆଡକୁ ବଢିବ ଓ ଜାତିବାଦର ପଂଝା କ୍ରମେ ଦୁର୍ବଳ ହେବ। ଦେଶରେ ଉତ୍କୃଷ୍ଟ ଗଣତାନ୍ତ୍ରିକ ବ୍ୟବସ୍ଥାର ଆରମ୍ଭ ହେବ। ତେଣୁ ଏ ସ୍ଲୋଗାନର ସକାରାତ୍ମକ ଦିଗ ଆମ ସମସ୍ତଙ୍କ ପାଇଁ ଅନୁକରଣୀୟ। ଜାତି ଥିବା ପର୍ଯ୍ୟନ୍ତ ଏମାନଙ୍କୁ ନେଇ ଗଠିତ ହୋଇଥିବା ସମସ୍ତ ସାମ୍ବିଧାନିକ ବର୍ଗ ମଧ୍ୟରେ କ୍ଷମତାର ସୁଷମ ବଣ୍ଟନ ହେଉ। ଏହା ଆମ ଗଣତନ୍ତ୍ରକୁ ଆହୁରି ମଜଭୁତ କରିବ ଏବଂ ଗଣତନ୍ତ୍ରର ମୂଳମନ୍ତ୍ର ସମତା, ମମତା ଓ ସ୍ୱତନ୍ତ୍ରତାକୁ ଆହୁରି ଉଦ୍‌ଭାସିତ କରିବ।

ବାରିପଦା, ମୟୂରଭଞ୍ଜ

## ଖାଦ୍ୟ ତେଲରେ ମିଶ୍ରଣର ସମସ୍ୟା

**ଭେଜାଲ ବିରୋଧରେ ଏକ ପ୍ରଯୁକ୍ତିବିଦ୍ୟା ଆଧାରିତ ଯୁଦ୍ଧ ଆରମ୍ଭ କରାଯିବା ଉଚିତ। ଏହାକୁ ରୋକିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ ନିୟମିତ ଭ୍ରାମ୍ୟମାଣ ପରୀକ୍ଷାଗାର ପ୍ରତିଷ୍ଠା କରାଯିବା ଉଚିତ। ଖାଦ୍ୟ ତେଲ ନମୁନାର ପରୀକ୍ଷା ବୃଦ୍ଧି କରାଯିବା ଉଚିତ। ଭୁଲ ବ୍ୟବସାୟୀ ଓ ନିର୍ମାତାଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ।**

### ଡ.ଲକ୍ଷ୍ମଣ ସାହୁ

ସମଗ୍ର ପୃଥିବୀରେ ଯେତେବେଳେ ସୋରିଷ କ୍ଷେତଗୁଡ଼ିକ ଏକପ୍ରକାର ସୁନାର ଚାଦର ବିଛାଡ଼ି ଦିଏ, ସେତେବେଳେ ଏହା ଭାରତ ପାଇଁ କୃଷି ସମୃଦ୍ଧିର ବଡ଼ ଆଶ୍ଚର୍ଯ୍ୟଜନକ ଝଲକ ପ୍ରଦାନ କରେ । କିନ୍ତୁ ଏହି ସୁବର୍ଣ୍ଣ ଅମଳ ପଛରେ ଆଉ ଏକ ତିକ୍ତ ସତ୍ୟ ଲୁଚି ରହିଛି । ଭାରତ ଏକ ଦେଶ ଯାହାର ମାଟିରେ ବାଦାମ, ସୋରିଷ, ସୋୟାବିନ୍ ଓ ସୂର୍ଯ୍ୟମୁଖୀ ଉତ୍ପାଦନ ହୁଏ । ସେସବୁ ଖାଦ୍ୟ ତେଲ ପାଇଁ ବିଦେଶୀ ସହାୟତା ଉତ୍ସ ଉପରେ ନିର୍ଭରଶୀଳ ହୋଇଗଲାଣି । ପ୍ରାୟ ବାର୍ଷିକ ୨୮ ନିୟୁତ ଟନ୍ ଖାଦ୍ୟ ତେଲ ଭାରତ ବ୍ୟବହାର କରେ । ଏହାର ଏକ ବଡ଼ ଅଂଶ ଆମଦାନି କରିବାକୁ ପଡ଼ିଥାଏ ।

ସାମ୍ପ୍ରତିକ ବର୍ଷଗୁଡ଼ିକରେ, ପ୍ରାୟ ୧୪ ନିୟୁତ ଟନ୍ ଖାଦ୍ୟ ତେଲ ଆମଦାନି କରାଯାଇଥିଲା, ଯାହା ମଧ୍ୟରୁ ପ୍ରାୟ ୬.୯ ନିୟୁତ ଟନ୍ ପାମ୍ ତେଲ ଥିଲା । ବିଶ୍ୱ ବଜାରରେ ନିଆଯାଇଥିବା ପ୍ରତ୍ୟେକ ନିଷ୍ପତ୍ତି ଭାରତୀୟ ରୋଷେଇ ଘରେ ପହଞ୍ଚେ । ଇଣ୍ଡୋନେସିଆର ବାୟୋଡିଜେଲରେ ପାମ୍ ତେଲ ମିଶ୍ରଣ ବୃଦ୍ଧି କରିବାର ଘୋଷଣା ଓ ପରବର୍ତ୍ତୀ ସମୟରେ ସେହି ନିଷ୍ପତ୍ତିକୁ ସ୍ଥଗିତ ରଖିବା ସ୍ପଷ୍ଟ କରିଦେଇଥିଲା । ଦର୍ଶାଇଥିଲା ଖାଦ୍ୟ ତେଲ ସୁରକ୍ଷା ଅନ୍ତର୍ଜାତୀୟ ଯୋଗାଣ ଶୃଙ୍ଖଳ ଉପରେ ନିର୍ଭରଶୀଳ ରହିଛି । ଏହା କେବଳ ବାଣିଜ୍ୟର ବିଷୟ ନୁହେଁ; ଏହା ଜାତୀୟ ଖାଦ୍ୟ ସୁରକ୍ଷାକୁ ମଧ୍ୟ ପ୍ରଭାବିତ କରୁଛି।

ଆମର ପ୍ରାଥମିକ ଚିନ୍ତା ହେଉଛି ଭଲ ବିହନ । କୃଷି ଗବେଷଣା ପ୍ରତିଷ୍ଠାନଗୁଡ଼ିକ ଅଧିକ ଅମଳ, ରୋଗ ପ୍ରତିରୋଧକତା ଓ ମରୁଡ଼ି ସହନଶୀଳତା ସହିତ ଅନେକ ଉନ୍ନତ କିସମ ବିକଶିତ କରିଛନ୍ତି । କିନ୍ତୁ ପରୀକ୍ଷାଗାରରୁ କ୍ଷେତକୁ ପରିବର୍ତ୍ତନ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନ ରହିଛି । ଉଦାହରଣ ସ୍ୱରୂପ, ଭାରତର ଅନେକ ଅଞ୍ଚଳରେ ସୋୟାବିନ୍ ଉତ୍ପାଦକତା ବ୍ରାଜିଲ ଭଳି ପ୍ରମୁଖ ଉତ୍ପାଦକ ଦେଶ ତୁଳନାରେ ଯଥେଷ୍ଟ କମ୍। ସୋରିଷରେ ସମ୍ଭାବ୍ୟ ଏବଂ ପ୍ରକୃତ ହାରାହାରି ଅମଳ ମଧ୍ୟରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନ ରହିଛି। ଭରତପୁରର ସୋରିଷ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ବିକଶିତ ନୂତନ କିସମଗୁଡ଼ିକ ଏହି ବ୍ୟବଧାନକୁ ହ୍ରାସ କରିବାର କ୍ଷମତା ରଖେ । କିଛି ଉନ୍ନତ କିସମ ଓ ହାଇବ୍ରିଡ୍ ପ୍ରତି ହେକ୍ଟରରେ ୨୫-୩୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଅମଳ ଦେଇଥାଏ ।

ଉତ୍ପାଦନ ସମ୍ଭାବନା ଆକଳନ କରାଯାଇଛି, ଯେତେବେଳେ ଜାତୀୟ ହାରାହାରି ଉତ୍ପାଦନ ଏଥିରୁ ବହୁତ କମ୍ । ଏବେ ଦେଖାଯାଉଛି ଯେ ଆମ ଦେଶରେ ସମସ୍ୟା କେବଳ ବୈଜ୍ଞାନିକ ଜ୍ଞାନ ନୁହେଁ, ବରଂ କୃଷି ପର୍ଯ୍ୟନ୍ତ ଜ୍ଞାନର ପହଞ୍ଚିବା ବିଷୟରେ । ସୋୟାବିନରେ ମଧ୍ୟ ସମାନ କାହାଣୀ ଦୃଶ୍ୟମାନ । ଭାରତୀୟ ସୋୟାବିନ୍ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ବିକଶିତ କିଛି କିସମ ସ୍ୱଳ୍ପ ଅବଧି, ରୋଗ ପ୍ରତିରୋଧ ଓ ମରୁଡ଼ି ସହନଶୀଳତା ଭଳି ବୈଶିଷ୍ଟ୍ୟ ସହିତ ଉପଲବ୍ଧ ରହିଛି । ତଥାପି, ଅନେକ କ୍ଷେତ୍ରରେ, ବୈଜ୍ଞାନିକ କାର୍ଯ୍ୟଦକ୍ଷତା ଓ ଚାଷୀଙ୍କ ପ୍ରକୃତ ଉତ୍ପାଦନ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନ ରହିଛି । ଜଣେ ଚାଷୀ ପାଇଁ ପ୍ରଜାତିର ନାମ ଜାଣିବା ଯଥେଷ୍ଟ ନୁହେଁ; ତାଙ୍କ ପାଖରେ ପ୍ରମାଣିତ ବିହନ, ସଠିକ୍ ସମୟ, ସଠିକ୍ ପରିମାଣ ଓ ସଠିକ୍ କୃଷି କୌଶଳ ମଧ୍ୟ ରହିବା ଆବଶ୍ୟକ ।

ସୂର୍ଯ୍ୟମୁଖୀର କାହାଣୀ ଆହୁରି ଗମ୍ଭୀର ଓ ଜଟିଳ । ଉନ୍ନତ ହାଇବ୍ରିଡ୍ କିସମ ଉତ୍ପାଦନ ଓ ତେଲ ପ୍ରତିଶତ ବୃଦ୍ଧି କରିବାର ସମ୍ଭାବନା ଦେଖାଇଛି, ତଥାପି ଦୀର୍ଘକାଳୀନ ଭାବରେ ଦେଶରେ ଏହାର ଚାଷଜମି ବହୁତ ହ୍ରାସ ପାଇଛି । କାରଣ ସ୍ପଷ୍ଟ: ଜଣେ ଚାଷୀ କାହିଁକି ଏପରି ଫସଲ ବାଛିବେ ଯାହା ପାଇଁ ତାଙ୍କ ପାଖରେ ଏକ ଗ୍ୟାରେଣ୍ଟି ବଜାର, ଉଚିତ ମୂଲ୍ୟ ଓ ବିପଦ ସୁରକ୍ଷାର ଅଭାବ ।

ଏହା ଦ୍ୱିତୀୟ ସଙ୍କଟ ଯେତେବେଳେ ଚାଷୀମାନଙ୍କର ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ଉପରେ ବିଶ୍ୱାସର ଅଭାବ । ସରକାର ଏକ ସହାୟକ ମୂଲ୍ୟ ଘୋଷଣା କରନ୍ତି, କିନ୍ତୁ ଯଦି ପ୍ରକୃତ କ୍ରୟ ସୀମିତ ହୁଏ, ତେବେ ଘୋଷିତ ମୂଲ୍ୟ ଚାଷୀଙ୍କ ଆୟର ଗ୍ୟାରେଣ୍ଟି ଦିଏ ନାହିଁ । ଚାଷୀମାନେ ବଜାରରେ କମ୍ ମୂଲ୍ୟ ଦେବାକୁ ବାଧ ହୁଅନ୍ତି । ଉତ୍ପାଦିତ ଦ୍ରବ୍ୟ ବିକ୍ରୟ କରିବାକୁ ପଡିବ। ଯଦି ଫସଲ ଅମଳ ସମୟରେ ବଜାରରେ ଶସ୍ତା ଆମଦାନୀ ତେଲ ଉପଲବ୍ଧ ହୁଏ । ତେବେ ଘରୋଇ ତୈଳବୀଜ ଉପରେ ଚାପ ଆହୁରି ବୃଦ୍ଧି ପାଏ । ଚାଷୀଙ୍କ ଖର୍ଚ୍ଚ ବୃଦ୍ଧି ପାଏ, କିନ୍ତୁ ମୂଲ୍ୟ ଉପରେ ତାଙ୍କର କୌଣସି ନିୟନ୍ତ୍ରଣ ନାହିଁ ।

ତୃତୀୟ ସଙ୍କଟ ହେଉଛି ପାଗ । ସୋୟାବିନ୍ ଏବଂ ବାଦାମ ପରି ଫସଲ ବର୍ଷା ଅନିୟମିତତା ଦ୍ୱାରା ପ୍ରଭାବିତ ହୁଏ । ସୂର୍ଯ୍ୟମୁଖୀ ପରି ଫସଲ ପକ୍ଷୀ ଓ ଅନ୍ୟାନ୍ୟ ଜୈବିକ ବିପଦ ଦ୍ୱାରା ପ୍ରଭାବିତ ହୋଇପାରେ । ଫସଲ ବୀମା, ଯଦି କ୍ଷତିର ମାସ ପରେ ମିଳେ, ତେବେ ତୁରନ୍ତ ସଙ୍କଟର ସମାଧାନ କରିପାରିବ ନାହିଁ। ଚାଷୀମାନଙ୍କୁ ଏପରି ଏକ ବ୍ୟବସ୍ଥା ଆବଶ୍ୟକ । ଯେଉଁଥିରେ ବିପଦର ଭାର କେବଳ ସେମାନଙ୍କ କାନ୍ଧରେ ନ ଥିବ । ଚତୁର୍ଥ ସଂକଟ ହେଉଛି ଆମଦାନୀ ନୀତି । ଯଦି ଘରୋଇ ସୋରିଷ ଆସିବା ସମୟରେ ଆମଦାନୀ ହୋଇଥିବା ପାମ୍ ତେଲ ଶସ୍ତା ହୋଇଯାଏ, ତେବେ ବଜାରରେ ପ୍ରତିଯୋଗିତା ଅସମାନ ହୋଇଯାଏ । ତେଣୁ ଖାଦ୍ୟ ତେଲ ଆମଦାନୀ ନୀତିକୁ କେବଳ ଗ୍ରାହକଙ୍କୁ ଶସ୍ତା ତେଲ ଯୋଗାଇବା ଦୃଷ୍ଟିକୋଣରୁ ଦେଖାଯାଇପାରିବ ନାହିଁ । ଏଥିରେ ଚାଷୀ, ଗ୍ରାହକ ଓ ଆତ୍ମନିର୍ଭରଶୀଳତା ଜଡିତ ରହିଛି।

ଏସବୁ ସମସ୍ୟା ଅପେକ୍ଷା ଆହୁରି ଚିନ୍ତାଜନକ ହେଉଛି ଭେଜାଲ ସମସ୍ୟା । ଗୋଟିଏ ପଟେ, ଚାଷୀମାନେ ସେମାନଙ୍କ କ୍ଷେତ୍ରରେ ଶୁଦ୍ଧ ସୋରିଷ ଚାଷ କରନ୍ତି । ଏହାକୁ କ୍ରଶର କିମ୍ବା ଛୋଟ ମିଲ୍‌ରେ ପ୍ରକ୍ରିୟାକରଣ କରି ଶୁଦ୍ଧ ତେଲ ତିଆରି କରନ୍ତି । ଅନ୍ୟପଟେ, ବଜାରରେ ଶସ୍ତା ତେଲ ଗ୍ରାହକଙ୍କୁ ଆକର୍ଷିତ କରେ । ଯଦି ଅନ୍ୟ ତେଲର ଆବରଣ ତଳେ ଶସ୍ତା ତେଲ ବିକ୍ରି କରାଯାଏ, କିମ୍ବା ଗ୍ରାହକଙ୍କୁ ଲେବଲ୍ ଓ ଉପସ୍ଥାପନା ଦ୍ୱାରା ଭ୍ରମିତ କରାଯାଏ, ତେବେ କେବଳ ଗ୍ରାହକ କ୍ଷତିଗ୍ରସ୍ତ ହୁଅନ୍ତି ନାହିଁ । ଏହା ବଜାରରେ ଶୁଦ୍ଧ ତେଲ ଉତ୍ପାଦନ କରୁଥିବା ଚାଷୀଙ୍କୁ ମଧ୍ୟ ଦୁର୍ବଳ କରିଥାଏ । ଶୁଦ୍ଧତା ଅଧିକ ମୂଲ୍ୟ ପ୍ରଦାନ କରେ, କିନ୍ତୁ ମିଶ୍ରଣ କୃତ୍ରିମ ଭାବରେ ବଜାରରେ ଶସ୍ତା ପ୍ରଭାବ ସୃଷ୍ଟି କରେ । ଫଳସ୍ୱରୂପ ଗ୍ରାହକମାନେ ଶୁଦ୍ଧ ତେଲକୁ ମହଙ୍ଗା ବୋଲି ମନେ କରନ୍ତି । ଚାଷୀମାନେ ସେମାନଙ୍କ ଗୁଣବତ୍ତା ପାଇଁ ଉଚିତ ମୂଲ୍ୟ ପାଆନ୍ତି ନାହିଁ । ତେଣୁ ମିଶ୍ରଣ କେବଳ ଏକ ଖାଦ୍ୟ ଅପରାଧ ନୁହେଁ ବରଂ ଚାଷୀଙ୍କ ଅର୍ଥନୀତି ଉପରେ ବଡ଼ ଆକ୍ରମଣ । ସମାଧାନ କେବଳ ଚଢାଉ ନୁହେଁ , ଆମକୁ ସମଗ୍ର ଯୋଗାଣ ଶୃଙ୍ଖଳକୁ ପରିବର୍ତ୍ତନ କରିବାକୁ ପଡିବ।

ଭେଜାଲ ବିରୋଧରେ ଏକ ପ୍ରଯୁକ୍ତିବିଦ୍ୟା ଆଧାରିତ ଯୁଦ୍ଧ ଆରମ୍ଭ କରାଯିବା ଉଚିତ। ଏହାକୁ ରୋକିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ ନିୟମିତ ଭ୍ରାମ୍ୟମାଣ ପରୀକ୍ଷାଗାର ପ୍ରତିଷ୍ଠା କରାଯିବା ଉଚିତ। ଖାଦ୍ୟ ତେଲ ନମୁନାର ପରୀକ୍ଷା ବୃଦ୍ଧି କରାଯିବା ଉଚିତ। ଭୁଲ ବ୍ୟବସାୟୀ ଓ ନିର୍ମାତାଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ବିଶୁଦ୍ଧ ସ୍ଥାନୀୟ ତେଲକୁ ଡିଜିଟାଲ୍ ଭାବରେ ମଧ୍ୟ ଚିହ୍ନଟ କରାଯାଇପାରିବ । ଏକ କୋଡ୍ ଗ୍ରାହକମାନଙ୍କୁ ଉତ୍ପାଦର ଉତ୍ସ, ଉତ୍ପାଦନ ତାରିଖ ଓ ପ୍ରକ୍ରିୟାକରଣ ବିବରଣୀ ଚିହ୍ନଟ କରିବାରେ ସାହାଯ୍ୟ କରିପାରିବ ।

ସେମାନେ କେନ୍ଦ୍ର ଓ ପ୍ରମାଣପତ୍ର ଭଳି ସୂଚନା ଦେଖିପାରିବେ । କଳ୍ପନା କରନ୍ତୁ ଯେ ଆପଣ ଏକ ସୋରିଷ ତେଲ ବୋତଲ କିଣିଛନ୍ତି ଓ ସେଥିରେ ଲେଖାଯିବ ଯେ ଏହା କେଉଁ ଚାଷୀ ଉତ୍ପାଦକ ଗୋଷ୍ଠୀର ସୋରିଷରୁ ଓ କେଉଁ ଗାଁରେ ତିଆରି ହୋଇଛି ? ଏହାକୁ କେଉଁଠାରେ ପ୍ରକ୍ରିୟାକରଣ କରାଯାଇଥିଲା ଓ ଏହାର ଗୁଣବତ୍ତା କେଉଁଠାରେ ଯାଞ୍ଚ କରାଯାଇଥିଲା ? ଏଭଳି କରାଗଲେ ଗ୍ରାହକ କେବଳ ତେଲ କିଣିବେ ନାହିଁ, ବରଂ ସେମାନେ ବିଶ୍ୱାସ କିଣିବେ । ଖାଦ୍ୟ ତେଲ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି କରିବା ପାଇଁ ସରକାର ଜାତୀୟସ୍ତରୀୟ ତୈଳବୀଜ ଓ ତୈଳ ପାମ୍ ଯୋଜନା ଆରମ୍ଭ କରିଛନ୍ତି । ଏହି ପଦକ୍ଷେପଗୁଡ଼ିକର ପ୍ରକୃତ ସଫଳତା ଲଗାଯାଇଥିବା ଗଛ ସଂଖ୍ୟା କିମ୍ବା ମଞ୍ଜୁର ପରିମାଣ ଦ୍ୱାରା ମାପ କରାଯିବା ଉଚିତ ନୁହେଁ । ପ୍ରକୃତ ପ୍ରଶ୍ନ ହେଉଛି ଚାଷୀଙ୍କ ଆୟ ବୃଦ୍ଧି ପାଇଛି କି, ଘରୋଇ ଉତ୍ପାଦନ ବୃଦ୍ଧି ପାଇଛି କି, ଆମଦାନୀ ନିର୍ଭରଶୀଳତା ହ୍ରାସ ପାଇଛି କି । ଗ୍ରାହକମାନେ ବିଶୁଦ୍ଧ ତେଲ ପାଇଛନ୍ତି କି ନାହିଁ ସେଥିପ୍ରତି ଧ୍ୟାନ ଦେଲେ ଅପମିଶ୍ରଣ ଧରା ପଡ଼ିଯିବ । ଭାରତର ଖାଦ୍ୟ ତେଲ ସମସ୍ୟାର ସମାଧାନ କୌଣସି ଗୋଟିଏ ଯୋଜନା ଭିତରେ ଲୁଚି ନାହିଁ । ଏହାର ଉତ୍ତର କ୍ଷେତରେ ଥିବା ବିହନଠାରୁ ରୋଷେଇ ଘରର ବୋତଲ ପର୍ଯ୍ୟନ୍ତ ସମଗ୍ର ବ୍ୟବସ୍ଥାରେ ରହିଛି।

ଅତଏବ ଆମକୁ ଏପରି ଏକ ଭାରତ ଗଠନ କରିବାକୁ ପଡିବ ଯେଉଁଠାରେ ଚାଷୀମାନେ ଗୁଣାତ୍ମକ ବିହନ ବୁଣିବେ, ଉଚିତ ମୂଲ୍ୟ ପାଇବେ । ଗାଁ ଗାଁରେ ସେମାନଙ୍କର ବିହନ ପ୍ରକ୍ରିୟାକରଣ କରାଯିବ ଆବଶ୍ୟକ । ଗ୍ରାହକମାନେ ଶୁଦ୍ଧ ତେଲ ପାଇଁ ଏକ ପ୍ରମାଣିତ ବଜାର ଖୋଜିବେ ଓ ଏହାକୁ ଆତ୍ମବିଶ୍ୱାସର ସହିତ କିଣିପାରିବେ । ତେଲ କେବଳ ରୋଷେଇ ଘରର ମୁଖ୍ୟ ଜିନିଷ ନୁହେଁ । ଏହା ଏକ ଅର୍ଥନୈତିକ ଧାରା , ଯାହା କୃଷକଙ୍କ ଆୟ, ଗ୍ରାହକ ସ୍ୱାସ୍ଥ୍ୟ, ଗ୍ରାମୀଣ ନିଯୁକ୍ତି, ବୈଦେଶିକ ମୁଦ୍ରା ଓ ଜାତୀୟ ସ୍ୱାବଲମ୍ବନକୁ ସଂଯୋଗ କରେ । ଏଭଳି ପ୍ରୟାସ ଫଳରେ ଭାରତ ଖାଦ୍ୟ ତେଲ ଉପରେ ନିର୍ଭରଶୀଳତାକୁ ଯଥେଷ୍ଟ ହ୍ରାସ କରିପାରିବ ବୋଲି ଆଶା କରାଯାଏ ।

ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା -୫୫ ,
ମୋ: ୯୦୪୦୧ ୫୧୪୭୫

CMYK
26. 09.2026.pmd 1 9/17/2026, 5:24 PM

# ପୋଷଣ ସାମଗ୍ରୀ ଅନିୟମିତତା ଓ ଅର୍ଥ ହଡ଼ପ ଅଭିଯୋଗ

ରାୟଗଡ଼ା, ୨୫।୯ (ନିପ୍ର): ପୋଷଣ ସାମଗ୍ରୀ ଯୋଗାଣ ଏବଂ ମିଶନ ଶକ୍ତି କାର୍ଯ୍ୟକ୍ରମରେ ଅନିୟମିତତା ହେଉଥିବା ଅଭିଯୋଗ କରି ମାତା ସାବିତ୍ରୀ ବାଈ ମହିଳା ମହାସଂଘର ସଦସ୍ୟମାନେ ରାୟଗଡ଼ା ଜିଲ୍ଲାର ବିଷମକଟକସ୍ଥିତ ନେତାଜୀ ଛକ ନିକଟରେ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ଏହି ଅଭିଯୋଗ ଗୁଡ଼ିକରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ସହ ଏକ ବ୍ୟାପକ ତଦନ୍ତ ଦାବି କରିଥିଲେ ଆନ୍ଦୋଳନକାରୀ ମହିଳାମାନେ। ବିଷମକଟକ ବ୍ଲକର ୨୧ଟି ଗ୍ରାମ ପଞ୍ଚାୟତରୁ ୧୦୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ମହିଳା ଏହି ଆନ୍ଦୋଳନରେ ସାମିଲ ହୋଇଥିବା ଜଣାପଡ଼ିଛି। ଆନ୍ଦୋଳନକାରୀମାନେ ଅଭିଯୋଗ କରିଥିଲେ ଯେ ଗର୍ଭବତୀ ମହିଳା, ପ୍ରସୂତି ମା' ଓ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ନିମ୍ନମାନର ସୁଜି ଓ ଅନ୍ୟାନ୍ୟ ପୋଷଣ ସାମଗ୍ରୀ ଯୋଗାଣ କରାଯାଉଛି। ଅନେକ ସ୍ଥାନରେ ପୋଷଣ ସାମଗ୍ରୀ ବଣ୍ଟନ ମଧ୍ୟ ନିୟମିତ ହେଉନଥିବା ଏବଂ କେତେକ କ୍ଷେତ୍ରରେ ଅନେକ ମାସରେ ଥରେ ବଣ୍ଟନ କରାଯାଉଥିବା ସେମାନେ ଅଭିଯୋଗ କରିଥିଲେ।

ସେହିପରି, ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରୋଗୀମାନଙ୍କୁ ନିର୍ଦ୍ଧାରିତ ସନ୍ତୁଳିତ ଖାଦ୍ୟ ବଦଳରେ ନିମ୍ନମାନର ଖାଦ୍ୟ ପରିବେଷଣ କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। ସ୍କୁଲ ଛାତ୍ରଛାତ୍ରୀଙ୍କୁ ଯୋଗାଇ ଦିଆଯାଉଥିବା ୟୁନିଫର୍ମ, ମୋଜା ଓ ଜୋତାର ମାନ ନିମ୍ନମାନର ହୋଇଥିବା ଅଭିଯୋଗ ମଧ୍ୟ ଉଠିଛି। କେତେକ ସ୍ଥାନରେ ଏହି ସାମଗ୍ରୀ ଯୋଗାଣ ହୋଇନଥିବା ସହ ଟିକାକରଣ ସମ୍ବନ୍ଧୀୟ କାର୍ଯ୍ୟରେ ମଧ୍ୟ ଅବହେଳା ହେଉଥିବା ସେମାନେ ଅଭିଯୋଗ କରିଥିଲେ। ମିଶନ ଶକ୍ତି କାଫେଗୁଡ଼ିକର କାର୍ଯ୍ୟପ୍ରଣାଳୀକୁ ନେଇ ମଧ୍ୟ ଗୁରୁତର ଅଭିଯୋଗ ହୋଇଛି। ଏହି କାଫେଗୁଡ଼ିକ ଏସ୍ଏଚ୍‌ଜି ମହିଳାଙ୍କ ଜୀବିକା ଓ ଆୟ ବୃଦ୍ଧି ପାଇଁ ଉଦ୍ଦିଷ୍ଟ ଥିଲେ ମଧ୍ୟ ତାହାର ଉଦ୍ଦେଶ୍ୟମୂଳକ ବ୍ୟବହାର ହେଉନଥିବା ଆନ୍ଦୋଳନକାରୀମାନେ ଅଭିଯୋଗ କରିଥିଲେ। ଏହା ସହିତ ଏସ୍ଏଚ୍‌ଜିଗୁଡ଼ିକ ପାଇଁ ଉଦ୍ଦିଷ୍ଟ ସୁଧମୁକ୍ତ ଋଣ ଓ ଆର୍ଥିକ ସହାୟତା ଜାଲି ବା କାଗଜୀ ଗୋଷ୍ଠୀ ମାଧ୍ୟମରେ ଦିଆଯାଇ ହଡ଼ପ କରାଯାଇଥିବା ମଧ୍ୟ ସେମାନେ ଅଭିଯୋଗ କରିଥିଲେ। ବିଶେଷକରି ମହିଳା ଗୋଷ୍ଠୀଙ୍କ ପାଇଁ ଉଦ୍ଦିଷ୍ଟ ୫୦ ହଜାର ଟଙ୍କାର ସହାୟତା ରାଶିରେ ମଧ୍ୟ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଗତ ପ୍ରାୟ ୧୫ ବର୍ଷ ଧରି ଏଭଳି ଆର୍ଥିକ ଅନିୟମିତତା ଚାଲିଥିବା ଆନ୍ଦୋଳନକାରୀମାନେ ଦାବି କରିଥିଲେ। ସେମାନେ ମଞ୍ଜୁରୀ ଅର୍ଡର, ବ୍ୟାଙ୍କ କାରବାର, ୟୁଟିଲାଇଜେସନ୍ ସାର୍ଟିଫିକେଟ୍, ହିତାଧିକାରୀଙ୍କ ତାଲିକା ଏବଂ ମିଶନ ଶକ୍ତିର ସମ୍ପତ୍ତି, ଯେଉଁଥିରେ ଇଣ୍ଡଷ୍ଟ୍ରିଆଲ୍ ପାର୍କର ସୁବିଧାଗୁଡ଼ିକ ମଧ୍ୟ ସାମିଲ, ତାହାର ଯାଞ୍ଚ ଦାବି କରିଥିଲେ। ମହାସଂଘର କାର୍ଯ୍ୟକାରୀ ସଭାପତି ଚନ୍ଦ୍ର ହିଆଲ କହିଛନ୍ତି ଯେ, ପୂର୍ବରୁ ଏହି ସମ୍ପର୍କରେ ରାୟଗଡ଼ା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଦିଆଯାଇଥିଲା। ଜିଲ୍ଲାପାଳ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏପର୍ଯ୍ୟନ୍ତ କୌଣସି ଦୃଶ୍ୟମାନ କାର୍ଯ୍ୟାନୁଷ୍ଠାନ ହୋଇନଥିବା ସେ ଅଭିଯୋଗ କରିଛନ୍ତି। ଚନ୍ଦ୍ରାବତୀ କୁମ୍ଭରିକା କହିଛନ୍ତି ଯେ, ବିଷମକଟକରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ସମୟରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ଏହି ପ୍ରତିବାଦ କରାଯାଇଥିଲା। ପରେ ଆନ୍ଦୋଳନକାରୀମାନେ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ ଅଭିଯୋଗ ପ୍ରକୋଷ୍ଠରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିରେ ଉଠାଯାଇଥିବା ସମସ୍ତ ଅଭିଯୋଗର ଏକ ବ୍ୟାପକ ଓ ନିରପେକ୍ଷ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି।

## ଅବ୍ୟବହୃତ ଟାଙ୍କିରୁ ଦୁଇ ମଇଁଷି ଉଦ୍ଧାର

ରମ୍ଭା, ୨୫।୯ (ନିପ୍ର): ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନ ରାମଚନ୍ଦ୍ରପୁର ପଞ୍ଚାୟତ ଜହମି ଗ୍ରାମ ନିକଟସ୍ଥ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଏକ ଅବ୍ୟବହୃତ ଟାଙ୍କିରୁ ଦୁଇଟି ମଇଁଷି ଉଦ୍ଧାର କରିଛି ଦମକଳ ବାହିନୀ। ପ୍ରାପ୍ତ ସୂଚନା ଅନୁଯାୟୀ ଗୁରୁବାର ପୂର୍ବାହ୍ନରେ ମଇଁଷି ଗୋଠ ନିକଟସ୍ଥ ବରଫକଳ ନିକଟରେ ଘାସ ଚରୁଥିବା ବେଳେ ଟାଙ୍କିର ଘୋଡଣି ଦୁର୍ବଳ ଥିବାଯୋଗୁଁ ସେଥିରେ ଦୁଇଟି ମଇଁଷି ଗଳି ପଡ଼ିଥିଲେ। ଖବର ପାଇ ରମ୍ଭା ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଦୁଇଟି ମଇଁଷିକୁ ଉଦ୍ଧାର କରିଥିଲେ। ତୁରନ୍ତ ଉକ୍ତ ଟାଙ୍କିରେ କଭର ବ୍ୟବସ୍ଥା କରାଯିବା ନେଇ ମତ ପ୍ରକାଶ ପାଉଛି।



## ଧବଳେଶ୍ୱର ପୀଠରେ ପଞ୍ଚୁକ ଓ ବଡ଼ ଓଷା ପ୍ରସ୍ତୁତି

ଆଠଗଡ଼, ୨୫।୯ (ନିପ୍ର): ଚଳିତ ବର୍ଷ ଧବଳେଶ୍ୱର ପୀଠରେ ପ୍ରଶାସନ ପକ୍ଷରୁ ପଞ୍ଚୁକ ଓ ବଡଓଷା ପର୍ବ ପାଳନ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ପଞ୍ଚୁକ ନଭେମ୍ବର ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଥିବାରୁ ପୀଠକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଆଗମନର ସମ୍ଭାବନାକୁ ଦୃଷ୍ଟିରେ ରଖି ନିରାପଦ ଦର୍ଶନ ନିମନ୍ତେ ବ୍ୟାରିକେଡ ନିର୍ମାଣ, ରାସ୍ତା ମରାମତି, ପୁଲିସ ମୁତୟନ, ଟ୍ରାଫିକ ନିୟନ୍ତ୍ରଣ ଏବଂ ପୀଠରେ ଭିତର ବାହାର ଅଞ୍ଚଳରେ ସିସିଟିଭି ସର୍ଭେଲାନ୍ସ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବିଶେଷକରି ଧବଳେଶ୍ୱର ପୀଠକୁ ସଂଯୋଗ କରୁଥିବା ଝୁଲାପୋଲର ମରାମତି, ସୁରକ୍ଷା ଯାଞ୍ଚ ଏବଂ ଏହାର ଭାର ବହନ କ୍ଷମତା ଅନୁଯାୟୀ ନିର୍ଦ୍ଦିଷ୍ଟ ସଂଖ୍ୟକ ଭକ୍ତଙ୍କୁ ଯାତାୟତ ପାଇଁ ଅନୁମତି ଦିଆଯିବ। ଏଥିସହ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ହ୍ୱିଲ ଚେୟାର, ମହିଳାଙ୍କ ପାଇଁ ଚେଞ୍ଜିଂ ରୁମ୍, ଜୋତା ଷ୍ଟାଣ୍ଡ,, ପାନୀୟ ଜଳ ଏବଂ ପ୍ରାୟ ୪୦ଟି ମୋବାଇଲ ଟଏଲେଟର ବ୍ୟବସ୍ଥା କରାଯିବ। ପୀଠକୁ ପ୍ଲାଷ୍ଟିକ ମୁକ୍ତ ରଖିବା ପାଇଁ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା କଡ଼ାକଡ଼ି କରାଯିବାକୁ ସ୍ଥିର ହୋଇଛି।

## ଜଙ୍ଗଲରୁ ୫୫ ବର୍ଷୀୟଙ୍କ ମୃତଦେହ ଉଦ୍ଧାର

ପାରଳାଖେମୁଣ୍ଡି, ୨୫।୯ (ନିପ୍ର); ଗାଈ ଚରାଇବାକୁ ଯାଇ ଗତକାଲିଠାରୁ ନିଖୋଜ ଥିବା ଜଣେ ୫୫ ବର୍ଷୀୟ ବ୍ୟକ୍ତିଙ୍କ ମୃତଦେହ ଆଜି ସକାଳୁ ଜଙ୍ଗଲରୁ ଉଦ୍ଧାର ହୋଇଛି। ମୃତକ ହେଲେ ରାୟଗଡ଼ ବ୍ଲକ ଅନ୍ତର୍ଗତ ପୁଟର ପଞ୍ଚାୟତର କରଞ୍ଜି ସାହି ଗ୍ରାମର ଭୀମ ଗମାଙ୍ଗ। ସୂଚନା ଅନୁଯାୟୀ, ଭୀମ ଗତକାଲି ସକାଳେ ଗାଈ ଚରାଇବା ପାଇଁ ଗାଁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ସାଧାରଣତଃ ଗାଈ ଚରାଇ ସାରି ସେ ଘରକୁ ଫେରି ଆସୁଥିଲେ। ହେଲେ ଗତକାଲି ସନ୍ଧ୍ୟା ହୋଇଥିଲେ ମଧ୍ୟ ସେ ଘରକୁ ଫେରିନଥିଲେ। ପରିବାର ଲୋକେ ଚିନ୍ତିତ ହୋଇ ଆଖପାଖ ଅଞ୍ଚଳ ଓ ଜଙ୍ଗଲରେ ଖୋଜାଖୋଜି କରିଥିଲେ। ରାତି ପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ମିଳିନଥିଲା। ଆଜି ସକାଳୁ ପୁଣି ପରିବାର ଲୋକ ଓ ଗ୍ରାମବାସୀ ଜଙ୍ଗଲକୁ ଯାଇ ଖୋଜାଖୋଜି କରିବା ବେଳେ ଭୀମଙ୍କ ମୃତଦେହ ଠାବ କରିଥିଲେ। ଏ ସମ୍ପର୍କରେ ରାମଗିରି ଥାନାକୁ ଖବର ଦିଆଯାଇଥିଲା। ଖବର ପାଇ ରାମଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ତେବେ ଭୀମଙ୍କ ମୃତ୍ୟୁ ଲଗାଣ ବର୍ଷାରେ ଭିଜି ଅସୁସ୍ଥ ହେବାରୁ ଫେରି ପାରିନଥିବା କିମ୍ବା ଅନ୍ୟ କେଉଁ କାରଣରୁ ହୋଇଛି, ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ। ଘଟଣାସ୍ଥଳର ପରିସ୍ଥିତି ଓ ମୃତଦେହର ଅବସ୍ଥା ଯାଞ୍ଚ କରି ପୁଲିସ ତଦନ୍ତ ଆରମ୍ଭ କରିଛି।

## ଚାରମାଳ ଦୁଷ୍କର୍ମକାରୀଙ୍କୁ କୋର୍ଟ ଚାଲାଣ

ରେଢ଼ାଖୋଲ, ୨୫।୯ (ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ଚାରମାଳ ଥାନାଞ୍ଚଳରେ ଜଣେ ଯୁବତୀଙ୍କୁ ଜୋରଜବରଦସ୍ତି ୩ ଜଣ ଯୁବକ ଦୁଷ୍କର୍ମ କରିଥିବା ନେଇ ଥାନାରେ ଅଭିଯୋଗ ପରେ ପୁଲିସ୍ ଏହି ମାମଲାରେ ତତ୍ପରତା ପ୍ରକାଶ କରି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏନେଇ ଗିରଫ ଅଭିଯୁକ୍ତ ମାନଙ୍କୁ ଡ଼ାକ୍ତରୀ ମାଇନା ପରେ ଗୁରୁବାର କୋର୍ଟ ଚାଲାଣ କରିଥିବା ଜଣାପଡିଛି। ହେଲେ ଏହାକୁ ନେଇ ଚାରମାଳ ପୋଲିସ ଅଭିଯୋଗ ମୁତାବକ ଦୁଷ୍କର୍ମ କରିଥିବା ୩ ଅଭିଯୁକ୍ତଙ୍କ ନାମ ଗୋପନୀୟ ରଖିଥିବା ଜଣାପଡିଛି। କୋର୍ଟ ଚାଲାଣ ପରେ ମଧ୍ୟ ପୋଲିସ ଦୁଷ୍କର୍ମ କରିଥିବା ଅଭିଯୁକ୍ତ ମାନଙ୍କ ନାଁ ପ୍ରକାଶ କରିନାହିଁ। ଏନେଇ ଦୁଷ୍କର୍ମକାରୀଙ୍କ ପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଉଚିତ୍ ଦଣ୍ଡ ଦିଆଯିବା ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

## ବଂଶାଜାଲ ଖେଳ ପଡିଆରେ ବୃକ୍ଷ ରୋପଣ

ରେଢ଼ାଖୋଲ, ୨୫।୯ (ନିପ୍ର); ରେଢ଼ାଖୋଲ ବ୍ଲକ ବଂଶାଜାଲ ଗ୍ରାମ ପଞ୍ଚାୟତ ପ୍ରଶାସନ ତରଫରୁ ସରପଞ୍ଚ ଲୋକନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଖେଳ ପଡିଆରେ 'ଏକ ପେଡ ମା କେଲିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ସାତ ଶହ ଗୋଟି ବିଭିନ୍ନ



ଫଳ ଏବଂ ଚାରା ଗଛ ରୋପଣ କରାଯାଇଥିଲା। ସାରା ଭାରତ ରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପାଳନ ଅବସରରେ ଏହି କାର୍ଯ୍ୟକ୍ରମ ଚାଲୁ ଥିବାରୁ ଉତ୍ସାହର ସହ ଏହି ପଞ୍ଚାୟତରେ ମଧ୍ୟ ତାହା ପାଳନ କରାଯାଇଥିଲା। ଉକ୍ତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସହକାରୀ ଯନ୍ତ୍ରୀ ଖିରାଦ୍ରୀ ତନୟା ପାଢ଼ୀ ବ୍ଲକ ପ୍ରଶାସନ ତରଫରୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବଂଶାଜାଲ ଗ୍ରାମ ପଞ୍ଚାୟତର ଏଡିଇଓ କର୍ଣ୍ଣ ବିଶ୍ୱାଳ, ସମସ୍ତ ଏମବିକେ, ସିଆରପି, ଏସଏଚଜି ଦଳ ଏବଂ ମେଟମାନେ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମାଁ ଶୁଆନୀ ଦେବୀ କଳା ପରିଷଦ, ବଂଶାଜାଲର କାର୍ଯ୍ୟକର୍ତ୍ତା ମାନେ ମଧ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ଗ୍ରାମ ପଞ୍ଚାୟତର ପିଅନ କାହ୍ନୁ ପଧାନ, ମିଲୁ ପାଣ୍ଡେ, କର୍ଣ୍ଣ ନାଏକ, ଟଙ୍କ ବେହେରା, ଉଗ୍ରେସନ ନାଏକ ପ୍ରମୁଖ ମଧ୍ୟ ସାମିଲ ଥିଲେ। ଶେଷରେ ପଞ୍ଚାୟତର ପିଇଓ ନନ୍ଦଲାଲ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଲଗାଣ ବର୍ଷାରେ ଖାଲଖମା ରାସ୍ତା

ରମ୍ଭା, ୨୫।୯ (ନିପ୍ର); ବଙ୍ଗୋପସାଗରରେ ଲଘୁଚାପ ଜନିତ ଲଗାଣ ବର୍ଷାରେ ରମ୍ଭା ସହର ସମେତ ପାରିପାର୍ଶ୍ୱିକ ଅଞ୍ଚଳ ବିପଦପୂର୍ଣ୍ଣ ହୋଇପଡ଼ିଥିବା ବେଳେ ରାସ୍ତାଘାଟରେ ଲହଡି ମାରୁଛି ବର୍ଷା ପାଣି।



ତତ ସହିତ ସହରର ରାସ୍ତା ମଝିରେ କୁଡ଼ କୁଡ଼ ପଲିଥିନ, ଅଳିଆ, ସାନିଟାଇଜର, କାଚ ବୋତଲ ସହ ପୋଚପାଣି ଭାସୁଥିବା ଲକ୍ଷ୍ୟ କରାଯାଇଛି। ତା ସହିତ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିବା ଜଣାଯାଇଛି। ଯାହା ଦ୍ୱାରା ରାସ୍ତାଘାଟରେ ଯାତାୟାତ ସମୟରେ ଦୁଇ ଓ ଚାରିଚକିଆ ଯାନବାହନ ଯିବା ବେଳେ ଖାଲରେ ପଡି ଚାଳକ ହଠାତ ବ୍ରେକ ମାରିବା ପାଇଁ ବାଧ୍ୟ ହେଉଛନ୍ତି। ଏପରି ପରିସ୍ଥିତିରେ ପଛରୁ ଆସୁଥିବା ଗାଡି ସମ୍ମୁଖ ଭାଗ ଗାଡିରେ ଧକ୍କା ହୋଇ ଦୁର୍ଘଟଣାର ସମ୍ମୁଖୀନ ହେବା ଓ ଆସନ୍ନ ମୃତ୍ୟୁର ସମ୍ଭାବନା ରହିଛି। ଅନ୍ୟପଟେ ପ୍ରବଳ ବର୍ଷା ଯୋଗୁଁ ନାଳରେ ପାଣି ଆସିପାରୁନାହିଁ। ସହରର ବ୍ୟବହୃତ ପଲିଥିନ, ପରିବା ଚୋପା, ହୋଟେଲରୁ ବାହାରୁଥିବା ଖଲିପତ୍ର, ଦନା, ପ୍ଲେଟ, କାଚ ବୋତଲ ଭର୍ତ୍ତି ହୋଇଯାଇ ଜାମ ହୋଇଥିବାରୁ ବର୍ଷା ଜୋର ହେଲେ ଠେଲି ପେଲି ହୋଇ ଅଳିଆକୁ ରାଜ ରାସ୍ତାକୁ ଆସିଯାଉଛି। ଫଳରେ ଅଞ୍ଚଳବାସୀ ଅସନ୍ତୋଷ ହେଉଛନ୍ତି। ଅନ୍ୟପଟେ ମିଞ୍ଚିନି ପାଟଣା ପୋଖରୀରେ ନାଳ ପାଣି ଭର୍ତ୍ତି ହେଉଥିବାରୁ ସ୍ଥାନୀୟ ଲୋକମାନେ ବିଭିନ୍ନ କଥା ହେବା ସହ ମୃଦୁ ଗୁଞ୍ଜାରଣ ସୃଷ୍ଟି ହୋଇଛି। ପି ଡବ୍ଲୁ ଡ଼ି ଜେ ଇ ସତ୍ୟ ନାରାୟଣ ବିଷୋୟୀ ଏବଂ ଅବସର ପ୍ରାପ୍ତ କୋଷାଧ୍ୟକ୍ଷ ରଘୁନାଥ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଜେସିବି ସାହାଯ୍ୟରେ ପୋଖରୀ ପାର୍ଶ୍ୱରେ ଥିବା କଲଭର୍ଟରେ ଅଳିଆ ଜାମ ହୋଇଥିବାରୁ ପାଣି ରାସ୍ତାରେ ଯାଉଛି। ଅଳିଆ ସହ ପଥର ମାଟିରେ ଜାମ ହୋଇଥିବାରୁ ସମ୍ପୂର୍ଣ୍ଣ ସଫେଇ ହୋଇପାରିନଥିଲା।

## ଘର ଉପରେ ଉପୁଡ଼ି ପଡ଼ିଲା ବିଶାଳ ତେନ୍ତୁଳି ଗଛ

ପାରଳାଖେମୁଣ୍ଡି, ୨୫।୯ (ନିପ୍ର); ଗୁମ୍ମା ଲଘୁଚାପଜନିତ ବର୍ଷା ଓ ପବନ ମଧ୍ୟରେ ଏକ ଅଘଟଣରୁ ଅଳ୍ପକେ ବର୍ତ୍ତିଛନ୍ତି ଏକ ପରିବାର। ଗୁମ୍ମା ବ୍ଲକ ଅନ୍ତର୍ଗତ କୁଜାସିଂ ପଞ୍ଚାୟତ ଅଧୀନସ୍ଥ ଗଙ୍ଗାପୁର ଗ୍ରାମର ଗୋଡ଼ମାଇ କାର୍ଜିଙ୍କ ଘର ନିକଟରେ ଥିବା ଏକ ବଡ଼ ତେନ୍ତୁଳି ଗଛ ଉପୁଡ଼ି ଘର ଉପରେ ପଡ଼ିଯିବାରୁ ଘରର ଟିଣ ଓ ଅନ୍ୟାନ୍ୟ ଅଂଶ କ୍ଷତିଗ୍ରସ୍ତ ହୋଇଛି। ଗଛର ବିଶାଳ ଡାଳପାଳ ଘରକୁ ସମ୍ପୂର୍ଣ୍ଣ ଢାଙ୍କି ଦେଇଥିବାରୁ ପରିବାର ଲୋକେ ଭୟଭୀତ ହୋଇପଡ଼ିଥିଲେ। ଘରେ ୬ଜଣ ପରିବାର ଥିବା ବେଳେ ହଠାତ ଘରର ବାଡ଼ି ପଟେ ବଡ଼ ଶବ୍ଦ ଶୁଣି ପରେ ପରିବାରର ସଦସ୍ୟମାନେ ଘର ଭିତରେ ଥିବା ବେଳେ ହଠାତ୍ ଗଛଟି ଘର ଉପରେ ପଡ଼ିଥିଲା। ତେବେ ସୌଭାଗ୍ୟବଶତଃ କାହାରି ଜୀବନହାନି ହୋଇନାହିଁ।



ଘରର ଟିଣ, କାନ୍ଥ ଓ ଘରେ ଥିବା ସାମଗ୍ରୀ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଘଟଣାର ଖବର ପାଇ ଗୁମ୍ମା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ହଟାଇବା ସହ ପରିବାରକୁ ସହଯୋଗ କରିଥିଲେ। ଅସହାୟ ପରିବାରକୁ ପ୍ରଶାସନ ପକ୍ଷରୁ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ ସହ ଆବଶ୍ୟକ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ରକ୍ଷଣାବେକ୍ଷଣ ଅଭାବରୁ ଏଟିଏମ୍ ଭିତରେ ବୁଲା ଗୋରୁ

କଣ୍ଟିଲୋ, ୨୫।୯ (ନିପ୍ର); ଗୃହ ପାଳିତ ଗୋରୁ ଗାଈ ମାନଙ୍କର ସୁରକ୍ଷା ଓ ନିରାପତ୍ତାକୁ ମାଲିକ ମାନେ ଧ୍ୟାନ ଓ ଗୁରୁତ୍ୱ ଦେଉ ନଥିବା ଯୋଗୁ ରାଜରାସ୍ତାକୁ ଆବଦ୍ଧ କରି ଦିନ ରାତି ଗାଈ ଗୋରୁ ମାନେ ବୁଲିବା ଓ ଶୋଇ ରହିଥିବା ବହୁ ନଜିର ଅଛି। କିନ୍ତୁ ଗୋଟିଏ ବ୍ୟାଙ୍କର ଏଟିଏମ୍ ଭିତରେ ଶୋଇ ରହି ଗ୍ରାହକମାନଙ୍କୁ ବହୁ ଅସୁବିଧାରେ ପକାଉ ଥିଲେ ମଧ୍ୟ ବ୍ୟାଙ୍କ୍ କର୍ମଚାରୀମାନଙ୍କର ଦାୟିତ୍ୱହୀନ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ଓ ସନ୍ଦେହ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ସୂଚନାରୁ ଜଣାପଡ଼ିଛି ଯେ, ପ୍ରଭୁ ଶ୍ରୀ ନୀଳମାଧବଙ୍କ ପୂର୍ବ ପାର୍ଶ୍ୱ ଦୟଣା ଚୋରି ବଗିଚା ନିକଟରେ ଥିବା ୟୁକୋ ବ୍ୟାଙ୍କ୍ କାର୍ଯ୍ୟାଳୟ ଖୋଲା ଥିବା ଏବଂ ଶାଖା ପରିଚାଳକଙ୍କ ଠାରୁ ଆରମ୍ଭ କରି ସମସ୍ତ କର୍ମଚାରୀ ଓ ଅଣ କର୍ମଚାରୀମାନେ ଉପସ୍ଥିତ ଥିବା ସତ୍ତ୍ୱେ ବ୍ୟାଙ୍କକୁ ଲାଗି ରହିଥିବା ଏଟିଏମ ର ଡୋର୍ କବାଟ ବହୁ ମାସ ହେଲା ନଥିବାରୁ ଖୋଲା ମେଲା ହୋଇ ପଡ଼ିଛି। ଏଟିଏମ ସର୍ବଦା ଖୋଲା ମେଲାରେ ଥିବା ସତ୍ତ୍ୱେ ଏହା ଉପରେ କାହାର ନିଘା ନଥିବା କିମ୍ବା ଦାୟିତ୍ୱ ନଥିବାରୁ ବୁଲା ଗୋରୁ ଗାଈ ମାନେ ଏଟିଏମରୁମ୍‌କୁ ନିଜର ଆଶ୍ରୟସ୍ଥଳୀ ଭାବେ ନେଉଛନ୍ତି। ଏହି ଆଦି ପୀଠ କଣ୍ଟିଲୋ କୁ ପ୍ରତିଦିନ ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକ ଓ ସାଧାରଣ ଜନତା ଶ୍ରୀଜିଉଙ୍କ ଦର୍ଶନ ପାଇଁ ଆସି ଏହି ଏଟିଏମ୍ ଉପରେ ନିର୍ଭର କରୁଥିବା ବେଳେ ଏଠାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ତେଣୁ କଣ୍ଟିଲୋ ୟୁକୋ ବ୍ୟାଙ୍କ୍ ଶାଖା ପରିଚାଳକ ଅଗ୍ରାଧିକାର ଭାବେ ଏହାକୁ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।



## ୨ ଦିନ ହେଲା ଅନ୍ଧାରରେ ଭାପୁର ଅଞ୍ଚଳବାସୀ

ଭାପୁର, ୨୫।୯ (ନିପ୍ର); ଲଗାଣ ବର୍ଷା ଯୋଗୁଁ ଭାପୁର ବ୍ଲକ ଅଞ୍ଚଳରେ ଦୁଇ ଦିନ ହେଲା ବିଦ୍ୟୁତ କାଟ କୁ ନେଇ ଉପଭୋକ୍ତା ମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବିଭାଗୀୟ ଅଧିକାରୀ ମାନେ ୩୩ କେଭି ବିଦ୍ୟୁତ ଖରାପ ଥିବା କହି ନିଜ ମୁଣ୍ଡ ଉପରୁ ଦୋଷ ଖସାଇ ଉପଭୋକ୍ତାମାନଙ୍କୁ ଭଣ୍ଡେଇ ଚାଲିଛନ୍ତି। ଗତ ଦୁଇ ତିନି ଦିନହେଲା ଭାପୁର ଅଞ୍ଚଳବାସୀ ଅନ୍ଧାରରେ କାଳାତିପାତ କରୁଛନ୍ତି। ଯାହା ଘରେ ଇନଭର୍ଟର ରହିଛି ସେଗୁଡିକ ମଧ୍ୟ ବନ୍ଦ ହୋଇଗଲାଣି। ଝଡବର୍ଷା ସାଙ୍ଗକୁ ଅନ୍ଧାର ରାତ୍ରୀ ଜନସାଧାରଣଙ୍କ ପାଇଁ ଚୋରି ଭୟ ସହିତ ସରୀସୃପଙ୍କ ଭୟ ବଢ଼େଇ ଦେଇଛି। ଭାପୁର ବିଦ୍ୟୁତ ସେକ୍ସନ ବିଦ୍ୟୁତ ସେବା ଯୋଗେଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବାରୁ ସାଧାରଣ ରେ ସମାଲୋଚିତ ହେବାରେ ଲାଗିଛି। ବିଶେଷକରି, ମାଳିବେରେଣୀ ଏବଂ ଭାପୁର ଆଶ୍ରମ ବିଦ୍ୟାଳୟ ରେ ଅବସ୍ଥାନ କରୁଥିବା କୁନିକୁନି ଛାତ୍ରଛାତ୍ରୀ ମାନେ ବିଶେଷଭାବରେ ପ୍ରଭାବିତ ହେଉଛନ୍ତି। ଲଗାଣ ବର୍ଷା ପାଇଁ ଗାଁ ଗହଳିରେ ଥିବା ପଟାସ ଗଛ, ବାଉଁଶ ଗଛ, ଫାସୀ ଗଛ ଆଦି ବିଦ୍ୟୁତ ତାର ଉପରେ ପଡିବାରୁ ବିଦ୍ୟୁତ ସେବା ବନ୍ଦ ହୋଇଥିବାବେଳେ କର୍ମଚାରୀ ମାନଙ୍କର ଦେଖା ଦର୍ଶନ ନାହିଁ ଫଳରେ, ବର୍ତ୍ତମାନ ଅନ୍ଧାରମୟ ହୋଇଛି ଭାପୁର ଅଞ୍ଚଳ। ରାତ୍ରୀ ସମୟରେ ଚାରିଆଡେ ଘନ ଅନ୍ଧାର ପରିବେଶ ସହିତ ଲଗାଣ ବର୍ଷା ଲୋକ ମାନଙ୍କର ଦୁଃଖ ବଢ଼େଇ ଦେଇଛି। ଏ ଦିଗରେ ଭାପୁର ବ୍ଲକ ବିଦ୍ୟୁତ ବିଭାଗ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି।

## ଟିଟିଇଙ୍କ ଉପସ୍ଥିତି ବୃଦ୍ଧି ଯୋଗୁଁ ଚୋରି ମୋବାଇଲ ଉଦ୍ଧାର

ଜଟଣୀ, ୨୫/୯ (ନିପ୍ର): କାର୍ଯ୍ୟରତ ଟିଟିଇଙ୍କ ଉପସ୍ଥିତ ବୃଦ୍ଧି ଯୋଗୁଁ ଚୋରି ହୋଇଥିବା ମୋବାଇଲ ଫୋନ୍, ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ପାଟଣାର ଦୁଇ ମହିଳା ଯାତ୍ରୀ ଫେରି ପାଇଛନ୍ତି। ଏଥିସହ ଚୋରି କରିଥିବା ଚୋର ମଧ୍ୟ ଧରାପଡ଼ିଛି। ଧରାପଡ଼ିଥିବା ଅଭିଯୁକ୍ତ ଚୋର ନାଁ ସତ୍ୟବାନ୍ ନାୟକ। ନୂଆଗାଁ



ଅଞ୍ଚଳରେ ତା ଘର। ପାଟଣା-ପୁରୀ ଏକ୍ସପ୍ରେସରେ ରେଖା ଶର୍ମା ଓ ତାଙ୍କ ଭଉଣୀ ଯାତ୍ରା କରୁଥିଲେ। ସେମାନେ ଆଜି ପୁରୀରେ ଓହ୍ଲେଇଥାନ୍ତେ। ସକାଳ ପ୍ରାୟ ୯ଟାରେ ଭୁବନେଶ୍ୱର ଷ୍ଟେସନରୁ ଟ୍ରେନ ଛାଡ଼ିବା ସମୟରେ ଧରାପଡ଼ିଥିବା ଅଭିଯୁକ୍ତ ତାଙ୍କ ଭ୍ୟାନିଟି ବ୍ୟାଗ୍ ଝାମ୍ପି ନେଇ ପଳାଇଥିଲା। ଏହି ବ୍ୟାଗରେ ମୋବାଇଲ ଫୋନ, ୭ହଜାର ଟଙ୍କା, ଚାର୍ଜର ଆଦି ରହିଥିଲା। ଟ୍ରେନ ଛାଡ଼ିଦେଇଥିବାରୁ ଏହି ଦୁଇ ମହିଳାଯାତ୍ରୀ ଖୋର୍ଦ୍ଧାରୋଡ଼ ଜିଆରପି ଥାନାରେ ଅଭିଯୋଗ କରିବା ସହ ରେଲୱେ ସହାୟତା ନମ୍ବରରେ ମଧ୍ୟ ଜଣାଇ ଅନ୍ୟ ଏକ ଟ୍ରେନରେ ପୁରୀ ଯାଇଥିଲେ। ହେଲେ ଭୁବନେଶ୍ୱର-ଦଶପଲ୍ଲା ମେମୁ ଟ୍ରେନରେ ଟିଟିଇ ପ୍ରଦୀପ କୁମାର ମହାପାତ୍ର ଓ ପଙ୍କଜିନି ପ୍ରଧାନ ଟିକେଟ ଯାଞ୍ଚ କରୁଥିବା ସମୟରେ ଏହି ରେଳପଥର ମହିପୁର ଷ୍ଟେସନ ପରେ ଧରାପଡ଼ିଥିବା ଅଭିଯୁକ୍ତ ଏକ ନୂଆ ମୋବାଇଲ ଫୋନ ଧରି ବସିଥିବା ସେମାନଙ୍କ ଦୃଷ୍ଟିକୁ ଆସିଥିଲା। ତାଙ୍କୁ ଟିକେଟ ମାଗିଥିଲେ। ଏହି ସମୟରେ ଅଭିଯୁକ୍ତ ସତ୍ୟବାନ୍ ନୂଆଗାଁ ଷ୍ଟେସନରେ ପ୍ରବେଶ କରୁଥିବା ସମୟରେ ଚଳନ୍ତା ଟ୍ରେନରୁ ଡେଇଁ ଦୌଡ଼ିଥିଲା।

ଉଭୟ ଟିଟିଇ ଚୋର ଚୋର, ଧର ଧର ପାଟି କରିଥିଲେ। ପାଟି ଶୁଣି ଷ୍ଟେସନରେ କାର୍ଯ୍ୟରତ ଆରପିଏଫ୍ ଯବାନ୍ ଓ ସିଗନାଲ କର୍ମଚାରୀ ପଛରୁ ଗୋଡାଇ ଅଭିଯୁକ୍ତକୁ କାବୁ କରିଥିଲେ। ପରେ ଦୁଇ ଟିଟିଇ ଏନେଇ ଖୋର୍ଦ୍ଧାରୋଡ଼ ସିଟିଆଇ ଏଲଡ଼ି ମହାନ୍ତିଙ୍କୁ ଜଣାଇଥିଲେ। ଶ୍ରୀ ମହାନ୍ତି ତୁରନ୍ତ ଖୋର୍ଦ୍ଧାରୋଡ଼ ଆରପିଏଫ୍ ଥାନାକୁ ସୂଚନା ଦେଇଥିଲେ। ପରେ ଦୁଇ ମହିଳା ଟ୍ରେନ ଯାତ୍ରୀ ରେଖା ଶର୍ମା ଓ ତାଙ୍କ ଭଉଣୀ ଖୋର୍ଦ୍ଧାରୋଡ଼ ଷ୍ଟେସନ ସିଟିଆଇ ଅଫିସରେ ପହଞ୍ଚିଥିଲେ। ସେଠାରେ ସିଟିଆଇ ଶ୍ରୀ ମହାନ୍ତି, ଚୋର ଧରାଇବାରେ ପ୍ରମୁଖ ଭୂମିକା ନେଇଥିବା ଦୁଇ ଟିଟିଇ ଓ ଆରପିଏଫ୍ ଯବାନ୍‌ଙ୍କ ଉପସ୍ଥିତିରେ ଯାତ୍ରୀଙ୍କୁ ସେମାନଙ୍କ ଚୋରି ସାମଗ୍ରୀ ହସ୍ତାନ୍ତର କରାଯାଇଥିଲା।

## ଦୁଇକୂଳ ଖାଇ ପ୍ରବାହିତ ହେଉଛି କୁସୁମୀ ନଦୀ

ଖଣ୍ଡପଡା, ୨୫।୯ (ନିପ୍ର): ଲଗାଣ ବର୍ଷାର ପ୍ରଭାବରେ ଖଣ୍ଡପଡ଼ା ଅଞ୍ଚଳ ଦେଇ ପ୍ରବାହିତ କୁସୁମୀ ନଦୀର ଜଳ ପତ୍ତନ ହଠାତ ବୃଦ୍ଧି ପାଇଛି। ଚଳିତ ବର୍ଷ, ବର୍ଷା ଋତୁରେ ପୁରା ଶୁଖିଲା ପଡିଥିବା କୁସୁମୀ ନଦୀରେ ବନ୍ୟାଜଳ ଏବେ ଦୁଇ କୂଳ ଖାଇ ପ୍ରବାହିତ ହେଉଛି। କୁସୁମୀ ନଦୀରେ ବନ୍ୟାଜଳ ପ୍ରବାହିତ ହେବା ପରେ ନଦୀ ତଟବର୍ତ୍ତୀ ଗୁଣ୍ଠୁଣି, ଶାଳଝରିଆ, ବନମାଳିପୁର ଓ ବୋଦସା ପ୍ରଭୃତି ପଞ୍ଚାୟତ ବାସିନ୍ଦାଙ୍କ ମନରେ ଛନକା ପଶିଛି। କଣ୍ଟିଲୋ ଓ ବାଣପୁର ଅଞ୍ଚଳ ଦେଇ ପ୍ରବାହିତ ମହାନଦୀରେ, କୁସୁମୀ ନଦୀଟି ଲୀନ ହୋଇଥିବା ବେଳେ ବର୍ଷକୁ ବର୍ଷ ନଦୀ ଶଯ୍ୟା ପୋତି ହୋଇ ପଡୁଥିବାରୁ ସମୟାନୁକ୍ରମେ କୁସୁମୀ ନଦୀର ଜଳଧାରଣ କ୍ଷମତା ହ୍ରାସ ପାଇବାରେ ଲାଗିଛି। କୁସୁମୀ ନଦୀର ଜଳ ସଂରକ୍ଷଣ ଦିଗରେ ରାଜ୍ୟ ସରକାରଙ୍କ ଜଳସମ୍ପଦ



ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ କୁସୁମୀ ନଦୀରେ ଏକ ବ୍ୟାରେଜ ନିର୍ମାଣ କରିବାକୁ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀବାସୀ ଦାବି କରିଛନ୍ତି। ଅନୁରୂପ ଭାବେ ଖଣ୍ଡପଡ଼ା ଅଞ୍ଚଳ ଦେଇ ପ୍ରବାହିତ ଆମ୍ବନାଳ ଓ କୁଆଁରିଆ ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଥିବା ଜଣାପଡିଛି।

# ଜବରଦଖଲ ଉଚ୍ଛେଦ ନହେଲେ ଆନ୍ଦୋଳନକୁ ଓହ୍ଲାଇବେ ଗ୍ରାମବାସୀ

କଣ୍ଟିଲୋ ୨୫।୯ (ନି.ପ୍ର) ଖଣ୍ଡପଡ଼ା ତହସିଲ ଅଧୀନ ବଡ଼ବାଣପୁର ପଞ୍ଚାୟତ ଚୈତନ୍ୟପୁର ଗ୍ରାମରେ ଏକ ୬ ଡିସିମିଲ ସରକାରୀ ଜାଗା ଜବରଦଖଲକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ଗତ ୨ ବର୍ଷ ଧରି ଉତ୍ତେଜନା ଲାଗି ରହିଛି। ସ୍ଥାନୀୟ ଅଞ୍ଚଳର କାଠ ମାଫିଆ ଗାଁ ଲୋକଙ୍କୁ ଭୟଭୀତ କରି ଉକ୍ତ ସରକାରୀ ଜାଗାକୁ ଅନଧିକାର ଭାବେ ଜବରଦଖଲ କରି ରଖିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ସରକାରୀ ଜାଗାରୁ ସଂପୃକ୍ତ ଜବରଦଖଲକାରୀଙ୍କୁ ତୁରନ୍ତ ହଟାଇବାକୁ ଗ୍ରାମବାସୀ ଲିଖିତ ଭାବେ ଖଣ୍ଡପଡ଼ା ତହସିଲଦାର, କଣ୍ଟିଲୋ ଫାଣ୍ଡି କର୍ତ୍ତୃପକ୍ଷ ଓ ଖଣ୍ଡପଡ଼ା ପୁଲିସ ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରିବାରେ ଖଣ୍ଡପଡ଼ା ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ କଣ୍ଟିଲୋ ରାଜସ୍ୱ ନିରୀକ୍ଷକଙ୍କ



ଉପସ୍ଥିତିରେ ଉକ୍ତ ଜାଗାର ମାପଚୁପ କାର୍ଯ୍ୟ ଶେଷ ହେବା ସହ ସରକାରୀ ଜାଗା ଚିହ୍ନଟ କରାଯାଇ ଏ ସଂପର୍କିତ ରିପୋର୍ଟ ଖଣ୍ଡପଡ଼ା ତହସିଲଦାରଙ୍କୁ ପ୍ରଦାନ କରାଯାଇଥିବା ଜଣାପଡିଛି। ରିପୋର୍ଟ ଆଧାରରେ ଉକ୍ତ ସରକାରୀ ଜାଗାରୁ ହଟାଯିବା ନିମନ୍ତେ ଖଣ୍ଡପଡ଼ା ତହସିଲ ପ୍ରଶାସନ ପକ୍ଷରୁ ୨ଥର ସଂପୃକ୍ତ ଜବରଦଖଲକାରୀଙ୍କ ନିକଟକୁ ନୋଟିସ ପଠାଇ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବାରୁ ଚୈତନ୍ୟପୁର ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ତେବେ ପ୍ରଶାସନିକ ଉଦାସୀନତାର ସୁଯୋଗ ନେଇ ସଂପୃକ୍ତ ଜବରଦଖଲକାରୀ ବିଭିନ୍ନ ସମୟରେ ଗ୍ରାମବାସୀଙ୍କୁ ନାଲି ଆଖି ଦେଖାଇ ଧମକ ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଫଳରେ ଗ୍ରାମର ଶାନ୍ତ ପରିବେଶ ସମୟାନୁକ୍ରମେ ଅଶାନ୍ତ ଆଡକୁ ଗତି କରୁଥ?ବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି। ତେଣୁ ଗ୍ରାମବାସୀଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ଦେଇ ତହସିଲ ପ୍ରଶାସନ ତୁରନ୍ତ ଉକ୍ତ ସରକାରୀ ଜାଗାରୁ ଜବରଦଖଲକାରୀଙ୍କୁ ନ ହଟାଇଲେ ନିକଟ ଭବିଷ୍ୟତରେ ଚୈତନ୍ୟପୁର ଗ୍ରାମବାସୀ ବାଧ୍ୟ ହୋଇ ରାଜ ରାସ୍ତାକୁ ଓହ୍ଲାଇ ହରତାଳ କରିବେ ବୋଲି ଚେତାବନୀ ଦେଇଛନ୍ତି। ଚୈତନ୍ୟପୁର ଗ୍ରାମବାସୀଙ୍କ ପକ୍ଷରୁ ଏ ସଂର୍ପକରେ ଲିଖିତ ଭାବେ ନୟାଗଡ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ରାଜସ୍ୱ ବିଭାଗ ସଚିବ, ରାଜସ୍ୱ ଡିଭିଜନାଲ କମିଶନର କେନ୍ଦ୍ରାଞ୍ଚଳ ଶାଖା, କଟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରଦାନ କରାଯାଇଥିବା ଜଣାଯାଇଛି।

ନୟାଗଡ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଏଥିପ୍ରତି ଦୃଷ୍ଟି ଦେବାକୁ ଚୈତନ୍ୟପୁର ଗ୍ରାମବାସୀ ଦାବି କରିଛନ୍ତି। ଅଭିଯୋଗ ସମ୍ପର୍କରେ ଖଣ୍ଡପଡ଼ା ତହସିଲଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀଙ୍କୁ ପଚାରିବାରେ ସେଥିପ୍ରତି ସେ ଦୃଷ୍ଟି ଦେଇ ପଦକ୍ଷେପ ନେବେ ବୋଲି କହିଛନ୍ତି।

## ଭୋଟ୍ ଚୋରି' ଆନ୍ଦୋଳନ ତେଜିଲା

# ଦେଶବ୍ୟାପୀ ବିକ୍ଷୋଭ, ବହୁ କଂଗ୍ରେସ ନେତା ଅଟକ

ନୂଆଦିଲ୍ଲୀ,୨୫।୯: ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର) ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା, ୧୩ କୋଟି ଭୋଟରଙ୍କ ନାମ ବାଦ୍ ପଡ଼ିବା ଏବଂ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିବାଦୀୟ ନିଷ୍ପତ୍ତି ବିରୋଧରେ ଶୁକ୍ରବାର ସାରା ଦେଶରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗୁଆହାଟୀଠାରେ ବିକ୍ଷୋଭ ସମୟରେ ଆସାମ କଂଗ୍ରେସ ସଭାପତି ଗୌରବ ଗୋଗୋଇଙ୍କ ସମେତ ଅନେକ ବରିଷ୍ଠ ନେତାଙ୍କୁ ପୁଲିସ ଅଟକ ରଖିଛି। ଅନ୍ୟପକ୍ଷରେ ଚଣ୍ଡୀଗଡ଼ ଏବଂ ପାଟନାରେ ଆନ୍ଦୋଳନକାରୀଙ୍କୁ ଛତ୍ରଭଙ୍ଗ ଦେବା ପାଇଁ ପୁଲିସ ପାଣି ମାଡ଼ କରିଛି। ଦିଲ୍ଲୀର ଜନ୍ତରମନ୍ତର ସମେତ ନିର୍ବାଚନ କମିସନ (ଇସିଆଇ) କାର୍ଯ୍ୟାଳୟ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଯୁବ କଂଗ୍ରେସ ପକ୍ଷରୁ ରାଇସିନା ରୋଡରୁ ମାର୍ଚ୍ଚ ଆୟୋଜନ କରାଯାଇଥିଲା। ଭୋପାଳ, ଡେରାଡୁନ୍, ପଞ୍ଜାବ, କର୍ଣ୍ଣାଟକ ଏବଂ କୋଲକାତାରେ କଂଗ୍ରେସ କର୍ମୀମାନେ ରାଜପଥକୁ ଓହ୍ଲାଇ 'ଜ୍ଞାନେଶ କୁମାରଙ୍କୁ ଗିରଫ କର' ଏବଂ 'ଭୋଟ୍ ଚୋରି ମ୍ୟାଜିକ୍ ଟ୍ରିକ୍ ଧରାପଡ଼ିଲା' ଭଳି ପୋଷ୍ଟର ଧରି ପ୍ରତିବାଦ କରିଛନ୍ତି। କର୍ଣ୍ଣାଟକରେ କଂଗ୍ରେସ ପକ୍ଷରୁ ସିଇସି ଜ୍ଞାନେଶ କୁମାରଙ୍କ ବିରୋଧରେ ଭୋଟର ତାଲିକା ଜାଲିଆତି ଅଭିଯୋଗରେ ପୁଲିସ ଏତଲା ଦିଆଯାଇଛି। ସେପଟେ ଯୁବ କଂଗ୍ରେସ 'ଜ୍ଞାନେଶ, ଇଟ୍ ଇଜ୍ ଡନ୍ ବ୍ରୋ' ନାମକ ଏକ ଦେଶବ୍ୟାପୀ ଅନଲାଇନ୍ ସିଟିଜେନ୍ ପିଟିସନ୍ ଆରମ୍ଭ କରିଛି। ଅପରପକ୍ଷରେ 'ସିଜେପି' ସଂସ୍ଥାପକ ଅଭିଜିତ୍ ଦୀପକେ ଚେତାବନୀ ଦେଇଛନ୍ତି ଯେ ସିଇସି ଶନିବାର ସୁଦ୍ଧା ଇସ୍ତଫା ନଦେଲେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଦେଶବ୍ୟାପୀ



ଆନ୍ଦୋଳନ ଆରମ୍ଭ ହେବ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ଭାଦ୍ରା ସିଇସିଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିବା ସହ ୨୦୨୪ ଲୋକସଭା ଓ ଅନ୍ୟ ନିର୍ବାଚନଗୁଡ଼ିକରେ ବ୍ୟାପକ ଜାଲିଆତି ହୋଇଥିବା ଅଭିଯୋଗ କରିଛନ୍ତି। ରାହୁଲ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟ ହୋଇଛି ଏବଂ ନିର୍ବାଚନ ବ୍ୟବସ୍ଥାକୁ ନଷ୍ଟ କରିଥିବା ବ୍ୟକ୍ତି 'ଦେଶଦ୍ରୋହୀ' ଅଟନ୍ତି। କଂଗ୍ରେସ ପାର୍ଲାମେଣ୍ଟର ଉଭୟ ଗୃହରେ ସିଇସିଙ୍କୁ ପଦଚ୍ୟୁତ କରିବା ପାଇଁ ପ୍ରସ୍ତାବ ଆଣିବାକୁ ପ୍ରସ୍ତୁତ ହେଉଛି। ସେପ୍ଟେମ୍ବର ୨୯ରେ ଅନୁଷ୍ଠିତ ହେବାକୁ ଥିବା କଂଗ୍ରେସ କାର୍ଯ୍ୟକାରିଣୀ (ସିଡବ୍ଲ୍ୟୁସି) ବୈଠକରେ ଏହି ନିଷ୍ପତ୍ତି ଉପରେ ଚୂଡ଼ାନ୍ତ ମୋହର ବାଜିବ। ତେବେ ସମସ୍ତ ଅଭିଯୋଗକୁ ନିର୍ବାଚନ କମିସନ ଦୃଢ଼ ଭାବେ ଖଣ୍ଡନ କରିଛନ୍ତି। ଆୟୋଗ କହିଛନ୍ତି ଯେ ବହୁ-ସଦସ୍ୟ ବିଶିଷ୍ଟ ସାମ୍ବିଧାନିକ ସଂସ୍ଥାରେ ଆଲୋଚନା ଓ ପ୍ରଶାସନିକ ପ୍ରତିକ୍ରିୟା ଏକ ସାଧାରଣ ପ୍ରକ୍ରିୟା ଏବଂ ଏସ୍ଆଇଆର୍ ସଂକ୍ରାନ୍ତ ସମସ୍ତ ଚୂଡ଼ାନ୍ତ ନିଷ୍ପତ୍ତି ସର୍ବସମ୍ମତିକ୍ରମେ ନିଆଯାଇଛି।

## ପୋକ୍ସୋ ଆଇନର ଦୁରୁପଯୋଗ ; ରୋକିବାକୁ ସୁପ୍ରିମକୋର୍ଟଙ୍କ ମାର୍ଗଦର୍ଶିକା



ନୂଆଦିଲ୍ଲୀ,୨୫।୯: ସନ୍ତାନର ହେପାଜତ ପାଇଁ ଦମ୍ପତିଙ୍କ ମଧ୍ୟରେ ଚାଲିଥିବା ବିବାଦ ସମୟରେ ପୋକ୍ସୋ ଆଇନର ହେଉଥିବା ଦୁରୁପଯୋଗକୁ ରୋକିବା ପାଇଁ ସୁପ୍ରିମକୋର୍ଟ ଏକ ଐତିହାସିକ ମାର୍ଗଦର୍ଶିକା ଜାରି କରିଛନ୍ତି। ବିଚାରପତି ଜେ.ବି. ପର୍ଡିୱାଲା ଓ ବିଚାରପତି କେ.ଭି. ବିଶ୍ୱନାଥନଙ୍କ ପୀଠ ଏହି ମାମଲାର ଶୁଣାଣି କରି ସାରା ଦେଶ ପାଇଁ ନୂଆ ଗାଇଡ୍ଲାଇନ୍ ଲାଗୁ କରିଛନ୍ତି। ନିଜର ଜିଦ୍ ଓ ସନ୍ତାନର ହେପାଜତ ହାସଲ କରିବା ପାଇଁ ସ୍ୱାମୀ-ସ୍ତ୍ରୀ ଜଣେ ଅନ୍ୟ ଜଣଙ୍କ ବିରୋଧରେ ପୋକ୍ସୋ ଆଇନ (ଶିଶୁ ଯୌନ ଅପରାଧ ସୁରକ୍ଷା ଆଇନ) ଅଧୀନରେ ମିଥ୍ୟା ମାମଲା ଦାୟର ସଂଖ୍ୟା ବୃଦ୍ଧି ପାଉଥିବାରୁ କୋର୍ଟ ଏହି ପଦକ୍ଷେପ ନେଇଛନ୍ତି। ପାରିବାରିକ/ବିବାହଗତ ବିବାଦ ମଧ୍ୟରେ ଯଦି ସନ୍ତାନର ବାପା-ମାଆ କିମ୍ବା ସେହି ଘରେ ରହୁଥିବା କୌଣସି ପରିବାର ସଦସ୍ୟଙ୍କ ବିରୋଧରେ ପୋକ୍ସୋ ଅଭିଯୋଗ ଆସେ, ତେବେ ପୁଲିସ ତୁରନ୍ତ କୌଣସି ଗିରଫ କିମ୍ବା କଠୋର ପଦକ୍ଷେପ ନେଇପାରିବ ନାହିଁ। କୌଣସି ଗିରଫ କିମ୍ବା ଆଇନଗତ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ତଦନ୍ତକାରୀ ଅଧିକାରୀ ଜଣେ ଶିଶୁ ମନୋବିଜ୍ଞାନୀ କିମ୍ବା କ୍ଲିନିକାଲ୍ ସାଇକୋଲୋଜିଷ୍ଟଙ୍କ ଦ୍ୱାରା ଶିଶୁର ମାନସିକ ସ୍ଥିତି ଯାଞ୍ଚ କରାଇବେ।

## ଘରର ଦାୟିତ୍ୱ ମହିଳାଙ୍କ ଭଳି ପୁରୁଷଙ୍କର ମଧ୍ୟ ସମାନ ରହିଛି: ମାଡ୍ରାସ ହାଇକୋର୍ଟ

ଚେନ୍ନାଇ,୨୫।୯: ମାଡ୍ରାସ ହାଇକୋର୍ଟଙ୍କ ମଦୁରାଇ ବେଞ୍ଚ ଏକ ପାରିବାରିକ ମାମଲାରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ କହିଛନ୍ତି ଯେ, ଘରର ଦାୟିତ୍ୱକୁ କେବଳ ମହିଳାଙ୍କ ପାଇଁ ଏକ ଭୂମିକା ଭାବରେ ଦେଖାଯିବା ଅନୁଚିତ୍। କୋର୍ଟ କହିଛନ୍ତି ଯେ, ଯଦି ମହିଳାମାନେ ଗୃହିଣୀ ହୋଇପାରିବେ, ତେବେ ପୁରୁଷମାନେ ମଧ୍ୟ ସମାନ ଭୂମିକା ଗ୍ରହଣ କରିପାରିବେ। ଯଦି ମହିଳାମାନେ ଗୃହିଣୀର ଭୂମିକା ଗ୍ରହଣ କରିପାରିବେ, ତେବେ ପୁରୁଷମାନେ ମଧ୍ୟ ଦାୟିତ୍ୱ ବାଣ୍ଟିବା ସହିତ 'ହାଉସ୍ ହଜବ୍ୟାଣ୍ଡ' ହେବାକୁ ବାଛିପାରିବେ। ଥେନି ପରିବାର କୋର୍ଟର ନିର୍ଦ୍ଦେଶ ବିରୋଧରେ ଦାଖଲ ହୋଇଥିବା ପୃଥକ୍ ଆବେଦନର ଶୁଣାଣି କରି ଜଷ୍ଟିସ୍ ଜି.ଆର. ସ୍ୱାମୀନାଥନ୍ ଓ ଏମ୍.ଡି. ସୁମତିଙ୍କୁ ନେଇ ଗଠିତ ଏକ ଡିଭିଜନ ବେଞ୍ଚ ଏହା କହିଛନ୍ତି। ଡାକ୍ତର ଦମ୍ପତିଙ୍କ ମଧ୍ୟରେ ଏକ ବୈବାହିକ ବିବାଦ ଓ ଛାଡପତ୍ର ମାମଲାର ଶୁଣାଣି କରି ହାଇକୋର୍ଟ କହିଛନ୍ତି ଯେ, ଯଦି ସମାଜରେ ହାଉସ୍ ୱାଇଫ୍ 'ଗୃହିଣୀ'ର ଭୂମିକା ରହିପାରିବ, ତେବେ ପୁରୁଷଙ୍କ ପାଇଁ 'ହାଉସ୍ ହଜବ୍ୟାଣ୍ଡ'ର ଭୂମିକା ମଧ୍ୟ ସମାନ ଭାବରେ ସ୍ୱାଭାବିକ ହୋଇପାରିବ।

## ଆମେରିକା ସର୍ତ୍ତ ମାନିଲେ ୭ ଦିନରେ ଖୋଲିବ ହର୍ମୁଜ: ଇରାନ

ୱାଶିଂଟନ,୨୫।୯ : ଇରାନର ନୂଆ ସର୍ତ୍ତ। ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ଇରାନ ଏକ ଯୁଦ୍ଧବିରାମ ଏବଂ ଶାନ୍ତି ମଧ୍ୟସ୍ଥତା ପାଇଁ ଏକ ନୂତନ ପ୍ରୟାସ ଆରମ୍ଭ କରିଛି। ପ୍ରାୟ ସାତ ମାସ ଧରି ଚାଲିଥିବା ସଂଘର୍ଷର ଅନ୍ତ କରିବା ଏବଂ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀକୁ ପୁନଃ ଖୋଲିବା ପାଇଁ ଇରାନ ଆମେରିକାକୁ "ସାତ ଦିନିଆ" ଶାନ୍ତି ପ୍ରସ୍ତାବ ପ୍ରଦାନ କରିଛି। ଏହି ଯୋଜନାକୁ ନିଶ୍ଚିତ କରି, ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି କହିଛନ୍ତି ଯେ ତେହେରାନର ନୂତନ ପଦକ୍ଷେପ ଆମେରିକା ଏବଂ ଇରାନ ମଧ୍ୟରେ ଜୁନ୍ ମାସରେ ହୋଇଥିବା ଚୁକ୍ତିର ସର୍ତ୍ତାବଳୀ ଉପରେ ଆଧାରିତ, ଯାହା କାର୍ଯ୍ୟକାରୀ ହେବାର କିଛି ସମୟ ପରେ ଭାଙ୍ଗି ଯାଇଥିଲା। ଇରାନୀ ମଧ୍ୟସ୍ଥତାମାନେ ଏହି ପ୍ରସ୍ତାବ ହ୍ୱାଇଟ୍ ହାଉସକୁ ଦେଇଛନ୍ତି। ଏହି ପ୍ରସ୍ତାବ ଅନୁଯାୟୀ, ପାରସ୍ୟ ଉପସାଗର ଏବଂ ଓମାନ ଉପସାଗରକୁ ସଂଯୋଗ କରୁଥିବା ସମୁଦ୍ର ପଥ ମାତ୍ର



ଗୋଟିଏ ସପ୍ତାହ ମଧ୍ୟରେ ପୁନର୍ବାର ଖୋଲିପାରିବ। ଏହା ଉଲ୍ଲେଖନୀୟ ଯେ ସାଧାରଣ ସମୟରେ, ବିଶ୍ୱର ପ୍ରାୟ ୨୦ ପ୍ରତିଶତ ଶକ୍ତି ଏବଂ ତୈଳ ଯୋଗାଣ ଏହି ସଂକୀର୍ଣ୍ଣ ଜଳପଥ ଦେଇ ଗତି କରେ।ନ୍ୟୁୟର୍କରେ ଜାତିସଂଘ ସାଧାରଣ ପରିଷଦ ବୈଠକ ସମୟରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ଆରାଘଚି କହିଛନ୍ତି, "ଆମେ ମଧ୍ୟସ୍ଥତାଙ୍କ ମାଧ୍ୟମରେ ଆମେରିକାକୁ ଏକ ସ୍ପଷ୍ଟ ଯୋଜନା ଉପସ୍ଥାପନ କରିଛୁ। ଯଦି ସହମତ ସର୍ତ୍ତ ପୂରଣ ହୁଏ, ତେବେ ସପ୍ତମ ଦିନ ଶେଷ ସୁଦ୍ଧା ହର୍ମୁଜ ପ୍ରଣାଳୀ ଖୋଲାଯିବ ଏବଂ ଉଭୟ ପକ୍ଷ ମଧ୍ୟରେ ବ୍ୟାପକ ଆଲୋଚନା ପୁଣି ଆରମ୍ଭ ହେବ।"

## ମନଦୀପ ଭଣ୍ଡାରୀ ସିବିଏସ୍ଇର ନୂଆ ଅଧ୍ୟକ୍ଷ ନିଯୁକ୍ତ



ନୂଆଦିଲ୍ଲୀ,୨୫।୯ : କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ( ସିବିଏସ୍ଇ) ଆଜି ଆଇଏଏସ୍ ଅଫିସର ମନଦୀପ କେ ଭଣ୍ଡାରୀଙ୍କୁ ନୂଆ ଅଧ୍ୟକ୍ଷ ନିଯୁକ୍ତ କରିଛି। ଦ୍ୱାଦଶ ଶ୍ରେଣୀ ଉତ୍ତର ଖାତା ମୂଲ୍ୟାୟନ ପାଇଁ ସିବିଏସ୍ଇ ଆରମ୍ଭ କରିଥିବା ନୂଆ ଓଏସ୍ଏମ୍ (ଅନ୍ ସ୍କ୍ରିନ୍ ମାର୍କିଂ ସିଷ୍ଟମ୍)କୁ ନେଇ ବିବାଦ ହେବାର ୪ ମାସ ପରେ ସିବିଏସ୍ଇ ଭଣ୍ଡାରୀଙ୍କୁ ଏହାର ନୂଆ ଅଧ୍ୟକ୍ଷ ନିଯୁକ୍ତ କରିଛି। କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ୍ ବିଭାଗ ଦ୍ୱାରା ଜାରି ସରକାରୀ ଅର୍ଡର୍ ଅନୁଯାୟୀ ୨୦୦୧ ବ୍ୟାଚର ଏଜିଏମ୍ୟୁଟି କ୍ୟାଡର୍ ଆଇଏଏସ୍ ଅଫିସରଙ୍କୁ ଶିକ୍ଷା ମନ୍ତ୍ରାଳୟ ଅଧୀନରେ ସିବିଏସ୍ଇର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି । ଭଣ୍ଡାରୀ ଜଣେ ମେଡିକାଲ ଗ୍ରାଜୁଏଟ୍ । ତାଙ୍କ କ୍ୟାରିୟରରେ ସେ ଲେହ ଓ ଜାମ୍ମୁର ଡେପୁଟି କମିସନର ସମେତ ବିଭିନ୍ନ ପ୍ରଶାସନିକ ପଦବୀରେ ରହିଛନ୍ତି । ସେ ମଧ୍ୟ ଜମ୍ମୁରେ ଡିଭିଜନାଲ କମିସନର ଭାବେ ଦାୟିତ୍ୱ ତୁଲାଇଥିଲେ ଏବଂ ଜାମ୍ମୁ କାଶ୍ମୀର ପ୍ରଶାସନରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ। କେନ୍ଦ୍ରରେ ସେ ୨୦୧୮ ଜାନୁଆରିରୁ ସେପ୍ଟେମ୍ବର ମଧ୍ୟରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀଙ୍କ ପ୍ରାଇଭେଟ୍ ସେକ୍ରେଟାରି ଥିଲେ । ସେ ମଧ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟର ଯୁଗ୍ମ ସଚିବ ଭାମେ କାର୍ଯ୍ୟ କରିଛନ୍ତି।

## ଭାରତ ପାଇଁ ବଢୁଛି ବିଶ୍ୱ ସମର୍ଥନ

## ସୁରକ୍ଷା ପରିଷଦରେ ସାମିଲ ହେଉ ଭାରତ: ପର୍ତ୍ତୁଗାଲ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୫।୯: ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତାକୁ ନେଇ ବିଶ୍ୱସ୍ତରରେ ସମର୍ଥନ କ୍ରମଶଃ ବୃଦ୍ଧି ପାଉଛି। ଜାତିସଂଘ ସାଧାରଣ ପରିଷଦ ଅଧିବେଶନରେ ପର୍ତ୍ତୁଗାଲର ପ୍ରଧାନମନ୍ତ୍ରୀ ଲୁଇସ୍ ମୋଣ୍ଟେନେଗ୍ରୋ ଭାରତକୁ ସ୍ଥାୟୀ ସଦସ୍ୟତା ପ୍ରଦାନ କରିବା ପାଇଁ ଦୃଢ଼ ଓକିଲାତି କରିଛନ୍ତି । ସୁରକ୍ଷା ପରିଷଦରେ ସଂସ୍କାର ଅଣାଯିବା ଜରୁରୀ ବୋଲି ଦର୍ଶାଇ ସେ ଆଫ୍ରିକା, ବ୍ରାଜିଲ ଏବଂ ଭାରତକୁ ସ୍ଥାୟୀ ଆସନ ଦେବାକୁ ପକ୍ଷ ରଖିଛନ୍ତି । ପର୍ତ୍ତୁଗାଲ ପ୍ରଧାନମନ୍ତ୍ରୀ ଲୁଇସ୍ ମୋଣ୍ଟେନେଗ୍ରୋ ଜାତିସଂଘରେ ଭାରତର ସ୍ଥାୟୀ ସଦସ୍ୟତା ପାଇଁ ଦାବି ଦୋହରାଇଛନ୍ତି । ଆଜିର ପରିବର୍ତ୍ତିତ ବିଶ୍ୱରେ ସୁରକ୍ଷା ପରିଷଦକୁ ଅଧିକ ପ୍ରତିନିଧିତ୍ୱମୂଳକ ଏବଂ ଶକ୍ତିଶାଳୀ କରିବାକୁ ପଡ଼ିବ ବୋଲି ସେ ମତ ଦେଇଛନ୍ତି । ପୂର୍ବରୁ ମଧ୍ୟ ୨୦୨୨ ମସିହାରେ ପର୍ତ୍ତୁଗାଲ ଭାରତର ସ୍ଥାୟୀ ସଦସ୍ୟତାକୁ ସମର୍ଥନ କରିଆସିଛି ।ପର୍ତ୍ତୁଗାଲ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବିଶ୍ୱରେ ଅନେକ ପରିବର୍ତ୍ତନ ହୋଇସାରିଛି, ତେଣୁ ସୁରକ୍ଷା ପରିଷଦର ଗଠନରେ ମଧ୍ୟ ପରିବର୍ତ୍ତନ ଆସିବା ଆବଶ୍ୟକ । ଆଫ୍ରିକୀୟ ଦେଶଗୁଡ଼ିକ ସହିତ ବ୍ରାଜିଲ ଏବଂ ଭାରତକୁ ସ୍ଥାୟୀ ସଦସ୍ୟତା ମିଳିଲେ ସୁରକ୍ଷା ପରିଷଦ ଅଧିକ ପ୍ରଭାବଶାଳୀ ଏବଂ ଦ୍ରୁତ ଗତିରେ କାର୍ଯ୍ୟ କରିପାରିବ । ସୂଚନାଯୋଗ୍ୟ ଯେ, ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ମୋଟ ୧୫ଟି ସଦସ୍ୟ ଦେଶ ରହିଛନ୍ତି । ସେଥିମଧ୍ୟରୁ ୫ଟି ସ୍ଥାୟୀ ସଦସ୍ୟ ଯେପରିକି ଆମେରିକା, ରୁଷ, ଚୀନ୍, ଫ୍ରାନ୍ସ ଏବଂ ବ୍ରିଟେନ ରହିଥିବା ବେଳେ ସେମାନଙ୍କ ପାଖରେ ଭିଟୋ କ୍ଷମତା ଅଛି । ଏହାଛଡ଼ା ଦୁଇ ବର୍ଷିଆ କାର୍ଯ୍ୟକାଳ ପାଇଁ ୧୦ଟି ଅସ୍ଥାୟୀ ସଦସ୍ୟ ନିର୍ବାଚିତ ହୋଇଥାଆନ୍ତି ।

## ତିହାର ଜେଲରୁ ମୁକ୍ତ ହେଲେ ଆମେରିକୀୟ ମାଥ୍ୟୁ ଭାନଡାଇକ୍

ନୂଆଦିଲ୍ଲୀ,୨୫।୯: ମ୍ୟାମାରରେ ଡ୍ରୋନ୍ ଯୁଦ୍ଧ ପ୍ରଶିକ୍ଷଣ ଶିବିର ସହ ସମ୍ପର୍କ ଥିବା ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଦ୍ୱାରା ଗିରଫ ଆମେରିକୀୟ ନାଗରିକ ମାଥ୍ୟୁ ଆରୋନ୍ ଭାନଡାଇକ୍ ତିହାର ଜେଲରୁ ମୁକ୍ତ ହୋଇଛନ୍ତି। ତାଙ୍କୁ ଏକ ମାସ ପାଇଁ ଆମେରିକା ଯାଇ ପରିବାରକୁ ଭେଟିବାକୁ ରାଉଜ୍ ଆଭେନ୍ୟୁସ୍ଥିତ ସ୍ୱତନ୍ତ୍ର ଏନ୍ଆଇଏ ଅଦାଲତ ଅନୁମତି ଦେଇଛନ୍ତି। ଭାନଡାଇକ୍ଙ୍କ ସହ ମାମଲାରେ ଗିରଫ ହୋଇଥିବା ୬ ଜଣ ୟୁକ୍ରେନୀୟ ନାଗରିକଙ୍କୁ ମଧ୍ୟ ୟୁକ୍ରେନ୍ ଯାଇ ପରିବାରକୁ ଭେଟିବାକୁ ଅନୁମତି ମିଳିଛି। ସମସ୍ତଙ୍କୁ ନିର୍ଦ୍ଦିଷ୍ଟ ସର୍ତ୍ତ ଓ ଆଇନଗତ ପ୍ରକ୍ରିୟା ପାଳନ କରିବାକୁ ପଡ଼ିବ। ଅଦାଲତ ସେମାନଙ୍କ ପାସପୋର୍ଟ ମୁକ୍ତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ୭ ଅଭିଯୁକ୍ତଙ୍କୁ ଏହି ମାସରେ ଡିଫଲ୍ଟ ଜାମିନ ମିଳିସାରିଛି। ସେପ୍ଟେମ୍ବର ୧୮ରେ ଭାନଡାଇକ୍ଙ୍କୁ ୧ ଲକ୍ଷ ଟଙ୍କାର ବଣ୍ଡ ଓ ସେତିକି ଟଙ୍କାର ଜାମିନଦାରଙ୍କ ବଦଳରେ ଜାମିନ ମିଳିଥିଲା। ପରେ ସେ ଆମେରିକା ଯିବାକୁ ଅନୁମତି ପାଇଁ ଅଦାଲତରେ ଆବେଦନ କରିଥିଲେ। ସେପ୍ଟେମ୍ବର ୨୩ରେ ଅଦାଲତ ତାଙ୍କ ଜାମିନ ସର୍ତ୍ତରେ ପରିବର୍ତ୍ତନ କରି ବିଦେଶ ଯାତ୍ରାର ପଥ ସୁଗମ କରିଥିଲେ। ଶୁଣାଣି ସମୟରେ ଏନ୍ଆଇଏ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ରାହୁଲ ତ୍ୟାଗୀ ଓ ଆଇନଜୀବୀ ଅମିତ ରୋହିଲା ଉପସ୍ଥିତ ଥିଲେ।

## ସମ୍ପୂର୍ଣ୍ଣ ମଣିପୁର ଏବଂ ନାଗାଲ୍ୟାଣ୍ଡର ୯ ଜିଲ୍ଲାକୁ ଅଶାନ୍ତ କ୍ଷେତ୍ର ଘୋଷଣା

ନୂଆଦିଲ୍ଲୀ,୨୫।୯: କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଭାରତର ଉତ୍ତର-ପୂର୍ବ ରାଜ୍ୟ ମଣିପୁରକୁ ଏକ ଅଶାନ୍ତ ଅଞ୍ଚଳ ଭାବରେ ଘୋଷଣା କରିଛି। ଏହା ସହ ମନ୍ତ୍ରଣାଳୟ ସଶସ୍ତ୍ର ବାହିନୀ (ସ୍ୱତନ୍ତ୍ର କ୍ଷମତା) ଆଇନ, ୧୯୫୮ (AFSPA) ଅନୁଯାୟୀ ଆଗାମୀ ୬ ମାସ ପାଇଁ ନାଗାଲ୍ୟାଣ୍ଡର ୯ଟି ସମ୍ପୂର୍ଣ୍ଣ ଜିଲ୍ଲା ଏବଂ ଅନ୍ୟ ୫ଟି ଜିଲ୍ଲାର ୨୧ଟି ପୋଲିସ ଷ୍ଟେସନ ଅଞ୍ଚଳକୁ ଅଶାନ୍ତ ଅଞ୍ଚଳ ଭାବରେ ଘୋଷଣା କରିଛି। ତଥାପି,ଗୃହ ମନ୍ତ୍ରଣାଳୟ ମଣିପୁରର ୧୩ଟି ପୋଲିସ ଷ୍ଟେସନ ଅଞ୍ଚଳକୁ ଅଶାନ୍ତ ଅଞ୍ଚଳ ତାଲିକାରେ ଅନ୍ତର୍ଭୁକ୍ତ କରିନାହିଁ।କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଆଜି (ଶୁକ୍ରବାର) ଏହି ସମ୍ପର୍କରେ ଏକ ସରକାରୀ ବିଜ୍ଞପ୍ତି ମଧ୍ୟ ଜାରି କରିଛି, ଯାହା ୧ ଅକ୍ଟୋବର, ୨୦୨୬ ରୁ ପରବର୍ତ୍ତୀ ୬ ମାସ ପାଇଁ ଉଭୟ ରାଜ୍ୟରେ କାର୍ଯ୍ୟକାରୀ ହେବ, ଯଦି ଏହା ପୂର୍ବରୁ ବାତିଲ ନହୁଏ। ଏକ ରିପୋର୍ଟ ଅନୁଯାୟୀ, ଗୃହ ମନ୍ତ୍ରଣାଳୟ ନାଗାଲ୍ୟାଣ୍ଡର ନଅଟି ଜିଲ୍ଲାକୁ AFSPA ଅଧୀନରେ ଅଶାନ୍ତ ଅଞ୍ଚଳ ଭାବରେ ଘୋଷଣା କରିଛି, ଯେଉଁଥିରେ ଦିମାପୁର, ନିଉଲାଣ୍ଡ, ଚୁମୌକେଡିମା, ମୋନ୍, କିଫିରେ, ନୋକଲାକ୍, ଫେକ୍, ପେରେନ୍ ଏବଂ ମେଲୁରି ଜିଲ୍ଲା ଅନ୍ତର୍ଭୁକ୍ତ। ଏହା ବ୍ୟତୀତ, କୋହିମା, ମୋକୋକଚୁଙ୍ଗ, ଲଙ୍ଗଲେଙ୍ଗ, ୱୋଖା ଏବଂ ଜୁନହେବୋଟୋ ଜିଲ୍ଲା ମଧ୍ୟରେ ୨୧ଟି ପୋଲିସ ଷ୍ଟେସନ ଅଞ୍ଚଳ ମଧ୍ୟ ଏହି ପରିସରଭୁକ୍ତ।

## ରାହୁଲଙ୍କୁ ଶାହଙ୍କ କଟାକ୍ଷ

ନୂଆଦିଲ୍ଲୀ,୨୫।୯: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଉପରେ କଟାକ୍ଷ କରି କହିଛନ୍ତି ଯେ, ମୃତ ମାନସିକତାର ବ୍ୟକ୍ତି ଭାରତର ସମୃଦ୍ଧିକୁ ଦେଖିପାରିବ ନାହିଁ। ସେମାନେ ସେମାନଙ୍କ ଚାରିପାଖରେ କେବଳ ନିର୍ଜୀବତା ଦେଖନ୍ତି। ଭାରତର ଅର୍ଥନୈତିକ ଅଭିବୃଦ୍ଧି, ଏହାର ଅଭିବୃଦ୍ଧି ପୂର୍ବାନୁମାନ ଓ ସାର୍ବଭୌମ ମୂଲ୍ୟାଙ୍କନରେ ସମ୍ପ୍ରତି ହୋଇଥିବା ଅପଗ୍ରେଡ ବିଷୟରେ ଉଲ୍ଲେଖ କରି କେନ୍ଦ୍ର ଗୃହମନ୍ତ୍ରୀ ଏହି ମନ୍ତବ୍ୟ ଦେଇଛନ୍ତି। ଉତ୍ତର ପ୍ରଦେଶରେ ଅନ୍ତର୍ଜାତୀୟ ବାଣିଜ୍ୟ ପ୍ରଦର୍ଶନୀ ୨୦୨୬ କୁ ସମ୍ବୋଧିତ କରି ଅମିତ ଶାହ କହିଛନ୍ତି ଯେ, କିଛି ଲୋକ ଭାରତର ଜିଡିପି ଅଭିବୃଦ୍ଧିକୁ ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି। ସେ ମୁଡିଜର ଭାରତ ପାଇଁ ଅଭିବୃଦ୍ଧି ପୂର୍ବାନୁମାନ ୬% ରୁ ୭% କୁ ଉଦ୍ଧୃତ କରି କହିଛନ୍ତି ଯେ, ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜ ସତ୍ତ୍ୱେ ଭାରତ ଏହାର ଅଭିବୃଦ୍ଧିକୁ ବଜାୟ ରଖିଛି ଓ ତ୍ୱରାନ୍ୱିତ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ରାଜନୈତିକ ସ୍ଥିରତା ଉପରେ ମଧ୍ୟ ଶାହ ଆଲୋକପାତ କରି କହିଥିଲେ ଯେ, ନୀତି ନିରନ୍ତରତା ଓ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଭାରତକୁ ଏକ ବିଶ୍ୱ ଉତ୍ପାଦନ କେନ୍ଦ୍ର ଭାବରେ ଉଭା ହେବାରେ ସାହାଯ୍ୟ କରିଛି।

## ସିକ୍କିମରେ ଭୟଙ୍କର ଭୂସ୍ଖଳନ: ୩୦ରୁ ଅଧିକ ଘର ପ୍ରଭାବିତ



ନୂଆଦିଲ୍ଲୀ,୨୫।୯: ପ୍ରବଳରୁ ଅତି ପ୍ରବଳ ବର୍ଷା ମଧ୍ୟରେ ସିକ୍କିମର ଗ୍ୟାଲସିଂ ଜିଲ୍ଲାର ରିମ୍ବି ଗାଁରେ ଭୟଙ୍କର ଭୂସ୍ଖଳନ ଘଟିଛି। ଗୁରୁବାର, ରାତିରେ ଘଟିଥିବା ଏହି ଭୂସ୍ଖଳନ ଯୋଗୁଁ ଅନେକ ଘର ଓ ସରକାରୀ ଆବାସ କ୍ଷତିଗ୍ରସ୍ତ ହୋଇଛି । ପାହାଡ଼ ଉପରୁ ବହୁ ପରିମାଣର ମାଟି, ପଥର ଓ ଆବର୍ଜନା ତଳକୁ ଖସି ଜନବସତି ଅଞ୍ଚଳକୁ ପ୍ରଭାବିତ କରିଥିଲା। ସ୍ଥାନୀୟ ରିପୋର୍ଟ ଅନୁସାରେ, ଭୂସ୍ଖଳନରେ ୩୦ରୁ ଅଧିକ ଘର ପ୍ରଭାବିତ ହୋଇଛି । ଏଥିରେ କିଛି ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଥିବା ବେଳେ ଅନ୍ୟ କେତେକ ଘର ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ବିଦ୍ୟୁତ ବିଭାଗର ସରକାରୀ କ୍ୱାର୍ଟର୍ସ ମଧ୍ୟ ଭୂସ୍ଖଳନର ପ୍ରଭାବରେ ଆସିଛି । ତେବେ ଏହି ପ୍ରାକୃତିକ ବିପର୍ଯ୍ୟୟରେ ଏପର୍ଯ୍ୟନ୍ତ କୌଣସି ଜୀବନହାନି କିମ୍ବା ଆହତ ହେବାର ଖବର ମିଳିନାହିଁ । ପରିସ୍ଥିତିକୁ ଦୃଷ୍ଟିରେ ରଖି କିଛି ପରିବାରଙ୍କୁ ବିପଦପୂର୍ଣ୍ଣ ଅଞ୍ଚଳରୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି । ପ୍ରଶାସନ ପକ୍ଷରୁ ରିଲିଫ୍ ଓ ରେସ୍କ୍ୟୁ କାର୍ଯ୍ୟ ଉପରେ ନଜର ରଖାଯାଉଛି। ଏହି ଘଟଣାକୁ ନେଇ ସିକିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମାଙ୍ଗ ଚିନ୍ତା ପ୍ରକାଶ କରିଛନ୍ତି। ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ସୁରକ୍ଷାକୁ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଥିବା ସେ କହିଛନ୍ତି । ସ୍ଥାନୀୟ ପ୍ରଶାସନକୁ ହାଇଆଲର୍ଟରେ ରହିବା ସହ ପରିସ୍ଥିତି ଉପରେ ନିରନ୍ତର ନଜର ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଲଗାତାର ବର୍ଷା ଯୋଗୁଁ ସିକିମର ବିଭିନ୍ନ ଅଞ୍ଚଳରେ ଭୂସ୍ଖଳନ ଘଟଣା ବଢ଼ିଛି । ରିମ୍ବି ଅଞ୍ଚଳରେ ମଧ୍ୟ ପୂର୍ବରୁ ଭୂସ୍ଖଳନ ଯୋଗୁଁ ଘର, ରାସ୍ତା ଓ ଅନ୍ୟାନ୍ୟ ସର୍ବସାଧାରଣ ସମ୍ପତ୍ତି ପ୍ରଭାବିତ ହୋଇଥିଲା।

## ଜାତିସଂଘରେ ବାଂଲାଦେଶର '୩-ଆର୍' ପୁନରୁଦ୍ଧାର ଯୋଜନା ରଖିଲେ ତାରିକ୍ ରହମାନ



ନ୍ୟୁୟର୍କ,୨୫।୯: ବାଂଲାଦେଶର ପ୍ରଧାନମନ୍ତ୍ରୀ ତାରିକ୍ ରହମାନ ଜାତିସଂଘର ୮୧ତମ ସାଧାରଣ ପରିଷଦ ଅଧିବେଶନରେ ପ୍ରଥମଥର ପାଇଁ ଭାଷଣ ଦେଇ ଦେଶର ପୁନରୁଦ୍ଧାର ପାଇଁ '୩-ଆର' ରଣନୀତି ଘୋଷଣା କରିଛନ୍ତି। ପୁନରୁଦ୍ଧାର, ପୁନଃସ୍ଥାପନ ଓ ପୁନର୍ନିର୍ମାଣ—ଏହି ତିନିଟି ପ୍ରମୁଖ ପଦକ୍ଷେପ ମାଧ୍ୟମରେ ବାଂଲାଦେଶକୁ ପୁଣି ଗଢ଼ିବା ତାଙ୍କ ସରକାରର ଲକ୍ଷ୍ୟ ବୋଲି ସେ କହିଛନ୍ତି। ବାଂଲା ଭାଷାରେ ଦେଇଥିବା ଭାଷଣରେ ରହମାନ କହିଥିଲେ, ୨୦୨୪ରେ ବାଂଲାଦେଶରେ ଏକ ଦୀର୍ଘ ସମୟର ଶାସନ ଓ ଶୋଷଣର ଅବସାନ ଘଟିଛି। ଏହା ପରେ ଦେଶ ପୁଣି ଗଣତନ୍ତ୍ରର ପଥରେ ଆଗକୁ ବଢୁଛି। ତାଙ୍କ ମତରେ ଦେଶର କାର୍ଯ୍ୟକ୍ଷମ ବୟସର ଲୋକଙ୍କୁ ଦକ୍ଷ ମାନବ ସମ୍ବଳରେ ପରିଣତ କରିବା, ଯୁବବର୍ଗ ପାଇଁ ରୋଜଗାର ସୁଯୋଗ ବଢ଼ାଇବା, ମହିଳା ସଶକ୍ତୀକରଣ, ଶିକ୍ଷା, ନବସୃଜନ ଓ ସାମାଜିକ ସୁରକ୍ଷାକୁ ସରକାର ଗୁରୁତ୍ୱ ଦେଉଛି। ଚଳିତ ବର୍ଷ ଫେବ୍ରୁଆରିରେ ଅନୁଷ୍ଠିତ ଜାତୀୟ ନିର୍ବାଚନକୁ 'ମୁକ୍ତ, ନିରପେକ୍ଷ ଓ ନିଷ୍ପକ୍ଷ' ବୋଲି ବର୍ଣ୍ଣନା କରି ରହମାନ କହିଥିଲେ, ଦେଶବାସୀ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟିକୁ ଶାସନର ଦାୟିତ୍ୱ ଦେଇଛନ୍ତି। ଏଥିସହ ବିଶ୍ୱରେ ଚାଲିଥିବା ବିଭିନ୍ନ ସଂଘର୍ଷର ସମାଧାନ ପାଇଁ ଆଲୋଚନା, କୂଟନୈତିକ ପ୍ରକ୍ରିୟା ଓ ସହଯୋଗ ଉପରେ ସେ ଗୁରୁତ୍ୱ ଦେଇଥିଲେ। ରାଷ୍ଟ୍ରଗୁଡ଼ିକର ସମ୍ପର୍କରେ ସମାନତା, ନ୍ୟାୟ, ପରସ୍ପର ସ୍ୱାର୍ଥର ସୁରକ୍ଷା ଓ ସମ୍ମାନକୁ ଆଧାର କରିବାକୁ ସେ ଆହ୍ୱାନ ଦେଇଥିଲେ।

## ପାକିସ୍ତାନୀ ସାମ୍ବାଦିକଙ୍କୁ ଆଇନା ଦେଖାଇଲେ ଜୟଶଙ୍କର

# ଆତଙ୍କବାଦୀ ଦେଶ ମୋତେ ପ୍ରଶ୍ନ ପଚାରୁଛି

ନୂଆଦିଲ୍ଲୀ,୨୫।୯: ଶୁକ୍ରବାର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଆତଙ୍କବାଦ ବିଷୟରେ ପ୍ରଶ୍ନ ପଚାରିଥିବା ଜଣେ ପାକିସ୍ତାନୀ ସାମ୍ବାଦିକଙ୍କୁ ଆଇନା ଦେଖାଇଛନ୍ତି। ଜାତିସଂଘ ସାଧାରଣ ସଭା (UNGA) ଅଧିବେଶନ ସମୟରେ ଲାଇବେରିଆର ସାରା ବେସୋଲୋ ନ୍ୟାସ୍ମିଙ୍କ ସହ ଏକ ସାମ୍ବାଦିକ ସମ୍ମିଳନୀରେ ଜଣେ ପାକିସ୍ତାନୀ ସାମ୍ବାଦିକ ଆତଙ୍କବାଦ ସମ୍ବନ୍ଧୀୟ ଏକ ପ୍ରଶ୍ନ ପଚାରିଥିଲେ। ଜୟଶଙ୍କର ଉତ୍ତର ଦେଇଥିଲେ, 'ଏକ ଆତଙ୍କବାଦୀ ଦେଶ ମୋତେ ପ୍ରଶ୍ନ ପଚାରୁଛି।' ଭାରତ ଜାତିସଂଘରେ ବାରମ୍ବାର ସୀମାପାର ଆତଙ୍କବାଦ ପ୍ରସଙ୍ଗ ଉଠାଇଛି ଏବଂ ପାକିସ୍ତାନକୁ ଆତଙ୍କବାଦୀ ଗୋଷ୍ଠୀ ଗୁଡ଼ିକୁ ସମର୍ଥନ କରୁଥିବାର ଅଭିଯୋଗ କରିଛି। ଏହା ପ୍ରଥମ ଥର ନୁହେଁ ଯେତେବେଳେ




ଜୟଶଙ୍କର ପାକିସ୍ତାନୀ ସାମ୍ବାଦିକଙ୍କ ଆତଙ୍କବାଦ ଉପରେ ପ୍ରଶ୍ନର ଉପଯୁକ୍ତ ଉତ୍ତର ଦେଇଛନ୍ତି। ପୂର୍ବ ଆଲୋଚନା ସମୟରେ, ଜଣେ ପାକିସ୍ତାନୀ ସାମ୍ବାଦିକ ଏସ. ଜୟଶଙ୍କରଙ୍କୁ ପଚାରିଥିଲେ ଯେ ନୂଆଦିଲ୍ଲୀ, କାବୁଲ ଏବଂ ପାକିସ୍ତାନ ସମେତ ଦକ୍ଷିଣ ଏସିଆର ବିଭିନ୍ନ ସ୍ଥାନରୁ କେତେ ଦିନ ପର୍ଯ୍ୟନ୍ତ ଆତଙ୍କବାଦ ସୃଷ୍ଟି ହେବ ଏବଂ ଏହି ଅଞ୍ଚଳ କେତେ ଦିନ ପର୍ଯ୍ୟନ୍ତ ଯୁଦ୍ଧ ଅବସ୍ଥାରେ ରହିବ। ଜୟଶଙ୍କର ଉତ୍ତର ଦେଇଥିଲେ, 'ଆପଣ ଏହି ପ୍ରଶ୍ନ ଭୁଲ ମନ୍ତ୍ରୀଙ୍କୁ ପଚାରୁଛନ୍ତି। କେବଳ ପାକିସ୍ତାନୀ ମନ୍ତ୍ରୀ ହିଁ ଆପଣଙ୍କୁ କହିପାରିବେ ଯେ ପାକିସ୍ତାନ କେତେ ଦିନ ପର୍ଯ୍ୟନ୍ତ ଆତଙ୍କବାଦକୁ ସମର୍ଥନ କରିବ।' ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଦକ୍ଷିଣ ଆଫ୍ରିକାର ବୈଦେଶିକ ମନ୍ତ୍ରୀ ରୋନାଲ୍ଡ ଲାମୋଲା ଏବଂ ବ୍ରାଜିଲର ବୈଦେଶିକ ମନ୍ତ୍ରୀ ମୌରୋ ଭିଏରାଙ୍କୁ ଭେଟିଥିଲେ। ତିନି ନେତା ମିଳିତ ଭାବରେ ଗତବର୍ଷର ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିଥିଲେ ଏବଂ ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଥିଲେ। ଭାରତ, ବ୍ରାଜିଲ ଏବଂ ଦକ୍ଷିଣ ଆଫ୍ରିକା ମିଳିତ ଭାବରେ IBSA ଡାଏଲଗ୍ ଫୋରମ୍ ଗଠନ କରନ୍ତି। ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଉପସାଗର, ଲୋହିତ ସାଗର ଏବଂ କଳା ସାଗରରେ ବାଣିଜ୍ୟିକ ଜାହାଜ ଏବଂ ନାବିକଙ୍କ ଉପରେ ଆକ୍ରମଣ ଉପରେ UNGA ରେ ଚିନ୍ତା ପ୍ରକାଶ କରିଥିଲେ। ସେ କହିଥିଲେ ଯେ ଭାରତ ଏବଂ ଲାଇବେରିଆ ଜାହାଜ ଏବଂ ନାବିକଙ୍କ ସୁରକ୍ଷା ପ୍ରତି ସେମାନଙ୍କର ପ୍ରତିବଦ୍ଧତାରେ ଏକତ୍ର ଠିଆ ହୋଇଛନ୍ତି।

# ରାଜ୍ୟ ସରକାରଙ୍କ ନିକଟରୁ ହାଇକୋର୍ଟଙ୍କ ଜବାବ ତଲବ
## ପଦୋନ୍ନତି ପ୍ରକ୍ରିୟା ଉପରେ ଅନ୍ତରୀଣ ଅଙ୍କୁଶ

କଟକ(ନିପ୍ର): ପଦୋନ୍ନତି ପାଇଁ ୨୦୦୧, ସେପ୍ଟେମ୍ବର ୩ ପୂର୍ବରୁ ନିଯୁକ୍ତି ପାଇଥିବା ପ୍ରାଥମିକ ସ୍କୁଲ ଶିକ୍ଷକଙ୍କ ପାଇଁ ଓଟିଇଟି ପାସ୍ ଯୋଗ୍ୟତା ଆବଶ୍ୟକ ନୁହେଁ ଦର୍ଶାଇ ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି । ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ନିକଟରୁ ହାଇକୋର୍ଟ ଜବାବ ତଲବ କରିଛନ୍ତି । ଏଥି ସହିତ ସମ୍ବଲପୁର ଜିଲ୍ଲାର ଧନକଉଡ଼ା ବ୍ଲକର ଏଲିମେଣ୍ଟାରି କ୍ୟାଡର ଶିକ୍ଷକଙ୍କ ଲେଭଲ-୪ରୁ ଲେଭଲ-୩ ବରିଷ୍ଠ ପ୍ରଧାନଶିକ୍ଷକ ପଦୋନ୍ନତି ପ୍ରସଙ୍ଗରେ ହାଇକୋର୍ଟ ଅନ୍ତରୀଣ ଅଙ୍କୁଶ ଜାରି କରିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଚୂଡାନ୍ତ ଗ୍ରେଡେସନ ତାଲିକା ଆଧାରରେ ତଥା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ସେପଟ୍ଟେମ୍ବର ୩ର ଅନୁମୋଦନ ନିର୍ଦ୍ଦେଶ ଅନୁଯାୟୀ ଲେଭଲ-୩ ଶିକ୍ଷକଙ୍କ ପଦୋନ୍ନତି ପ୍ରସଙ୍ଗରେ ଆଉ ନ ଅଗେଇବାକୁ ସମ୍ବଲପୁର ଡିଇଓ ଓ ଧନକଉଡ଼ା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି । ନଭେମ୍ବର ୯କୁ ମାମଲାର ଚୂଡାନ୍ତ ଶୁଣାଣି ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ ଆର.କେ.ପଟ୍ଟନାୟକଙ୍କ ଇଜିଲାସରେ ବବ୍ରୁବାହାନ ଭୋଇଙ୍କ ଆବେଦନର ଶୁଣାଣି କରାଯାଇ ଏପରି ନିର୍ଦ୍ଦେଶ ଦିଆଯାଇଛି । ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀ ସମ୍ବଲପୁର ଜିଲ୍ଲାର ନିର୍ଗୁନପଡ଼ା ସରକାରୀ ଉଚ୍ଚପ୍ରାଥମିକ ସ୍କୁଲରେ ଲେଭଲ-୪ ସ୍ନାତକ ତାଲିମପ୍ରାପ୍ତ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି । ଗ୍ରେଡେସନ ତାଲିକାର ୭୭ତମ ସ୍ଥାନରେ ଥିବା ଆବେଦନକାରୀ ଓଟିଇଟି ପାସ କରି ନଥିବାରୁ ତାଙ୍କୁ ଲେଭଲ-୩ ବରିଷ୍ଠ ପ୍ରଧାନ ଶିକ୍ଷକ ପଦକୁ ପଦୋନ୍ନତି ସଂପର୍କିତ ଚୂଡାନ୍ତ ତାଲିକାରେ ସ୍ଥାନ ମିଳି ନଥିଲା । ପଦୋନ୍ନତି ପାଇଁ ପ୍ରକାଶିତ ଚୟନ ତାଲିକାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ




ସେପଟ୍ଟେମ୍ବର ୩ରେ ଅନୁମୋଦନ କରିଥିଲେ । ଓଟିଇଟି ପାସ କରି ନଥିବାରୁ ପଦୋନ୍ନତିରୁ ବଞ୍ଚିତ କରାଯିବା ସଂପର୍କିତ ସମ୍ବଲପୁର ଡିଇଓଙ୍କ ନିର୍ଦ୍ଦେଶ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନାମାକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟରେ ଏହି ମାମଲା ଦାୟର କରିଛନ୍ତି । ସୁପ୍ରିମକୋର୍ଟଙ୍କ 'ୟୁପି ବନାମ ଇଶାତ-ଇ-ତାଲିମ ଟ୍ରଷ୍ଟ' ମାମଲାର ରାୟ ଅନୁସାରେ ଯଦି ଜଣେ ଶିକ୍ଷକ ୨୦୦୧, ସେପ୍ଟେମ୍ବର ୩ ପୂର୍ବରୁ ନିଯୁକ୍ତି ପାଇଥିବେ ତେବେ ଓଟିଇଟି ପାସ ନିୟମ ତାଙ୍କ ପାଇଁ ଲାଗୁ ନୁହେଁ ବୋଲି ଆବେଦନକାରୀ ହାଇକୋର୍ଟରେ ଦର୍ଶାଇଛନ୍ତି । ଏହି ପ୍ରସଙ୍ଗରେ ବମ୍ବେ ହାଇକୋର୍ଟ ୨୦୨୬, ଜୁଲାଇ ୯ରେ ପ୍ରଦାନ କରିଥିବା ରାୟ ସଂକ୍ରାନ୍ତରେ ମଧ୍ୟ ଶୁଣାଣି ବେଳେ ଆବେଦନକାରୀଙ୍କ ତରଫରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ୨୦୦୧ ପୂର୍ବରୁ ନିଯୁକ୍ତି ପାଇଥିବାରୁ ପଦୋନ୍ନତି ପାଇଁ ତାଙ୍କ କ୍ଷେତ୍ରରେ ଓଟିଇଟି ପାସ ନିୟମ ବାଧ୍ୟତାମୂଳକ ନୁହେଁ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା । ଏଭଳି ଶିକ୍ଷକଙ୍କ କ୍ଷେତ୍ରରେ ଓଟିଇଟି ପାସ ନିୟମ ଲାଗୁ ବା ନୁହେଁ ସେ ନେଇ ଜବାବରେ ସ୍ପଷ୍ଟ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ କହିଛନ୍ତି । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଡକ୍ଟର ପୁରୁଷୋତ୍ତମ ଚୁଳି ଓ ପ୍ରୀତି ପୁଣ୍ୟତୋୟା ମାମଲା ପରିଚାଳନା କରୁଛନ୍ତି ।

## ସଭାନେତ୍ରୀଙ୍କ ଜାତିଆଣ ଆକ୍ଷେପ ଓ ନିର୍ଯାତନା ଅଭିଯୋଗ

ପିପିଲି (ନିପ୍ର): ପିପିଲି ବ୍ଲକ ଅଧୀନ କୁଳଶିଖର ପାଟଣା ଗ୍ରାମପଞ୍ଚାୟତର କାର୍ଯ୍ୟରତ ସିଆରପିଙ୍କୁ ମହିଳା ମହାସଂଘର ସଭାନେତ୍ରୀ ପୂର୍ବ ଆକ୍ରୋଶ ରଖି ଜାତିଆଣ ଆକ୍ଷେପ କରି ଅଶ୍ଳୀଳ ଗାଳିଗୁଲଜ କରିବା ଘଟଣା ନେଇ ପିପିଲି ଥାନାରେ ଲିଖିତ ଅଭିଯୋଗ ହୋଇଛି ।ପିପିଲି ପୋଲିସ ଏନେଇ ପ୍ରାଥମିକ ତଦନ୍ତ କରି ପିପିଲି ଥାନା କେସ ନଂ ୫୮୬/୨୬ ରେ ମାମଲା ରଜୁ ପୂର୍ବକ ତଦନ୍ତ ଚଳାଇଛନ୍ତି । ଅଭିଯୋଗ ଅନୁଯାୟୀ ମାଳିବରାହୀ ଗ୍ରାମ ପଞ୍ଚାୟତର ବନିତା ବେହେରାଙ୍କୁ ୮ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ କାର୍ଯ୍ୟ ସମ୍ପାଦନ ଲାଗି ସିଆରପି ଭାବରେ ନିଯୁକ୍ତି କରାଯାଇଛି । ସେ ତାଙ୍କର କାର୍ଯ୍ୟ ସମ୍ପାଦନ କରି ଆସୁ ଥିବା ବେଳେ ସେହି ପଞ୍ଚାୟତର ମହିଳା ମହାସଂଘର ସଭାନେତ୍ରୀ ସିଆରପି ନିଯୁକ୍ତି ସମୟରେ ତାଙ୍କ ମନୋନୀତ ଜଣେ ମହିଳାଙ୍କୁ ନିଯୁକ୍ତି ରଖିବା ପାଇଁ ଉଦ୍ୟମ ଚଳାଇ ଥିଲେ । ତାଙ୍କ ମନୋନୀତ ମହିଳା ନିଯୁକ୍ତି ନ ପାଇବା ଯୋଗୁ ସେ ଆକ୍ରୋଶ ରଖି ଅଭିଯୋଗକାରିଣୀ ବନିତାଙ୍କୁ ବିନା କାରଣରେ ଗାଳି ଗୁଲଜ କରିବା ସହ ଧକ୍କା ମାରି ଆସୁ ଅଛନ୍ତି ବୋଲି ଅଭିଯୋଗରେ ଦର୍ଶାଇ ଅଛନ୍ତି ।

## ସିଧାମୂଳା ସେତୁରୁ ମହାନଦୀକୁ ଡେଇଁ ଯୁବକ ନିଖୋଜ

କଣ୍ଟିଲୋ (ନି.ପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମ ନିକଟସ୍ଥ ମହାନଦୀ ସେତୁ ଉପରୁ ଜଣେ ଯୁବକ ମହାନଦୀକୁ ଡେଇଁ ଶୁକ୍ରବାର ଅପରାହ୍ନରୁ ନିଖୋଜ ହୋଇଥିବା ଜଣାପଡିଛି । ନିଖୋଜ ଯୁବକଙ୍କ ନାମ ସରୋଜ ନାଏକ (୨୬) ଓ ତାର ଘର ଦଶପଲ୍ଲା ବ୍ଲକ ଅଧୀନ ଡିପିସାହି ଗ୍ରାମରେ ବୋଲି ଜଣାପଡିଛି । ଖବରପାଇ ଖଣ୍ଡପଡ଼ା,ଗଣିଆ,କଟକ ଜିଲ୍ଲା ଅଧୀନ ନରସିଂହପୁର ଓ ବଡମ୍ବା ଅଞ୍ଚଳର ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ଏକ ବୋଟ ଯୋଗେ ମହାନଦୀରେ ଖୋଜାଖୋଜି କରିଥିଲେ ହେଁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ନିଖୋଜ ଯୁବକଙ୍କ ସଂପର୍କରେ କୌଣସି ଟେର ମିଳିନଥିବା ଜଣାପଡିଛି ।ଏହି ଘଟଣାକୁ ନେଇ ନିଖୋଜ ଯୁବକଙ୍କ ପରିବାରବର୍ଗ ଆଶା ଆଶଙ୍କାରେ ଦିନ କାଟୁଥିବା ବେଳେ ପାରିବାରିକ ଅଶାନ୍ତିକୁ ନେଇ ଏଭଳି ଘଟଣା ଘଟିଥିବା ସାଧାରଣରେ ଆଲୋଚନା ହେଉଛି ।

## ୧୨ ଲକ୍ଷ ୫୦ ହଜାର ଟଙ୍କାର ବ୍ରାଉନ ସୁଗାର ଜବତ : ୨ ଗିରଫ

କଟକ(ନିପ୍ର) : ଅବକାରୀ ମୋବାଇଲ ୟୁନିଟ ପକ୍ଷରୁ ଚଢ଼ାଉ କରାଯାଇ ୧୧୫ ଗ୍ରାମ ବ୍ରାଉନ ସୁଗାର, ଗୋଟିଏ ଆପାଚି ମୋଟର ସାଇକେଲ, ୨ଟି ମୋବାଇଲ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ମହାନଦୀ ବିହାର ନଦୀକୂଳ ସାହିର ରାଜେଶ କୁମାର ବେହେରା ଓ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଗୋପୀଆକୁଦ ଗାନ୍ଧୀପୁରର ଜଗନ ସାମଲ । ମିଳିଥିବା ସୂଚନା ଅନୁଯାୟୀ ଅବକାରୀ ନିରୀକ୍ଷକ ଭକ୍ତବତ୍ସଳ ବର୍ମାଙ୍କ ନେତୃତ୍ୱରେ ଜଗତପୁର ଇପିକଲ ଛକରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ଅଭିଯୁକ୍ତଙ୍କ ନିକଟରୁ ୧୧୫ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଥିଲା । ଜବତ ବ୍ରାଉନ ସୁଗାରର ମୂଲ୍ୟ ୧୨ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଅଭିଯୁକ୍ତ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ମୁଖ୍ୟ ନିର୍ବାଚନ କମିଶନଙ୍କୁ ବହିଷ୍କାର କରିବା ପାଇଁ ଏସୟୁସିଆଇର ଦାବି

କଟକ,(ନିପ୍ର): ଦୈନିକ ଖବର କାଗଜ ' ଦି ଇଣ୍ଡିଆନ୍ ଏକ୍ସପ୍ରେସ୍' ରେ ଏସଆଇଆର ସମ୍ପର୍କରେ ପ୍ରକାଶିତ ତଥ୍ୟ, ସାଧାରଣ ଜନତା ଏବଂ ବିଶେଷ କରି ଗଣତାନ୍ତ୍ରିକ ମନୋଭାବାପନ୍ନ ନାଗରିକ ମାନଙ୍କ ମନରେ ନିର୍ବାଚନ ଆୟୋଗଙ୍କ ନିରପେକ୍ଷତା ଓ ସଚ୍ଚୋଟତା ସଂପର୍କରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଏସୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ ସଂପାଦକ କମ୍ରେଡ୍ ଶଙ୍କର ଦାସଗୁପ୍ତା ଏକ ପ୍ରେସ ବିବୃତି ମାଧ୍ୟମରେ କହିଛନ୍ତି । ଏହା ସ୍ପଷ୍ଟ ଭାବେ ପ୍ରମାଣିତ କରୁଛି ଯେ ତିନି ଜଣ ନିର୍ବାଚନ କମିସନରଙ୍କ ମଧ୍ୟରୁ ଦୁଇ ଜଣ ଏସ୍ଆଇଆରର ବିଭିନ୍ନ ଦିଗ ଉପରେ ନିଜ ନିଜର ଭିନ୍ନମତ ପ୍ରକାଶ କରିଥିଲେ । ମାତ୍ର ପ୍ରଚଳିତ ଆଇନକୁ ଉଲ୍ଲଂଘନ କରି, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର, କ୍ଷମତାସୀନ ଦଳ ବିଜେପିକୁ ଫାଇଦା ପହଞ୍ଚାଇବା ଏବଂ ବିଭିନ୍ନ ରାଜ୍ୟରେ ଏହି ଦଳର ନିର୍ବାଚନୀ ବିଜୟକୁ ସୁନିଶ୍ଚିତ କରିବା ପାଇଁ ଏକତରଫା ଭାବେ ସମସ୍ତ ନିଷ୍ପତ୍ତି ନେଇଛନ୍ତି ।

## ଜଳ ଘେରରେ ଥିବା ସାନ ଦହିଭଟା ଓ ବଡ ଦହିଭଟା ପରିଦର୍ଶନ କଲେ ଅତିରିକ୍ତ ସଚିବ



ନବରଙ୍ଗପୁର(ନିପ୍ର): ଲଗାଣ ବର୍ଷା ଯୋଗୁଁ ଜଳଘେରରେ ଥିବା ନବରଙ୍ଗପୁର ବ୍ଲକର ସାନ ଦହିଭଟା ଓ ବଡ ଦହିଭଟା ଗ୍ରାମ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ସଚିବ ପରିଦର୍ଶନ କରିଛନ୍ତି । ପ୍ରବଳ ବର୍ଷାରେ ଦୁଇ ଗାଁ ଜଳବନ୍ଦୀ ହୋଇଯାଇଛି, ଅନେକ ଘରେ ପାଣି ପଶିଛି ଏବଂ ଚାଷ ଜମି ପାଣିରେ ବୁଡିଛି । ଏହାର ସ୍ଥିତି ଅନୁଧ୍ୟାନ କରି ଅତିରିକ୍ତ ସଚିବ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି । କ୍ଷୟକ୍ଷତିର ଆକଳନ କରିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ପାଣି ନିଷ୍କାସନ, ଖାଦ୍ୟ ଓ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଇଛି । ତହସିଲଦାର ଓ ବିଡିଓ ମଧ୍ୟ ଉପସ୍ଥିତ ଥିଲେ । ଏହି ପରିଦର୍ଶନ ସମୟରେ ଲୋକେ ସରକାରୀ ସହାୟତା ପାଇଁ ଗୁହାରି କରିଛନ୍ତି ।

## ଭାପୁର - କଳାପଥର ବାଇପାସ ରାସ୍ତା ଉପରେ ପାଣି ସୁଅ: ଯାତାୟାତ ଠପ୍

ଭାପୁର,(ନିପ୍ର): ଗତ ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁଁ ଭାପୁର ଠାରୁ କଳାପଥର ବାଇପାସ ରାସ୍ତାର କାଳିଗିରି ଶଙ୍ଖ ଉପରେ ଦୁଇ ଫୁଟରୁ ଊର୍ଦ୍ଧ୍ୱ ପାଣି ପ୍ରବାହିତ ହେଉଥିବାରୁ ଶୁକ୍ରବାର ଦିନ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଇଛି ।ଏହି ରାସ୍ତା ଉପରେ ପ୍ରାୟ ହଜାର ହଜାର ଜନସାଧାରଣ ନିର୍ଭର କରୁଥିବାବେଳେ ସେମାନେ ନାହିଁ ନ ଥିବା ହଇରାଣ ହେଉଥିବା ଦେଖିବାକୁ ମିଳିଛି । ଜନସାଧାରଣ ଖୋର୍ଦ୍ଧା ପଟୁ ଭାପୁର -ଖଣ୍ଡପଡା ଆସିବାକୁ ହେଲେ ଏହି ରାସ୍ତା ଟି ସୁବିଧାଜନକ କାରଣ,କଳାପଥର ବଜାର ସବୁବେଳେ ଗହଳି ହେଉଥିବାରୁ ସେ ରାସ୍ତା ଦେଇ ଆସିଲେ ସମସ୍ୟା ଦେଖାଯାଇଥାଏ । ସେ ରାସ୍ତାର ଉନ୍ନତିକରଣ ତଥା ସୁ-ଉଚ୍ଚ ବ୍ରିଜ ନିର୍ମାଣ କରିବା ପାଇଁ ଗତ ଦୁଇ ବର୍ଷ ତଳେ ଖଣ୍ଡପଡା ବିଧାୟକ ଶୁଭ ଉଦ୍‌ଘାଟନ କରିଥିଲେ ମଧ୍ୟ ତାହା ଫାଇଲ ତଳେ ଚାପି ହୋଇଯାଇଥିଲା । କିନ୍ତୁ, ପୁଣି ଥରେ ଚଳିତ ମାସ ୧୨ ତାରିଖରେ ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ୧୭ କୋଟି ଅର୍ଥ ବିନିମୟରେ ବ୍ରିଜ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି । ଏହା କେବେ କାର୍ଯ୍ୟକାରୀ ହୋଇ କେବେ ସରିବ ସ୍ଥାନୀୟ ଜନସାଧାରଣ ସମୟ କୁ ହିଁ ଅପେକ୍ଷା କରିଛନ୍ତି ।

## ପୋଷ୍ଟାଲ ଏଜେଣ୍ଟଙ୍କୁ ଠକେଇ ମାମଲା ଅଭିଯୁକ୍ତକୁ ୨ ବର୍ଷ ୮ ମାସର ସଶ୍ରମ କାରାଦଣ୍ଡ

ଭୁବନେଶ୍ୱର,(ନି.ପ୍ର): ଜଣେ ପୋଷ୍ଟାଲ ଏଜେଣ୍ଟଙ୍କୁ ଠକେଇ କରିଥିବା ମାମଲାର ବିଚାରକରି ଶୁକ୍ରବାର ଜେଏମଏଫସି-୪ କୋର୍ଟର ବିଚାରପତି ସୋମେଶ ସୌମ୍ୟଜିତ ପଣ୍ଡା ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ ୮ମାସର ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣଙ୍କ ହେଉଛି,ଆଶିଷ କୁମାର ଧଳ । ଅଭିଯୋଗକାରୀ ତାପସ ରଞ୍ଜନ ତ୍ରିପାଠୀ (୨୩) ଏବଂ ତାଙ୍କ ଜେଜେ ମାଆଙ୍କ ନାମରେ ଲକ୍ଷ୍ମୀସାଗର ପୋଷ୍ଟ ଅଫିସରେ ଦୁଇଟି ଜଏଣ୍ଟ୍ ଆକାଉଣ୍ଟ୍ ଥିଲା, ଯାହାକୁ ଅଭିଯୁକ୍ତ ପୋଷ୍ଟାଲ୍ ଏଜେଣ୍ଟ ଆଶିଷ କୁମାର ଧଳ ଖୋଲିଦେଇଥିଲା । ଗତ ଅଗଷ୍ଟ ୨୦୨୪ ମସିହାରେ ଅଭିଯୋଗକାରୀ ଉକ୍ତ ଆକାଉଣ୍ଟରେ ଜମା କରିବା ପାଇଁ ୫ଟି ଚେକ୍ ଏବଂ ନଗଦ ଆକାରରେ ମୋଟ ୩୩ ଲକ୍ଷ ୪୦ ହଜାର ଟଙ୍କା ଅଭିଯୁକ୍ତକୁ ଦେଇଥିଲେ । ଅଭିଯୁକ୍ତ ଜଣକ ଗୋଟିଏ ଆକାଉଣ୍ଟରେ ୨୫ ଲକ୍ଷ ଟଙ୍କା ଡିପୋଜିଟ୍ କରିଥିବା ବେଳେ ବଳକା ୮ ଲକ୍ଷ ୪ ହଜାର ଟଙ୍କା ଆକାଉଣ୍ଟରେ ଜମା ନକରି ନିଜେ ହଡ଼ପ କରିନେଇଥିଲା । ନଭେମ୍ବର ୨୦୨୪ରେ ଅଭିଯୋଗକାରୀ ନିଜ ଆକାଉଣ୍ଟ ଯାଞ୍ଚ କରିବାରୁ ଏହି ଠକେଇ ବିଷୟରେ ଜାଣିବାକୁ ପାଇଥିଲେ । ସେ ଅଭିଯୁକ୍ତକୁ ଟଙ୍କା ଫେରସ୍ତ ମାଗିବାରୁ ଅଭିଯୁକ୍ତ ତାଙ୍କୁ ୭ ଲକ୍ଷ ୪୦ ହଜାର ଟଙ୍କାର ଏକ ଏସବିଆଇ ଚେକ୍ ଦେଇଥିଲା, ଯାହାକି ଆକାଉଣ୍ଟରେ ଟଙ୍କା ନଥିବାରୁ ବାଉନ୍ସ ହୋଇଯାଇଥିଲା ଏହାପରେ ଅଭିଯୁକ୍ତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା । ପରେ ଜଣାପଡିଥିଲା ଯେ ଅଭିଯୁକ୍ତ ସମାନ ଢଙ୍ଗରେ ଆହୁରି ଅନେକ ଲୋକଙ୍କ ଠାରୁ ପ୍ରାୟ ୧୨ ଲକ୍ଷ ଟଙ୍କା ଠକି ନେଇଛି । ଏନେଇ ସେ ଲକ୍ଷ୍ମୀସାଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଲକ୍ଷ୍ମୀସାଗର ଥାନାର ଏଏସଆଇ ତ୍ରିଲୋଚନ ନାୟକ ଏହି ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିବା ସହ ମାମଲା ସମ୍ପର୍କିତ ସମସ୍ତ ତଥ୍ୟ ପ୍ରମାଣ ଯୋଗାଡ଼ କରିଥିଲେ । ମାମଲାର ବିଚାର ସମୟରେ ପ୍ରୋସିକ୍ୟୁସନ୍ ପକ୍ଷରୁ ମୋଟ ୧୧ ଜଣ ସାକ୍ଷୀଙ୍କ ଜବାନବନ୍ଦି ରେକର୍ଡ କରାଯିବା ସହ ୧୩ ଗୋଟି ପ୍ରାସଙ୍ଗିକ ଦସ୍ତାବିଜ ଅଦାଲତରେ ଉପସ୍ଥାପନ କରାଯାଇଥିଲା । ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ଏହି ମାମଲାକୁ ଅତ୍ୟନ୍ତ ସଫଳତାର ସହ ପରିଚାଳନା କରି ଅଭିଯୁକ୍ତର ଦୋଷ ପ୍ରମାଣିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସମସ୍ତ ପ୍ରମାଣକୁ ଭିତ୍ତି କରି ମାନ୍ୟବର ଅଦାଲତ ଆଜି ଏହି କାରାଦଣ୍ଡାଦେଶ ଶୁଣାଇଛନ୍ତି ।

## ତଦନ୍ତ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଖଣ୍ଡେଇ ଢ଼ାବା ବନ୍ଦ ରଖିବାକୁ ଦାବି



ଜଗତପୁର,୨୬।୯ : ସ୍ଥାନୀୟ ଜଗତପୁର ଖଣ୍ଡେଇ ହୋଟେଲରେ ଗୋମାଂସ ତରକାରୀ ପରିବେଷଣ କରାଯାଇଥିବା ଅଭିଯୋଗର ତଦନ୍ତ ରିପୋର୍ଟ ନଆସିବା ପର୍ଯ୍ୟନ୍ତ ସମ୍ପୃକ୍ତ ହୋଟେଲକୁ ବନ୍ଦ ରଖିବା, ଅଭିଯୋଗର ସତ୍ୟତା ପ୍ରମାଣିତ ହେଲେ ହୋଟେଲଟିକୁ ସମ୍ପୂର୍ଣ ଭାଙ୍ଗିଦେବା ଓ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ହିନ୍ଦୁସେନା ଓ ଜଗତପୁର ବାସିନ୍ଦାଙ୍କ ପକ୍ଷରୁ ଥାନାଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସମ୍ପୃକ୍ତ ଜୋନ ଏସିପି ଅରୁଣ କୁମାର ସ୍ୱାଇଁ ଏହି ଦାବିପତ୍ର ଗ୍ରହଣ କରିଥିଲେ । ହିନ୍ଦୁ ହୋଟେଲରେ ଗୋମାଂସ ତରକାରୀ ବିକ୍ରୟ କରି ହିନ୍ଦୁମାନଙ୍କ ଧର୍ମୀୟ ଭାବନାକୁ ନଷ୍ଟ କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି । ସଂଗଠନ ପକ୍ଷରୁ ଦେବାଶିଷ ରାଉତ, ଆଶିଷ ମହାପାତ୍ର, ସୁଜିତ ଦାସ, ଅନନ୍ତ କୁମାର ସ୍ୱାଇଁ, ଅବିନାଶ ବସ୍ତିଆ ପ୍ରମୁଖଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏନେଇ ଏସିପି ଓ ଥାନାଧିକାରୀଙ୍କ ସହ ଆଲୋଚନା କରିଥିଲେ । ଏଭଳି ବାର୍ତ୍ତା ପ୍ରଚାରିତ ହେଲେ ଆଞ୍ଚଳିକ ଶାନ୍ତି ବ୍ୟାହତ ହେବ ବୋଲି ପ୍ରତିନିଧି ମଣ୍ଡଳୀ ଅବଗତ କରାଇଥିଲେ । ସୂଚନାଯୋଗ୍ୟ ଯେ ଗତ ବୁଧବାର ଦିନ ସାଲେପୁର ଥାନା ଅନ୍ତର୍ଗତ ପାଟପୁରର ସ୍ମୃତିରଞ୍ଜନ ମହାନ୍ତି ତାଙ୍କ ପତ୍ନୀ ଓ ଝିଅ ସହ ଖଣ୍ଡେଇ ଢାବାରେ ମଟନ ଖାଇବାକୁ ମଗାଇଥିଲେ । ମାତ୍ର ମଟନ ତରକାରୀର ସ୍ୱାଦ ଭିନ୍ନ ଲାଗିଲା ଓ ତରକାରୀରୁ ବଡ଼ ନାଳି ହାଡ଼ ମିଳିବାରୁ ତାଙ୍କର ସନ୍ଦେହ ହେଲା । ସେ ଏହାର ପ୍ରତିବାଦ କରିବାରୁ ହୋଟେଲ ପକ୍ଷରୁ ତାଙ୍କୁ ଆଉ ଏକ ପ୍ଲେଟ ମଟନ ଦେବାକୁ କୁହାଯିବା ସହ ପାଟି ନକରିବାକୁ କୁହାଗଲା । ଏଥିରେ ତାଙ୍କ ସନ୍ଦେହ ଅଧିକ ଦୃଢ଼ୀବୁତ ହେଲା । ତାଙ୍କ ନିକଟ ଟେବୁଲରେ ଖାଉଥିବା କେନ୍ଦ୍ରାପଡ଼ା ରାଜକନିକା ଓ ଓଳାଭରର ୩ ଜଣ ମଧ୍ୟ ଅନୁରୂପ ଅଭିଯୋଗ କଲେ । ଏହାକୁ ନେଇ ସେମାନଙ୍କର ହୋଟେଲ କର୍ମଚାରୀଙ୍କ ସହ ପାଟିତୁଣ୍ଡ ହୋଇଥିଲା । ବଜରଙ୍ଗ ଦଳ କର୍ମୀମାନେ ଘଟଣା ସ୍ଥଳରେ ପହଂଚି ହୋହାଲ୍ଲା କରିଥିଲେ । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଜନତାଙ୍କୁ ବୁଝାସୁଝା କରିବା ସହ ସନ୍ଦେହ ସୃଷ୍ଟି କରୁଥିବା ହାଡ଼ ଜବତ କରି ଟେଷ୍ଟ ପାଇଁ ପଠାଇଛି । ତେବେ ହୋଟେଲ ବନ୍ଦ କରାଯାଇ ନଥିବାରୁ ସନ୍ଦେହ ଓ ଅସନ୍ତୋଷ ସୃଷ୍ଟି ହୋଇଥିଲା ।

## ହତ୍ୟା ମାମଲାରେ ୧୦ ଜଣଙ୍କୁ ଆଜୀବନ କାରାଦଣ୍ଡ

ଅନୁଗୋଳ(ନିପ୍ର) :ଏକ ହତ୍ୟା ମାମଲାରେ ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ କୋର୍ଟ ଆଜି ଏକ ବଡ଼ ରାୟ ଶୁଣାଇଛନ୍ତି । ଡେରଜଙ୍ଗ ଡ୍ୟାମର ଜଗୁଆଳି ଜଗନ୍ନାଥ ସେନାପତି ଓରଫ୍ ଜଗନଙ୍କୁ ନିର୍ମମ ଭାବେ ହତ୍ୟା କରିବା ଅଭିଯୋଗରେ କୋର୍ଟ ୧୦ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି । ଅନୁଗୋଳ ସଦର ଥାନା ପୋଲିସର ସଠିକ୍ ତଦନ୍ତ ଓ ଦୃଢ ପ୍ରମାଣ ଆଧାରରେ କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ଘଟଣାରୁ ପ୍ରକାଶ ଯେ, ମୃତ ଜଗନ୍ନାଥଙ୍କ ସହ ଜଣେ ଅଭିଯୁକ୍ତଙ୍କର ପୂର୍ବରୁ ଶତ୍ରୁତା ରହିଥିଲା । ଏହି ବିବାଦକୁ କେନ୍ଦ୍ର କରି ଗତ ୧୮.୦୯.୨୦୨୧ ରିଖ ରାତି ପ୍ରାୟ ୮:୩୦ ସମୟରେ ଅଭିଯୁକ୍ତମାନେ ଏକ ଭୋଜିର ଆୟୋଜନ ବିଷୟରେ ଆଲୋଚନା କରିବା ବାହାନାରେ ଜଗନ୍ନାଥଙ୍କୁ ବାଇକରେ ବସାଇ ରନ୍ତଲେଇ ଗ୍ରାମ ପାର୍ଶ୍ୱ ଡେରଜଙ୍ଗ ଡ୍ୟାମର ପୂର୍ବ ପାର୍ଶ୍ୱ ବନ୍ଧ ରାସ୍ତାକୁ ନେଇଯାଇଥିଲେ । ସେଠାରେ ପୂର୍ବ ପ୍ରସ୍ତୁତି ମୁତାବକ ଅନ୍ୟ ଅଭିଯୁକ୍ତମାନେ ମାରାତ୍ମକ ଅସ୍ତ୍ରଶସ୍ତ୍ର ଯଥା ଲାଠି, ଖଣ୍ଡା ଓ ଭୁଜାଲି ସହ ଜଗନ୍ନାଥଙ୍କୁ ଅଟକାଇଥିଲେ ଏବଂ ଅତର୍କିତ ଆକ୍ରମଣ କରିଥିଲେ । ଆକ୍ରମଣ ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ଜଗନ୍ନାଥଙ୍କର ମୃତ୍ୟୁ ଘଟିଥିଲା । ଏହି ସଂଘାତିକ ହତ୍ୟାକାଣ୍ଡ ପରେ ଅନୁଗୋଳ ସଦର ଥାନା ପୋଲିସ କେସ୍ ନମ୍ବର ୫୬୮/୨୦୨୧ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ସଦର ଥାନାର ସବ୍-ଇନ୍ସପେକ୍ଟର ଶ୍ରୀନିବାସ ସେଠୀ ମାମଲାର ଗୁରୁତ୍ୱକୁ ବୁଝି ଅତି ସନ୍ତର୍ପଣର ସହ ସମସ୍ତ ବୈଜ୍ଞାନିକ ଓ ପ୍ରତ୍ୟକ୍ଷ ପ୍ରମାଣ ସଂଗ୍ରହ କରି କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ ।

## ଧରାପଡ଼ିଲା ମୋବାଇଲ ଲୁଟେରା

ଭୁବନେଶ୍ୱର,(ନି.ପ୍ର): ନୟାପଲ୍ଲୀ ଥାନା ପୋଲିସ ଶୁକ୍ରବାର ଜଣେ ମୋବାଇଲ ଲୁଟେରାକୁ ଗିରଫ କରିଛି । ଗିରଫ ମୋବାଇଲ ଲୁଟେରାଙ୍କ ନାମ ପ୍ରଦୀପ ଜେନା ଓରଫ ପଦିଆ (୨୬) ଓ ତାଙ୍କ ଘର ଖୋର୍ଦ୍ଧା ଜଙ୍କିଆରେ ବୋଲି ଜଣାପଡ଼ିଛି । ଅଭିଯୁକ୍ତଙ୍କ ଠାରୁ ୨ଟି ଦାମୀ ମୋବାଇଲ ଜବତ କରାଯାଇଛି । ପୁଲିସ ତା' ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ସକାଳ ପ୍ରାୟ ୧୧ଟା୩୦ ମିନିଟରେ ନୟାପଲ୍ଲୀ ଥାନାର ଏକ ପାଟ୍ରୋଲିଂ ଟିମ୍ ରେଣ୍ଟାଲ କଲୋନୀ ନିକଟରେ ଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ ଯେ ନୀଳକଣ୍ଠ ନଗରସ୍ଥିତ ସିଆରପି ମୁଣ୍ଡା ସାହିରେ ଜଣେ ଯୁବକ ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକଙ୍କୁ ଶସ୍ତାରେ ଚୋରି ମୋବାଇଲ୍ ବିକ୍ରି କରୁଛି । ଖବରପାଇ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା । ପୋଲିସକୁ ଦେଖି ଲୋକେ ଘଟଣାସ୍ଥଳରୁ ପଳାଇଥିଲେ ।

## ଐତିହାସିକ ବାଲିଯାତ୍ରା ପାଇଁ ପାର୍କିଂ ସ୍ଥଳ ନିଲାମ ନିମନ୍ତେ ଟେଣ୍ଡର ଆହ୍ୱାନ

କଟକ (ନିପ୍ର): ଐତିହାସିକ ବାଲିଯାତ୍ରା ଅବସରରେ ସହରର ବିଭିନ୍ନ ସ୍ଥାନରେ ଚିହ୍ନଟ ପାର୍କିଂ ସ୍ଥଳଗୁଡ଼ିକୁ ଅସ୍ଥାୟୀ ଲିଜ୍‌ରେ ପ୍ରଦାନ ଓ ନିଲାମ ନିମନ୍ତେ ଇଚ୍ଛୁକ ବ୍ୟକ୍ତି, ଫାର୍ମ ଓ ଅନୁଷ୍ଠାନମାନଙ୍କଠାରୁ ସିଲ୍ ଟେଣ୍ଡର ଆହ୍ୱାନ କରାଯାଉଛି । ପାର୍କିଂ ସ୍ଥଳଗୁଡ଼ିକ "ଯେପରି ଅଛି, ଯେଉଁଠାରେ ଅଛି" ଭିତ୍ତିରେ ନିଲାମ କରାଯିବ । ଟେଣ୍ଡର ସମ୍ପର୍କିତ ବିଡ୍ ଡକ୍ୟୁମେଣ୍ଟ, ପାର୍କିଂ ସ୍ଥଳର ବିବରଣୀ, ସର୍ତ୍ତାବଳୀ ଓ ଅନ୍ୟାନ୍ୟ ତଥ୍ୟ କଟକ ଜିଲ୍ଲା ପ୍ରଶାସନର ୱେବସାଇଟରେ ଉପଲବ୍ଧ ରହିଛି । ଇଚ୍ଛୁକ ବ୍ୟକ୍ତି ଆଜି ବା ଶୁକ୍ରବାର ଠାରୁ ବିଡ୍ ଡକ୍ୟୁମେଣ୍ଟ ଡାଉନଲୋଡ୍ ସଂଗ୍ରହ କରିପାରିବେ । ଟେଣ୍ଡର ସମ୍ପର୍କିତ କୌଣସି ସ୍ପଷ୍ଟୀକରଣ ଆବଶ୍ୟକ ହେଲେ ଲିଖିତ ପ୍ରଶ୍ନ ଅକ୍ଟୋବର ୨ ତାରିଖ ଅପରାହ୍ନ ୩.୦୦ଟା ସୁଦ୍ଧା ଦାଖଲ କରିବାକୁ ହେବ । ପୂରଣ କରାଯାଇଥିବା ଟେଣ୍ଡର ଅକ୍ଟୋବର ୮ ତାରିଖ ଅପରାହ୍ନ ୫.୦୦ଟା ସୁଦ୍ଧା ଟେଣ୍ଡର ବକ୍ସରେ ଦାଖଲ କରାଯାଇପାରିବ । ଟେଣ୍ଡରଗୁଡ଼ିକ ଅକ୍ଟୋବର ୯ ମଧ୍ୟାହ୍ନ ୧୨.୦୦ଟାରେ କଟକ କଲେକ୍ଟୋରେଟ୍‌ର ୨ୟ ମହଲାସ୍ଥିତ ପୁରାତନ ସମ୍ମିଳନୀ କକ୍ଷରେ ଟେଣ୍ଡରଦାତା ଏବଂ ଏଥିପାଇଁ ଗଠିତ କମିଟିର ସଦସ୍ୟମାନଙ୍କ ଉପସ୍ଥିତିରେ ଖୋଲାଯିବ । ସମ୍ପୂର୍ଣ୍ଣ ଟେଣ୍ଡର ସୂଚନା, ସର୍ତ୍ତାବଳୀ ଓ ଆବଶ୍ୟକ ଦଲିଲ ସମ୍ପର୍କରେ ବିସ୍ତୃତ ତଥ୍ୟ କଟକ ଜିଲ୍ଲା ୱେବସାଇଟ୍ ସହିତ ସମ୍ପୃକ୍ତ କାର୍ଯ୍ୟାଳୟଗୁଡ଼ିକର ନୋଟିସ୍ ବୋର୍ଡରେ ଉପଲବ୍ଧ ରହିଛି ।

## ଭୁବନେଶ୍ୱର ଡିସିପି ଭାବେ ସର୍ବଣା ବିବେକ ଏମ୍ ଦାୟିତ୍ୱ ନେଲେ
### 'ଲୋକଙ୍କ ସମସ୍ୟା ବୁଝି ଦୂର କରିବା ପ୍ରାଥମିକତା'



ଭୁବନେଶ୍ୱର, (ନି.ପ୍ର): କମିଶନରେଟ୍ ପୋଲିସ ଅନ୍ତର୍ଗତ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲ୍ଲାର ନୂଆ ଡିସିପି ଭାବେ ୨୦୧୫ ବ୍ୟାଚର ଆଇପିଏସ୍ ଅଫିସର ସର୍ବଣା ବିବେକ ଏମ୍. ଆଜି (ଶୁକ୍ରବାର) ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ସେ ବ୍ରହ୍ମପୁର ଏସପି ଭାବେ କାର୍ଯ୍ୟ କରୁଥିଲେ । ମଙ୍ଗଳବାର ତାଙ୍କ ବଦଳି ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା । ଆଜି ଅପରାହ୍ନରେ କମିଶନରେଟ୍ ପୋଲିସ କାର୍ଯ୍ୟାଳୟରେ ସର୍ବଣା ବିବେକ ପହଞ୍ଚିବା ପରେ ବରିଷ୍ଠ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ । ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ତାଙ୍କୁ କମିଶନରେଟ ପୋଲିସ ବ୍ୟାଚ୍ ପିନ୍ଧାଇ ଟିମରେ ସାମିଲ କରିଥିଲେ । ପରେ ସର୍ବଣା ବିବେକ ବାଣୀ ବିହାରସ୍ଥିତ ଡିସିପି ଅଫିସରେ ପହଞ୍ଚିଥିଲେ । ବିଭିନ୍ନ ବରିଷ୍ଠ ଅଧିକାରୀ, ଜୋନ୍ ଏସିପି, ଥାନାଧିକାରୀ ପ୍ରମୁଖ ଡିସିପି କାର୍ଯ୍ୟାଳୟରେ ସର୍ବଣା ବିବେକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଦାୟିତ୍ୱ ଗ୍ରହଣ ପରେ ଡିସିପି ସର୍ବଣା ବିବେକ୍ ଗଣମାଧ୍ୟମକୁ କହିଥିଲେ, 'ପୋଲିସ କାମ ସବୁବେଳେ ଏକ ଟିମ୍ ୱର୍କ । ଡିଜିପି ସାର୍ ଏବଂ ସିପି ସାରଙ୍କ ନିର୍ଦ୍ଦେଶକ୍ରମେ ଆମେ କାମ କରିବୁ । ସବୁ ଅଫିସରଙ୍କ ସହ ମିଶି ଲୋକଙ୍କ ସେବା କରିବୁ । ଲୋକଙ୍କ ଦୁଃଖ ଓ ସମସ୍ୟା ବୁଝି ତାକୁ ଦୂର କରିବାକୁ ସମସ୍ତେ କାମ କରିବୁ । ଏଥିପାଇଁ ଆମେ ଟିମ୍ ଗଠନ କରିବୁ । ଯେଉଁ ଆହ୍ୱାନ ଆସୁଛି ଆମ ସାମ୍ନାକୁ ସେହି ଅନୁଯାୟୀ ଆମେ ଯୋଜନା କରି ତାହାର ସମାଧାନ କରିବାକୁ ଆମେ ପଦକ୍ଷେପ ନେବୁ । ଏବେ ସାଇବର କ୍ରାଇମ ବହୁତ ବଡ଼ ଚ୍ୟାଲେଞ୍ଜ ରହିଛି । ଏହି କ୍ରାଇମରେ ବହୁତ ଲୋକ ବଡ଼ ପରିମାଣର ଟଙ୍କା ହରାଉଛନ୍ତି । ଏଥିପାଇଁ ସଚେତନତା, ଗିରଫଦାରୀ ଏବଂ ପୋଲିସ ଟିମକୁ ସଶକ୍ତ କରିବାକୁ ପଡ଼ିବ । ଭୁବନେଶ୍ୱର ପୋଲିସ ଭଲ କାମ କରି ପୂର୍ବରୁ ସଫଳତା ପାଇଛି । କମ୍ ଦିନରେ ଦଣ୍ଡବିଧାନ ହେବାର ରେକର୍ଡ଼ ମଧ୍ୟ ରହିଛି । ସେହି ଭଲ କାମକୁ ଆଗକୁ ନେଇ କାମ କରିବୁ । ଆଗକୁ ପାର୍ବଣ ଆସୁଥିବାରୁ ଏଥିପାଇଁ ସବୁ ଦିଗକୁ ନେଇ ସୁରକ୍ଷା ବ୍ୟବସ୍ଥା କରାଯିବ,' ବୋଲି ଡିସିପି କହିଛନ୍ତି । ତାମିଲନାଡୁ ଜନ୍ମିତ ସର୍ବଣା ବିବେକ୍ ଏମବିବିଏସ ପଢ଼ା ପରେ ଡାକ୍ତର ଭାବେ କାର୍ଯ୍ୟ କରିଥିଲେ । ପରେ ସେ ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଓଡ଼ିଶା କ୍ୟାଡର ଆଇପିଏସ ଭାବେ ଯୋଗ ଦେଇଥିଲେ । ବିବେକ୍ ଏମ୍. ପ୍ରଥମେ ମାଲକାନଗିରି ଏସଡିପିଓ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ପରେ ରାୟଗଡା, କଳାହାଣ୍ଡି, ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ଏସପି ଏବଂ ବ୍ରହ୍ମପୁର ଏସପି ଭାବେ ସଫଳତାର ସହ କାର୍ଯ୍ୟ କରିଥିଲେ ।

## ମହିଳାଙ୍କୁ ଅସଦାରଣ ମାମଲା ଅଭିଯୁକ୍ତକୁ ଏକ ବର୍ଷର ସଶ୍ରମ କାରାଦଣ୍ଡ

ଭୁବନେଶ୍ୱର,(ନି.ପ୍ର): ଜଣେ ମହିଳାଙ୍କୁ ଅସଦାଚରଣ କରିବା ମାମଲାର ବିଚାର କରି ଶୁକ୍ରବାର ଜେଏମଏଫସି କୋର୍ଟର ବିଚାରପତି ରୋଜାଲିନୀ ଦାସ ଅଭିଯୁକ୍ତକୁ ୧ବର୍ଷ ସଶ୍ରମ କାରଦାଣ୍ଡ ସହ ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣଙ୍କ ହେଉଛି, ପ୍ରିୟ ରଞ୍ଜନ ମିଶ୍ର । ଅଭିଯୋଗକାରୀ ସୁନିଲ କୁମାର ସାହୁ (୨୩) ଚନ୍ଦକା ଥାନା ଅନ୍ତର୍ଗତ ମଳିପଡ଼ା ସ୍ଥିତ କୃଷ୍ଣପୁରୀରେ ଏକ ଫାଷ୍ଟଫୁଡ୍ ଦୋକାନ ଚଳାନ୍ତି । ଗତ ୨୦୨୫ ମସିହା ମାର୍ଚ୍ଚ ୮ତାରିଖ ଅପରାହ୍ନରେ ଅଭିଯୁକ୍ତମାନେ ଦୋକାନ ନିକଟରେ ପାଟିତୁଣ୍ଡ କରିବା ସହ ଅଭିଯୋଗକାରୀ ଏବଂ ତାଙ୍କ ପରିବାର ଲୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଏହାସହ ସେମାନେ ଅଭିଯୋଗକାରୀ, ତାଙ୍କ ସାନ ଭାଇ ଏବଂ ମାଆଙ୍କୁ ଆକ୍ରମଣ କରି ମାରପିଟ୍ କରିଥିଲେ (ଯାହାକି ମହିଳାଙ୍କ ସମ୍ମାନ ହାନି ପ୍ରସଙ୍ଗ ଥିଲା) ଏବଂ ଏକ ଧାରୁଆ ଅସ୍ତ୍ରରେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ଏହି ଅଭିଯୋଗକୁ ଭିତ୍ତି କରି ଚନ୍ଦକା ଥାନାରେ ୨୦୨୫ ମସିହା ୯ ତାରିଖରେ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରାରେ ମାମଲା ନମ୍ବର- ୬୧ ରୁଜୁ କରାଯାଇଥିଲା । ଚନ୍ଦକା ଥାନାର ଏସଆଇ ଛବିରାଣୀ ଜେନା ଏହି ମାମଲାର ସଫଳ ତଦନ୍ତ କରି ଅଭିଯୁକ୍ତ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ । ମାମଲାର ବିଚାର ସମୟରେ ସରକାରୀ ଓକିଲ ସୁଶାନ୍ତ କୁମାର ଦାଶ ବଳିଷ୍ଠ ପ୍ରମାଣ ଉପସ୍ଥାପନ କରିଥିଲେ । ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଅନୁଧ୍ୟାନ କରି ମାନ୍ୟବର ଅଦାଲତ ଅଭିଯୁକ୍ତ ପ୍ରିୟ ରଞ୍ଜନ ମିଶ୍ରକୁ ଦୋଷୀ ସାବ୍ୟସ୍ତ କରିବା ସହ ଏକ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଅର୍ଥରେ ଦଣ୍ଡିତ କରିଛନ୍ତି ।




ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୧ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। (ଫଟୋ-ଦିନଲିପି)

# ଏସୀୟ କ୍ରୀଡ଼ା ୨୦୨୬: ମନୁଷ-ଦିୟାଙ୍କୁ ଟେବୁଲ ଟେନିସ୍‌ରେ କାଂସ୍ୟ

ନାଗୋୟା, ୨୫।୯: ଚଳିତ ଏସୀୟ କ୍ରୀଡ଼ାରେ ଭାରତୀୟ ମିଶ୍ରିତ ଯୁଗଳ ଟେବୁଲ ଟେନିସ୍ (ଟିଟି) ଯୋଡ଼ି ମନୁଷ ଶାହ ଓ ଦିୟା ଚିତାଲେ କାଂସ୍ୟ ପଦକ ଜିତିଛନ୍ତି। ଶୁକ୍ରବାର ସେମିଫାଇନାଲ୍‌ରେ ଏହି ଭାରତୀୟ ଯୋଡ଼ି ୦-୪ (୮-୧୧, ୫-୧୧, ୮-୧୧, ୨-୧୧)ରେ ଚୀନ୍‌ର ସୁନ୍ ୟିଙ୍ଗଶା ଓ ୱାଙ୍ଗ ଚୁକ୍ୱିନ୍‌ଙ୍କଠୁ ହାରିଯାଇଥିଲେ। ଏଥିସହ ମନୁଷ ଓ ଦିୟା ଦ୍ୱିତୀୟ ଭାରତୀୟ ମିଶ୍ରିତ ଯୁଗଳ ଯୋଡ଼ି ଭାବେ ଏସୀୟ କ୍ରୀଡ଼ାରେ ପଦକ ଜିତିବାର




ଗୌରବ ପାଇଛନ୍ତି। ପୂର୍ବରୁ ଶରତ କମଲ ଓ ମନିକା ବାତ୍ରା ୮ ବର୍ଷ ତଳେ ଜାକର୍ତ୍ତାରେ କାଂସ୍ୟ ଜିତିଥିଲେ। ଶୁକ୍ରବାର ସକାଳେ କ୍ୱାର୍ଟର ଫାଇନାଲ୍‌ରେ ମନୁଷ ଓ ଦିୟା ୩-୧ (୧୧-୬, ୧୩-୧୫, ୧୧-୯, ୧୧-୫)ରେ ବିଶ୍ୱର ୪ ନମ୍ବର ହଂକଂ ଯୋଡ଼ି ୱୁ ହୋଇ କେମ୍ ଓ ୱଙ୍ଗ ଚୁନ୍ ତିଙ୍ଗ୍‌ଙ୍କୁ ପରାସ୍ତ କରିଥିଲେ। ପୁରୁଷ ଏକକରେ ମନୁଷ ୪-୦ରେ ଇରାନର ବେନ୍ୟାମିନ ଫରାଜିଙ୍କୁ ଏବଂ ମହିଳା ଏକକରେ ଯଶସ୍ୱିନୀ ଘୋରପଡ଼େ ୪-୧ରେ ସିରିଆର ହେଣ୍ଡ ଜାଜାଙ୍କୁ ହରାଇ ରାଉଣ୍ଡ ୧୬ରେ ପହଞ୍ଚିଛନ୍ତି।

## ଏମସିଏଲ୍ ଦ୍ୱାରା ଉନ୍ନତମାନର ହଳଦୀ ଚାଷ ପାଇଁ ଏମଓୟୁ ସ୍ୱାକ୍ଷରିତ

ସମ୍ବଲପୁର, ୨୫।୯: ମହାନଦୀ କୋଲଫିଲ୍ଡ ଲିମିଟେଡ୍ (ଏମସିଏଲ୍) ପକ୍ଷରୁ କନ୍ଧମାଳ ଜିଲ୍ଲା ପ୍ରଶାସନ ସହିତ ହଳଦୀ ଚାଷର ଉନ୍ନତି ଏବଂ ଜିଲ୍ଲାର କୃଷକମାନଙ୍କର ଜୀବିକା ସୁଯୋଗ ବୃଦ୍ଧି ପାଇଁ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ପ୍ରାୟ ୧ କୋଟି ଟଙ୍କାର ମୋଟ ବ୍ୟୟବରାଦ ସହିତ ଏହି କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର) ପଦକ୍ଷେପର ମୂଳ ଲକ୍ଷ୍ୟ ହେଉଛି କୃଷକମାନଙ୍କୁ ଉନ୍ନତମାନର ସାଲେମ କିସମର ହଳଦୀ ବିହନ ବଣ୍ଟନ କରିବା ଏବଂ ବୈଜ୍ଞାନିକ ତଥା ଉନ୍ନତ ଚାଷ ପ୍ରଣାଳୀ ସମ୍ପର୍କରେ ତାଲିମ ଓ ବୈଷୟିକ ମାର୍ଗଦର୍ଶନ ଯୋଗାଇଦେବା। ଏହି ଯୋଜନାଟି ଫସଲର ଉତ୍ପାଦନ ବୃଦ୍ଧି, କୃଷକଙ୍କ ଆୟରେ ଉନ୍ନତି ଏବଂ ସ୍ଥାୟୀ କୃଷି ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ରୂପରେଖ ପ୍ରସ୍ତୁତ କରାଯାଇଛି, ଫଳରେ ଅଞ୍ଚଳରେ ହଳଦୀ ଆଧାରିତ ଜୀବିକା ଅଧିକ ସୁଦୃଢ଼ ହୋଇପାରିବ। ଗୁଣାତ୍ମକ ରୋପଣ ସାମଗ୍ରୀ ସହିତ ବୈଷୟିକ ଜ୍ଞାନକୌଶଳ ଯୋଗାଇଦେବା ଦ୍ୱାରା



କୃଷକମାନେ ଉନ୍ନତ ଚାଷ ପଦ୍ଧତି ଆପଣାଇବାରେ ଏବଂ ହଳଦୀ ଚାଷର ସାମଗ୍ରିକ ମୂଲ୍ୟ ବୃଦ୍ଧି କରିବାରେ ଏହି ପ୍ରକଳ୍ପ ସହାୟକ ହେବ। ଓଡ଼ିଶାର ଏକ ଆକାଂକ୍ଷୀ ଜିଲ୍ଲା କନ୍ଧମାଳର କୃଷକ ସମାଜର ସ୍ଥାୟୀ ଜୀବିକା ବିକାଶ ଏବଂ ଅର୍ଥନୈତିକ ସଶକ୍ତିକରଣ ଦିଗରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ଆଶା କରାଯାଉଛି। କନ୍ଧମାଳ ଜିଲ୍ଲାରେ ଅନ୍ତର୍ଭୁକ୍ତ ଓ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇ ଏମସିଏଲ୍ ପକ୍ଷରୁ ଏପର୍ଯ୍ୟନ୍ତ ୨୧.୫୭ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସିଏସ୍ଆର୍ ପ୍ରକଳ୍ପଗୁଡ଼ିକୁ ମଞ୍ଜୁର କରାଯାଇଛି।

## ଡ. ଅଚ୍ୟୁତ ସାମନ୍ତଙ୍କୁ 'ଏଡୁକେସନ୍ ଫିଲାନ୍ଥ୍ରପିକ୍ ଆୱାର୍ଡ'

ଭୁବନେଶ୍ୱର, ୨୫।୯: ବିଶିଷ୍ଟ ଶିକ୍ଷାବିତ୍, ସମାଜ ସଂସ୍କାରକ ତଥା କିଟ୍, କିସ୍ ଓ କିମସର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଆନ୍ତର୍ଜାତିକ ଚେସ୍ ମହାସଂଘ ଫିଡେ ପକ୍ଷରୁ ପ୍ରତିଷ୍ଠିତ 'ଏଡୁକେସନ୍ ଫିଲାନ୍ଥ୍ରପିକ୍ ଆୱାର୍ଡ'ରେ ସମ୍ମାନିତ କରାଯାଇଛି। ଆଜି ଉଜବେକିସ୍ତାନରେ ୪୬ତମ ଫିଡେ ଚେସ୍ ଅଲିମ୍ପିଆଡ୍ ଓ କଂଗ୍ରେସ ଅବସରରେ ଆୟୋଜିତ ଫିଡେର 'ଚେସ୍ ଇନ୍ ଏଡୁକେସନ୍' ସମିଟ୍ ଅବସରରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଫିଡେର କାର୍ଯ୍ୟକାରୀ ଅଧ୍ୟକ୍ଷ ବିଶ୍ୱନାଥନ ଆନନ୍ଦ ଏବଂ ଫିଡେ ମ୍ୟାନେଜମେଣ୍ଟ ବୋର୍ଡର ଉପାଧ୍ୟକ୍ଷା ଡାନା




ରେଜନିଏସ୍ କେ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଡ. ସାମନ୍ତଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ୧୨୦ଟି ଦେଶର ପ୍ରତିନିଧି ଉପସ୍ଥିତ ଥିଲେ।

## ଗୋଛରାରେ ଚାରାରୋପଣ

କୁଚିଣ୍ଡା, ୨୫।୯: ଗୋଛରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଆନୁକୂଲ୍ୟରେ ସେବା ସଂକଳ୍ପ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜୟନ୍ତ ସାହୁ (ବିଡ଼ିଓ କୁଚିଣ୍ଡା), ସମ୍ମାନନୀୟ ଅତିଥି - ରୁଦ୍ରପ୍ରତାପ ଦେଓ, ସାଂସଦ ପ୍ରତିନିଧି -



ଦୁବରାଜ କିସାନ,ଜିଲ୍ଲାପରିଷଦ ସଭ୍ୟ -ଥନେଶ୍ୱର୍ ନାଏକ, ସରପଞ୍ଚ, ଏବିଡିଓ, ଏଇଇଡ, ଉଦିତ ପ୍ରତାପ ଦେଓ ସଭାରେ ବୃକ୍ଷରୋପଣର ଉପାଦେୟତା ଉପରେ ବକ୍ତବ୍ୟ ରଖିଥିଲେ। ସଭାକାର୍ଯ୍ୟକୁ ପ୍ରଶାନ୍ତ କୁମାର ଦାଶ ପରିଚାଳନା କରିଥିଲେ। ଶତାଧିକ ଯୁବକ ଓ ଯୁବତୀ ଏକ ପଦଯାତ୍ରା କରି ସ୍ଥାନୀୟ ବନ୍ଧ ଓ ଜଳାଶୟରେ ୧୫୦ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରକାଶ ପିଙ୍ଗ (ଜେ.ଇ), ଜଗମୋହନ ପିଙ୍ଗ (ଜେ. ଇ), ଯଶୋବନ୍ତ ବିଶ୍ୱାଳ ସହଯୋଗ କରିଥିଲେ।

## ଜଗନ୍ନାଥ ଜମି ବନ୍ଦୋବସ୍ତ ପାଇଁ ଆସିବ ଇ-ପୋର୍ଟାଲ

ଭୁବନେଶ୍ୱର, ୨୫।୯: ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି ବନ୍ଦୋବସ୍ତ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଇ-ପୋର୍ଟାଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ପରେ ଏହି ନିଷ୍ପତ୍ତି ହୋଇଛି। ଶ୍ରୀଜଗନ୍ନାଥଙ୍କ ଜମି ବନ୍ଦୋବସ୍ତ ପ୍ରକ୍ରିୟାକୁ ଓ ଶୃଙ୍ଖଳିତ କରିବା ପାଇଁ ଏକ ଇ-ପୋର୍ଟାଲ ହେବ। ପୋର୍ଟାଲରେ ଜମି ଭୋଗ କରୁଥିବା ସେବାୟତ ଓ ଅଣସେବାୟତଙ୍କ ତଥ୍ୟ ରହିବ ।

# କମିଲା ବର୍ଷା, ବଢ଼ିଲା ଦୁର୍ଦ୍ଦଶା

**ଗଛ ପଡ଼ି ବଙ୍କା-ସୁରମଣୀ ରାସ୍ତା ଅବରୋଧ**

**ମାଆ ବ୍ରାହ୍ମଣଦେବୀ ମନ୍ଦିରରେ ୩ ଫୁଟ ପାଣି**

**ବାଳିକା ଉଚ୍ଚ ବିଦ୍ୟାଳୟର ପାଚେରି ଭୁଶୁଡ଼ିଲା**

ବେଲଗୁଣ୍ଠା, ୨୫।୯(ନିପ୍ର): ଅବପାତ ପ୍ରଭାବରେ ତିନି ଦିନ ଧରି ହୋଇଥିବା ଲଗାଣ ବର୍ଷା ପରେ ଶୁକ୍ରବାର ବର୍ଷାର ପରିମାଣ କମିଥିଲେ ମଧ୍ୟ ବେଲଗୁଣ୍ଠା ବ୍ଲକ୍‌ରେ ବର୍ଷା ପରବର୍ତ୍ତୀ ଦୁର୍ଦ୍ଦଶା ବଢ଼ିଛି। ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଚାଷଜମି ଜଳମଗ୍ନ ହୋଇ ରହିଥିବା ବେଳେ ରାସ୍ତାଘାଟ ଓ ଶିକ୍ଷାନୁଷ୍ଠାନ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବିଭିନ୍ନ ନଦୀ ଓ ନାଳରେ ଜଳସ୍ତର ଉଚ୍ଚ ରହିଥିବାରୁ ଚାଷଜମିରୁ ପାଣି ନିଷ୍କାସନ ହୋଇପାରୁନାହିଁ। ବେଲଗୁଣ୍ଠା ସହରର ମାଆ ବ୍ରାହ୍ମଣଦେବୀ ମନ୍ଦିର ରାସ୍ତା ଉପରେ ଶୁକ୍ରବାର ସକାଳୁ ବନ୍ୟାଜଳ ପ୍ରବାହିତ ହୋଇଥିଲା। ସେହିପରି ଶୁକ୍ରବାର ସକାଳ ସମୟରେ ବେଲଗୁଣ୍ଠା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରାୟ ୩୦ ଫୁଟ ଲମ୍ବର ଇଟା ପାଚେରୀ ଭୁଶୁଡ଼ି ପଡ଼ିଛି। ବଙ୍କା ପଞ୍ଚାୟତର ବଙ୍କା-ସୁରମଣୀ ରାସ୍ତାରେ ଏକ ବଡ଼ ଗଛ ଉପୁଡ଼ି ପଡ଼ି ରାସ୍ତା ଅବରୋଧ ହୋଇଥିଲା। ଏଥିସହ ବିଦ୍ୟୁତ୍ ତାର ଛିଡ଼ିଯିବାରୁ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିଲା। ଗୋବରା ଅଞ୍ଚଳର କାଳିଆମ୍ବା

**ନୟାଗଡ଼:** ସାମ୍ପ୍ରତିକ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ନୟାଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନାଟୁଗାଁ ଗ୍ରାମ ପଞ୍ଚାୟତର ଖେଡାବରଣା ଗ୍ରାମରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବନ୍ୟାଜଳ ଯୋଗୁଁ ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଖବର ପାଇ ବିଜେପିର ରାଷ୍ଟ୍ରୀୟ ଓ ରାଜ୍ୟ ପରିଷଦ ସଦସ୍ୟା ପ୍ରତ୍ୟୁଷା ରାଜେଶ୍ୱରୀ ସିଂ( ରାଣୀ ମା ) ଓଡ଼ିଶା ବାହାରେ ଥିବା ଯୋଗୁଁ ସ୍ଥାନୀୟ ନେତୃବୃନ୍ଦଙ୍କୁ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ସମସ୍ୟା ବୁଝିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶକ୍ରମେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ତଥା ବର୍ତ୍ତମାନର ନୟାଗଡ଼ ପୌରାଞ୍ଚଳ ବିଜେପି ପ୍ରଭାରୀ ନସିର ଅହମଦ(ନସ) ଏବଂ ପୂର୍ବତନ ସମିତି ସଭ୍ୟ ତଥା ବର୍ତ୍ତମାନର ଇଟାମାଟି ମଣ୍ଡଳ ବିଜେପି ସହ-ପ୍ରଭାରୀ ପୂର୍ଣ୍ଣଚନ୍ଦ୍ର ନାୟକ ଖେଡାବରଣା ସମେତ ସ୍ଥାନୀୟ ଅଞ୍ଚଳ ପରିଦର୍ଶନ କରିଥିଲେ।

**ଦାମନଯୋଡି:** ଗତ ବୁଧବାର ଓ ଗୁରୁବାର ଦୁଇଦିନ ଧରି ଅବପାତର ପ୍ରଭାବ କୋରାପୁଟ ଜିଲ୍ଲାରେ ଦେଖିବାକୁ ମିଳିଛି । ଶିଳ୍ପାଞ୍ଚଳ ଦାମନଯୋଡି ଓ ଆଖପାଖ ଅଞ୍ଚଳରେ ଅଞ୍ଚଳରେ ଅତି ପ୍ରବଳ ବର୍ଷା ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । କୋରାପୁଟ ବ୍ଲକ୍ ଅନ୍ତର୍ଗତ ମରିଚମାଳ ପଞ୍ଚାୟତ ଅଧିନରେ ଥିବା ନାଲକୋ ଟାଉନସିପ ଅଞ୍ଚଳ ସେକ୍ଟର -୨ ସ୍ଥିତ ଏ - ୩୦୧ରୁ ୩୧୨ ନମ୍ବର ମଧ୍ୟରେ ଥିବା ତଳ ମହଲା ନାଲକୋ କର୍ମଚାରୀ ମାନଙ୍କ ଘରେ ଦୁଇ ଫୁଟ ଉଚ୍ଚତାରେ ପାଣି ପଶି ଯାଇଥିଲା । ନାଲକୋ ସୁରକ୍ଷା ଦାୟିତ୍ୱରେ ଥିବା କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀର ଅଗ୍ନିଶମ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ ପୂର୍ବକ ପମ୍ପ୍ ଲଗାଇ ପାଣି ବାହାର କରାଯାଇଥିଲା । ସେହିପରି ଦାମନଯୋଡି ସନ୍ନିକଟ ସେମିଳିଗୁଡା ବ୍ଲକ୍ ଅନ୍ତର୍ଗତ ଚାରାଙ୍ଗୁଲ ପଞ୍ଚାୟତ ଅଧିନରେ ଥିବା ଭେଜାପୁଟ, ସତସଙ୍ଗ ଆଦି ଅଞ୍ଚଳରେ ପାଣି ପଶିଯିବା ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ ।

**ଆସିକା:** ବଙ୍ଗୋପସାଗରରେ ସୃଷ୍ଟ ଅବପାତ ପ୍ରଭାବରେ ଗତ ଦିନ ଧରି ଲାଗିରହିଥିବା ବର୍ଷା ଯୋଗୁଁ ଆସିକା ଦେଇ ପ୍ରବାହିତ ଦୁଇ ନଦୀ ମଧ୍ୟରୁ ଋଷିକୂଲ୍ୟାରେ ୭ଫୁଟ ଓ ବଡ଼ନଦୀରେ ୧୦ଫୁଟ ପାଣି ପ୍ରବାହିତ ହୋଇଛି । ଯାହା ଫଳରେ ଅଞ୍ଚଳବାସୀ ଭୟଭୀତ ହୋଇ ରହିଥିଲେ। ଏହା କ୍ରମଶଃ ହ୍ରାସ ହେବାରେ ଲାଗିଛି। ଆସିକା ବ୍ଲକର ତଳି ଅଞ୍ଚଳଗୁଡିକ ଯେପରି ଖୁକୁଣ୍ଡିଆ, ମୁନିଗାଡ଼ି, ଚାଟୁଳା, କେନ୍ଦୁପଦର, ବେଣାପାଟ, କେଶପୁର, ଫାଫଲପୁର, ଚନ୍ଦନପେଢ଼ୀ , ଭେଟନଇ, ତରାସିଂଙ୍ଗ, ମେଣ୍ଟାପଡା, ଜୟପୁର, ଚଢ଼େୟାପଲ୍ଲୀ, ତୁମ୍ବା ଠେଙ୍ଗାପଲ୍ଲୀ, ଜଗନ୍ନାଥ ପଲ୍ଲୀ, ପୁଡୁଗେଶ୍ୱର ପଲ୍ଲୀ, ଆସିକା ସୁନାମ୍ବ ସାହି, କାଳଷଣ୍ଢପୁର, ନଳବଣ୍ଟା, ଗୌଡ଼ଗଠ, ନବରନ୍ପୁର, ମଂଗଳପୁର ଆଦି ଅଞ୍ଚଳର ହଜାର ହଜାର ହେକ୍ଟର ଚାଷ ଜମି ଜଳବନ୍ଦୀ ଅବସ୍ଥାରେ ଅଛି। ଚାଷୀ ମୁଣ୍ଡରେ ଚଡ଼କ ପଶିଚି। ପ୍ରଶାସନ ପକ୍ଷରୁ ତୁରନ୍ତ ଜଳ ନିଷ୍କାସନ କରିବା ପାଇଁ ପଦକ୍ଷେପ ନେବାସହ କ୍ଷୟ କ୍ଷତିର ଆକଳନ କରି ସହାୟତା ଯୋଗାଇଦେବା ପାଇଁ ଚାଷୀ ମାନେ ଦାବୀ କରିଛନ୍ତି।

**ଝରିଗାଁ (ନବରଙ୍ଗପୁର):** ଲଗାଣ ବର୍ଷା ଯୋଗୁଁ ଝରିଗାଁ ବ୍ଲକ ଧମଣା ପଞ୍ଚାୟତ ଅନ୍ତର୍ଗତ ମେଟଗୁଡା ଗ୍ରାମର ଗୋବିନ୍ଦ ଭତରାଙ୍କ ରୋଷେଇ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଗତ ଦୁଇ ଦିନର ଲଗାତାର ବର୍ଷାରେ ମାଟି କାନ୍ଥ ଦୁର୍ବଳ ହୋଇ ଘର ଭୁଶୁଡି ପଡିଛି ବୋଲି ପରିବାର ଲୋକେ କହିଛନ୍ତି। ଘର ଭିତରେ ଥିବା ଚାଉଳ, ବାସନ ଓ ଅନ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଛି। ଏ ନେଇ ଗୋବିନ୍ଦ ଭତରା ରେଭିନ୍ୟୁ ଡିପାର୍ଟମେଣ୍ଟ ନିକଟରେ ଗୁହାରି କରିଛନ୍ତି ଯେ, 'ମୋର ରୋଷେଇ ରୁମ ଭାଙ୍ଗି ଯାଇଛି, ଦୟାକରି ମୋତେ କିଛି ସରକାରୀ ସହାୟତା ଯୋଗାଇ ଦିଆଯାଉ।' ସ୍ଥାନୀୟ ଲୋକେ ପ୍ରଶାସନକୁ ତୁରନ୍ତ କ୍ଷୟକ୍ଷତି ଆକଳନ କରି ସହାୟତା ଦେବାକୁ ଦାବି କରିଛନ୍ତି।

**ହିଞ୍ଜିଳିକାଟୁ:** ସାମ୍ଭାବ୍ୟ ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଗତ ୩ ଦିନ ଧରି ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଥିଲା। ଗୁରୁବାର ବିଳମ୍ବିତ ରାତିରେ ବର୍ଷା ସାଙ୍ଗକୁ ପବନ ବୋହିବା ପ୍ରଭାବରେ ୩୬ ନଂ ରାଜ୍ୟ ରାଜପଥ ତଥା ହିଞ୍ଜିଳିକାଟୁ ବ୍ଲକ୍



ସିକିରି - ରାଳବ ମଧ୍ୟବର୍ତ୍ତୀ ରାସ୍ତାରେ ଏକ ବଡ ଗଛ ଉପାଡି ହୋଇ ରାଜପଥରେ ଉପରେ ପଡି ରହିଥିଲା। ଫଳରେ ହିଞ୍ଜିଳିକାଟୁ - ତାରାତାରିଣୀ ମୁଖ୍ୟ ରାସ୍ତା ଅବରୋଧ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାନବାହାନ ଅଟକି ରହିଥିଲା। ଖବର ପାଇ ହିଞ୍ଜିଳିକାଟୁ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗଛକୁ କାଟି ବାହାର କରିବା ପରେ ରାସ୍ତା ଅବରୋଧ ହଟିବା ସହ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଅନ୍ୟପକ୍ଷରେ ପବନ ଓ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଗଛ ପଡିବା ସହ ବିଦ୍ୟୁତ୍ ତାର ଛିଡି ପଡ଼ିବାରୁ ସ୍ଥାନୀୟ ଅଞ୍ଚଳରେ ଦୀର୍ଘ ୮ ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା।

# ଜ୍ଞାନେଶ କୁମାରଙ୍କ ବହିଷ୍କାର ଦାବିରେ କଂଗ୍ରେସର ବିଶାଳ ରାଲି: ଭକ୍ତ ଗିରଫ

- ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ
- ରାହୁଲ ଗାନ୍ଧିଙ୍କ ଅଭିଯୋଗ ସତ ପ୍ରମାଣିତ: ଭକ୍ତ
- ଜ୍ଞାନେଶ ନ ହଟିବା ଯାଏଁ କଂଗ୍ରେସର ଗଣଧାରଣା

ଭୁବନେଶ୍ୱର, ୨୫।୯: ଆଜି ନୁହେଁ, ତିନି ବର୍ଷ ହେଲା ରାହୁଲ ଗାନ୍ଧି କହିଆସୁଛନ୍ତି 'ଭୋଟ୍ ଚୋରି' ହେଉଛି। ତାଙ୍କର ଅଭିଯୋଗ ସତ ପ୍ରମାଣିତ ହୋଇଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବହିଷ୍କାର ଦାବିରେ ଶୁକ୍ରବାର ମଧ୍ୟାହ୍ନରେ ଏଡିଏମ କାର୍ଯ୍ୟାଳୟଠାରୁ ଏକ ବିଶାଳ ରାଲିର ନେତୃତ୍ୱ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଓ ଅବସରରେ ଗଣମାଧ୍ୟମକୁ ସେ କହିଛନ୍ତି, ଅଗଷ୍ଟ ୭, ୨୦୨୫ରେ ରାହୁଲ ଗାନ୍ଧି ସାମ୍ବାଦିକ ସମ୍ମିଳନୀ କରି ତଥ୍ୟପ୍ରମାଣ ସହ କର୍ଣ୍ଣାଟକର ମହାଦେବପୁରା ବିଧାନସଭା ଆସନର ନକଲି ଭୋଟରଙ୍କ ତାଲିକା ଉପସ୍ଥାପନ କରିଥିଲେ। ଦେଶର ନିର୍ବାଚନ ପ୍ରକ୍ରିୟାକୁ 'ଚୋରି' କରିବାକୁ ମୋଦୀ ସରକାର ନିର୍ବାଚନ ଆୟୋଗକୁ ଅସ୍ତ୍ରଭାବେ ବ୍ୟବହାର କରିଆସୁଛନ୍ତି। ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ବିଜେପି ସରକାରର ହାତବାରିସୀ ସାଜି ଦେଶବ୍ୟବାପୀ ତ୍ରୁଟିପୂର୍ଣ୍ଣ ସଘନ ସ୍ୱତନ୍ତ୍ର ସଂଶୋଧନ (ଏସ୍ଆଇଆର) କରାଇ ଦେଶର ଗଣତାନ୍ତ୍ରିକ ବିଧିବ୍ୟବସ୍ଥାକୁ ହତ୍ୟା କରିବା



ପ୍ରମାଣିତ ହୋଇଛି। ୨୩ ସେପ୍ଟେମ୍ବର 'ଇଣ୍ଡିଆନ ଏକ୍ସପ୍ରେସ' କାଗଜରେ ରିତିକା ଚପ୍ରାଙ୍କ ଆଲେଖ୍ୟ ଚାଞ୍ଚଲ୍ୟ ସୃଷ୍ଟି କରିଛି। ନିର୍ବାଚନ ଆୟୋଗ ମୋଦୀ ସରକାରର ହାତବାରିସି ସାଜିଥିବା ସ୍ପଷ୍ଟ ହୋଇଛି। ଏହି ବିଶାଳ କାର୍ଯକ୍ରମ ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। କାର୍ଯକ୍ରମକୁ ଭଣ୍ଡୁର କରିବାକୁ ବହୁ ଦୂରରୁ ବ୍ୟାରିକେଡ଼ କରାଯାଇଥିଲା। ସେଠାରେ ଶ୍ରୀ ଦାସ ଓ କଂଗ୍ରେସର ଅନ୍ୟ ନେତୃବୃନ୍ଦଙ୍କୁ ଗିରଫ କରାଯାଇଥିଲା। ଏହାପରେ ଶ୍ରୀ ଦାସଙ୍କ ନେତୃତ୍ୱରେ ଲୋଅର ପିଏମଜିରେ ପିସିସି ପକ୍ଷରୁ ଗଣଧାରଣା ଆରମ୍ଭ ହୋଇଥିଲା। ଜ୍ଞାନେଶ ବିଦା ନ ହେବାଯାଏ ଏହିସତ୍ୟାଗ୍ରହ ଚାଲିବ ବୋଲି ସୂଚନା ଦିଆଯାଇଛି।

# ହଜାରୀ ଛକ ନିକଟରେ ଧସିଲା ଏନଏଚ୍-୫୪

କେନ୍ଦ୍ରାପଡ଼ା, ୨୫।୯(ନିପ୍ର): କେନ୍ଦ୍ର ସରକାରଙ୍କ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ-୫୪ର ହଜାରୀ ଛକ ନିକଟରେ ରାସ୍ତାର ଏକ ଅଂଶ ଭୁଶୁଡ଼ି ପଡ଼ିଥିବା ଅଭିଯୋଗ ହୋଇଛି। ଲଘୁଚାପଜନିତ ବର୍ଷା ପରେ ରାସ୍ତାର ଏହି ଅଂଶ ଧସିଥିବା ଜଣାପଡ଼ିଛି। ଘଟଣାକୁ ନେଇ ରାସ୍ତାର ନିର୍ମାଣ ମାନ ଓ ଗୁଣବତ୍ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ନିକଟରେ ଶ୍ୟାମସୁନ୍ଦରପୁର ଛକ ଓଭରବ୍ରିଜ୍ ନିକଟରେ ମଧ୍ୟ ରାସ୍ତା ଧସିବା ଘଟଣା ସାମ୍ନାକୁ ଆସିଥିଲା। ସେହି ଘଟଣାର ଚର୍ଚ୍ଚା ଥମିନଥିବା ବେଳେ ପୁଣି ହଜାରୀ ଛକ ନିକଟରେ ରାସ୍ତା ଧସିବା ଘଟଣା ଯାତ୍ରୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ାଇଛି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଏହି ଜାତୀୟ ରାଜପଥ ନିର୍ମାଣ ସରିବାର କେଇ ମାସ ମଧ୍ୟରେ ଏଭଳି ଧସିବା ଘଟଣାରେ ନିର୍ମାଣ କାର୍ଯ୍ୟର ଗୁଣବତ୍ତା, ରାସ୍ତା ନିର୍ମାଣରେ ବ୍ୟବହୃତ ସାମଗ୍ରୀ, ମାଟି ପକାଇବା ଓ ଦବାଇବା ପ୍ରକ୍ରିୟା ଏବଂ ନିର୍ମାଣ କାର୍ଯ୍ୟର ତଦାରଖକୁ ନେଇ ପ୍ରଶ୍ନ ଉଠିଛି। ବିଶେଷକରି ବର୍ଷା ହେଲେ ରାସ୍ତାର କେତେକ ଅଂଶ ଧସିଯିବା ଘଟଣା ଯଦି ପୁନରାବୃତ୍ତି ହୁଏ, ତେବେ ଏହା ଯାତାୟାତର ସୁରକ୍ଷା ପାଇଁ ଚିନ୍ତାର ବିଷୟ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ରାସ୍ତା ନିର୍ମାଣରେ କୌଣସି ତ୍ରୁଟି ରହିଛି କି, ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ କାମ ହୋଇଛି କି ନାହିଁ ଏବଂ ନିର୍ମାଣ ପରେ ରାସ୍ତାର ଗୁଣବତ୍ତା ଠିକ୍ ଭାବେ ଯାଞ୍ଚ କରାଯାଇଥିଲା କି ନାହିଁ, ଏସବୁ ଦିଗର ତଦନ୍ତ ଦାବି ହୋଇଛି। ଏହା ସହିତ ରାସ୍ତା ନିର୍ମାଣକାରୀ ସଂସ୍ଥା ଓ ସମ୍ପୃକ୍ତ ବିଭାଗର ଦାୟିତ୍ୱକୁ ନେଇ ମଧ୍ୟ ସାଧାରଣରେ ପ୍ରଶ୍ନ ଉଠିଛି।

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ**
**କାମାକ୍ଷାନଗର**

13001/1961/2627

ନୋଟିସ ନମ୍ବର ୨୬୫୩ // ତାରିଖ ୨୨/୯/୨୬ //

**ନୋଟିସ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ , କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ପଶୁ ଡାକ୍ତରଖାନା ସାମନାରେ ନିର୍ମିତ ପ୍ରଥମ ମହଲା ୦୫(ପାଞ୍ଚ) ଗୋଟି ଦୋକାନ ଗୃହ କୁ ଲିଜ ସୂତ୍ରରେ ଆବଣ୍ଟନ କରାଯିବ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଦୋକାନ ଘର ପାଇଁ ଇଚ୍ଛୁକ ବ୍ୟକ୍ତି ଘରର ଦରଖାସ୍ତ ସହିତ ନିମ୍ନଲିଖିତ ଟଙ୍କା security money ଭାବରେ ଅଗ୍ରିମ ଦାଖଲ କରିବେ । ଦରଖାସ୍ତ କରିବାକୁ ଇଚ୍ଛୁକ ବ୍ୟକ୍ତି ତା. **୨୪.୦୯.୨୦୨୬** ରିଖ ଗୁରୁବାର, ଦିବା ୧୦ ଘଟିକା ଠାରୁ ତା. **୦୮.୧୦.୨୦୨୬** ରିଖ ଗୁରୁବାର, ଅପରାହ୍ନ ୨ ଘଟିକା ମଧ୍ୟରେ କାର୍ଯ୍ୟାଳୟରୁ ଆବେଦନ ଫର୍ମ, ଟ.୧୦୦.୦୦ ଙ୍କା ଜମା ଦେଇ ସଂଗ୍ରହ କରିପାରିବେ । ଦରଖାସ୍ତ ଫର୍ମ ସହିତ ଆଧାର କାର୍ଡ, ଏକ ଗୋଟି ପାସପୋର୍ଟ ସାଇଜ ଫଟୋ ଏବଂ ଧାର୍ଯ୍ୟ security money, Bank Draft/Banker's Cheque ଆକାରରେ ତା. **୦୯.୧୦.୨୦୨୬** ରିଖ ଶୁକ୍ରବାର ଅପରାହ୍ନ ୧ ଘଟିକା ମଧ୍ୟରେ କାର୍ଯ୍ୟାଳୟରେ ଦାଖଲ ଦେବେ। ଏହି Bank Draft/Banker's Cheque ,Executive Officer, NAC, Kamakhyanagar ଙ୍କ ନାମରେ ରହିବ(Payable at Kamakhyanagar) । ସେହିଦିନ ତା. **୦୯.୧୦.୨୦୨୬** ରିଖ ଶୁକ୍ରବାର ଅପରାହ୍ନ ୩ ଘଟିକା ସମୟରେ ଆବେଦନ ପତ୍ର ଗୁଡ଼ିକୁ ଯାଞ୍ଚ କରାଯିବ । ଆବେଦନ ରେ ଅକୃତକାର୍ଯ୍ୟ ବ୍ୟକ୍ତିଙ୍କର ଟଙ୍କା ବିନା ସୁଧରେ ଫେରସ୍ତ ଦିଆଯିବ । ଏଥିପାଇଁ ସେମାନେ କୌଣସି ସୁଧ ଦାବି କରିପାରିବେ ନାହିଁ ।

| Sl No. | Name of the Market Complex | Room No | Size | Security Amount |
|---|---|---|---|---|
| ୧ | ପଶୁ ଡାକ୍ତରଖାନା ସାମନାରେ ନିର୍ମିତ ପ୍ରଥମ ମହଲା ପଶ୍ଚିମ ପାର୍ଶ୍ୱ | ୦୪ | ୧୦' X ୧୨' | ଟ. ୨,୫୦,୦୦୦.୦୦ |
| ୨ | ପଶୁ ଡାକ୍ତରଖାନା ସାମନାରେ ନିର୍ମିତ ପ୍ରଥମ ମହଲା ପୂର୍ବ ପାର୍ଶ୍ୱ | ୦୨,୦୩,୦୫,୦୬ | ପ୍ରତ୍ୟେକ ଗୃହ ୧୦' X ୧୨' | ପ୍ରତ୍ୟେକ ଗୃହ ପିଛା ଟ. ୨,୫୦,୦୦୦.୦୦ |

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, କାମାକ୍ଷାନଗର

OIPR-13001/13128/1/26-27/0007

# ସମବାୟ ସଦସ୍ୟତା ମହାଅଭିଯାନ 'ସମ୍ବନ୍ଧ'ର ଶୁଭାରମ୍ଭ

## ପ୍ରତ୍ୟେକ ପରିବାର ସହ ଯୋଡ଼ି ହେବାକୁ ସାଂସଦଙ୍କ ପରାମର୍ଶ

ପୁରୀ ୨୫।୯(ନିପ୍ର): ଶୁକ୍ରବାର ପୂର୍ବାହ୍ନରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ପୁରୀ ଜିଲ୍ଲା ପ୍ରଶାସନ ସମବାୟ ବିଭାଗ ପକ୍ଷରୁ ସମବାୟ ସଦସ୍ୟତା ମହାଅଭିଯାନ'ସମ୍ବନ୍ଧ'ର ଶୁଭାରମ୍ଭ କରାଯାଇଛି ।ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଡିଜିଟାଇଜେସନ 'ସମ୍ବନ୍ଧ' ଆପ୍‌ର ଶୁଭାରମ୍ଭ କରାଯାଇଥିଲା। ପୁରୀରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର ସମବାୟ ଏକ ଆନ୍ଦୋଳନ ଯାହା ପରିବାରକୁ ଆର୍ଥିକ ସମୃଦ୍ଧି ପଥରେ ନେବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ଗୁଜରାଟର ଅମୂଲ ଓ ମହାରାଷ୍ଟ୍ରର ଆଖୁ ସମବାୟ ଶିଳ୍ପର ଉଦାହରଣ ଦେଇ ଆମ ରାଜ୍ୟରେ ମଧ୍ୟ ସମବାୟ ଏକ ପୁରାତନ ସଂସ୍ଥା । ଆସ୍କା, ନୟାଗଡ଼, ବଡ଼ମ୍ବାର ଚିନି କଳ ଏହାର ଉଦାହରଣ। ପୁନଶ୍ଚ ଏହାର ପୁନରୁଦ୍ଧାର ଓ ଆଧୁନିକୀକରଣ ପାଇଁ ପଦକ୍ଷେପ ନିଆଯାଉଛି। ପୁରୀ ଜିଲ୍ଲାରେ ୨୪୭ ସମବାୟ ସମିତି ରହିଥିବା ବେଳେ ୩ ଲକ୍ଷରୁ ଊର୍ଦ୍ଧ୍ୱ ସଦସ୍ୟ ରହିଛନ୍ତି। ସମ୍ବନ୍ଧ ଆପ୍ ମାଧ୍ୟମରେ ଅତିଶୀଘ୍ର ଆଉ ଏକ ଲକ୍ଷ ସଦସ୍ୟଙ୍କୁ ସାମିଲ କରାଯିବ ବୋଲି



ଡା. ପାତ୍ର କହିଥିଲେ ।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏଥିରେ ଯୋଗ ଦେଇ ସମବାୟ, ସଂଗଠନକୁ ସମୃଦ୍ଧ ଓ ସଂଗଠିତ କରିବା ସହ ଆର୍ଥିକ ସମୃଦ୍ଧିକୁ ସୁନିଶ୍ଚିତ କରିବା ସମ୍ବନ୍ଧର ମୂଳ ଲକ୍ଷ୍ୟ ବୋଲି କହିଥିଲେ ।ଆମ ଜିଲ୍ଲାରେ ସମବାୟକୁ ଅଧିକ ମଜଭୁତ ଓ କ୍ରିୟାଶୀଳ କରିବା ସମ୍ପର୍କରେ ସମସ୍ତ ସମିତି ସଂକଳ୍ପ ନେବାକୁ ସେ କହିଥିଲେ ।ପ୍ରାରମ୍ଭରେ ଜିଲ୍ଲା ସମବାୟ ସମିତିର ନିବନ୍ଧକ ସରୋଜିନୀ ଜେନା ସମସ୍ତଙ୍କୁ ସ୍ୱାଗତ ସହ ଜିଲ୍ଲାରେ ସମବାୟର ସ୍ଥିତି, ଆଗାମୀ କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ସାତପଡାଗଡ କୃଷି ସମବାୟ ସମିତିର ଗୋଦାମ ଗୃହ, ଗଡ଼ ମୃଗୁଶିରା କୃଷି ସମବାୟ ସମିତିର ଧାନ ବିକ୍ରୟ କେନ୍ଦ୍ରର ଭିତ୍ତିଭୂମି ବିକାଶ ଓ ମାଲୁଦ କୃଷି ସମବାୟ ସମିତିର କାର୍ଯ୍ୟାଳୟର ଶୁଭ ଉଦଘାଟନ ଓ ମହୁରା ମଡେଲ ମଣ୍ଡିର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ ।ଏହି ଅବସରରେ ଚାରି ଗୋଟି ଲାଭାନ୍ୱିତ ପ୍ୟାକ୍ସର ୧୨ ଜଣ ଚାଷୀମାନଙ୍କୁ ଲାଭାଂଶ ଅର୍ଥର ଚେକ୍ ସାଂସଦ ଡା ପାତ୍ର ପ୍ରଦାନ କରିଥିଲେ ।ସମବାୟ ସମିତିର ଆସିଷ୍ଟାଣ୍ଟ ଅଡିଟ ଜେନେରାଲ ସନ୍ତୋଷ କୁମାର ଜାଲି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ପୁରୀ ନିମାପଡା ୟୁନାଇଟେଡ କୋଅପରେଟିଭ ସୋସାଇଟିର ସିଇଓ ତପତୀ ପଟ୍ଟନାୟକ, ସହକାରୀ ନିବନ୍ଧକ ସନାତନ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ମଦ୍ୟପ ପାଇଲଟ ନିଲମ୍ବିତ

ନୂଆଦିଲ୍ଲୀ, ୨୫।୯: ଶୁକ୍ରବାର ସନ୍ଧ୍ୟାରେ ମିଳିଥିବା ଏକ ଖବରରୁ ପ୍ରକାଶ ଯେ ଏୟାର ଇଣ୍ଡିଆ ସେପ୍ଟେମ୍ବର ୬ ତାରିଖରେ ସ୍ୱିଜରଲ୍ୟାଣ୍ଡର ଜୁରିଚ୍ ବିମାନବନ୍ଦରରେ ଜୁରିଚ୍-ଦିଲ୍ଲୀ ବିମାନ (ଏଆଇ୧୫୧) ପରିଚାଳନାରୁ ହଟାଯାଇଥିବା ପାଇଲଟଙ୍କୁ ନିଲମ୍ବିତ କରିଛି। ଗ୍ରାଉଣ୍ଡ ହ୍ୟାଣ୍ଡଲିଂ କର୍ମଚାରୀମାନେ ସଂପୃକ୍ତ ପାଇଲଟଠାରୁ ମଦ୍ୟପାନର ଗନ୍ଧ ପାଇଥିଲେ। ପାଇଲଟଙ୍କୁ ଜଣେ ଯାତ୍ରୀ ଭାବରେ ଭାରତକୁ ଫେରାଇ ଦିଆଯାଇଛି। ପ୍ରାଥମିକ ବ୍ରେଥଆନାଲାଇଜର ପରୀକ୍ଷାରେ ଅନୁମତିପ୍ରାପ୍ତ ସୀମାଠାରୁ ଅଧିକ ମଦ୍ୟପାନ ପଜିଟିଭ୍ ଆସିବା ପରେ ପାଇଲଟଙ୍କୁ ନିଲମ୍ବିତ କରାଯାଇଥିଲା।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ